READ & SHARE
www.ekamaatra.com
ekamaatra@gmail.com
tarakmohanty1970@gmail.com
ekamaatraodia
ekamaatranews

EKAMAATRA
RNI Regd. No. ODIODI/2017/71524

# ଏକମାତ୍ର

ଅନୁସନ୍ଧାନ ପରେ ଖବର



ଓଡ଼ିଶାରେ ଘନ କୁହୁଡ଼ି...

ବର୍ଷ-୪ ସଂଖ୍ୟା-୦୨ ୨୦ - ୨୬ ଜାନୁଆରୀ, ୨୦୨୦ ଭୁବନେଶ୍ୱର Monday Weekly VOL-4 ISSUE-02 20th - 26th JANUARY, 2020 BHUBANESWAR ₹ 5/- (8 Pages)

## ମାଳ ମାଳ ସମସ୍ୟା, ବୁଝୁନି ବିଏମ୍‌ସି

**ଭୁବନେଶ୍ୱର, (ତାରକ ମହାନ୍ତି) :** ଇତିମଧ୍ୟରେ ବିତିଗଲାଣି ଗୋଟିଏ ବର୍ଷ। ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର କାଉନ୍‌ସିଲ ବୈଠକ ଆଉ ବସିନାହିଁ। ବିନା କାଉନ୍‌ସିଲରେ ସ୍ମାର୍ଟସିଟି ଭୁବନେଶ୍ୱରରେ ଅନେକ ବିକାଶମୂଳକ କାର୍ଯ୍ୟ ଚାଲିଛି। ୱାର୍ଡ ଗୁଡିକ ମୁରବୀଶୂନ୍ୟ ହୋଇପଡିଥିବାରୁ ଲୋକେ ନିଜର ଅଭିଯୋଗ ଆଉ କର୍ପୋରେଟର ମାନଙ୍କୁ ଜଣାଉ ନାହାନ୍ତି। ସବୁ କ୍ଷମତା ଏବେ ବିଏମ୍‌ସି ଅଧିକାରୀଙ୍କ ହାତରେ। ହେଲେ ରାଜଧାନୀର ସବୁ ୱାର୍ଡରେ ମାଳ ମାଳ ସମସ୍ୟା ଲାଗିରହିଛି। କେଉଁଠି ରାସ୍ତା ସଫେଇ କରାଯାଉନାହିଁ ତ ଆଉ କେଉଁଠି କୁଢ଼ କୁଢ଼ ଅଳିଆ ପରିବେଶକୁ ଦୂଷିତ କରୁଛି। ସହରର ବିଭିନ୍ନ ସ୍ଥାନରେ ପାଣି ପାଇପ୍ ଓ କେବୁଲ ସଂଯୋଗ ପାଇଁ ରାସ୍ତା ଖୋଳା ହୋଇ ମେଲା ପଡିଛି ତ' ଆଉ କେଉଁଠି ରାସ୍ତା ମରାମତି ଅଧାପନ୍ତରିଆ ଅବସ୍ଥାରେ ପଡିରହିଥିବାରୁ ନାନା ପ୍ରକାର ସମସ୍ୟା ଉପୁଜୁଛି। ବିଭିନ୍ନ ୱାର୍ଡରେ ରାସ୍ତା ଗୁଡିକ ପିଚୁ ଉଠି ଗୋଡି ଗଡୁଛି। ଘରୋଇ ସଂସ୍ଥା ହାତରେ ପରିମଳ ବ୍ୟବସ୍ଥାକୁ ଟେକି ଦେଇ ବିଏମ୍‌ସି ନିଜ ଦାୟିତ୍ୱ ମୁଣ୍ଡରୁ ଖସାଇଲା ଭଳି ମନେ ହେଉଛି। ଲୋକମାନେ ୱାର୍ଡ ଅଫିସ ଆସି ଅଧିକାରୀମାନଙ୍କୁ ନିଜର ସମସ୍ୟା ଜଣାଇ ପାରୁନାହାନ୍ତି।



ବସ୍ତି ଅଞ୍ଚଳରେ କୌଣସି ଉନ୍ନୟନମୂଳକ କାର୍ଯ୍ୟ ହୋଇପାରୁନାହିଁ। ମୌଳିକ ସୁବିଧା ପାଇବାରୁ ବଞ୍ଚିତ ହେଉଛନ୍ତି ଭୁବନେଶ୍ୱରବାସୀ। ପ୍ରସ୍ତାବ କିମ୍ବା ଅଭିଯୋଗ ଶୁଣିବାକୁ କେହି ନାହାନ୍ତି। କେବେ ହେବ ପୌର ନିର୍ବାଚନ ତାହା ମଧ୍ୟ ଏଯାଏ ଜଣାଇ ନାହାନ୍ତି ସରକାର। ୨୦୧୯ ଜାନୁଆରୀ ମାସରେ ବିଏମ୍‌ସିର ଶେଷ ବୈଠକ ବସିଥିଲା। ତା' ପରଠୁ ବିଏମ୍‌ସି ଅଧିକାରୀମାନଙ୍କ ଉପରେ ନିର୍ଭର କରୁଛି ରାଜଧାନୀବାସୀଙ୍କ ଭାଗ୍ୟ। ଆଲୁଅ ଜଳୁ କି ନ ଜଳୁ, ମଇଳା ଉଠୁ କି ନ ଉଠୁ ଲୋକେ ଟିକସ ଦେବାକୁ ବାଧ୍ୟ। ଶୀତ ଦିନେ ମଶାଙ୍କ ପ୍ରାଦୁର୍ଭାବ ବଢୁଥିଲା ବେଳେ ସଞ୍ଜରେ ବୁଲୁନାହିଁ ମଶାଧୂଆଁ ଗାଡି। ସ୍ମାର୍ଟସିଟି ପାଇଁ ବିଭିନ୍ନ ସ୍ଥାନରେ ଯେଉଁ ଉନ୍ନୟନମୂଳକ କାର୍ଯ୍ୟ ଚାଲିଛି ସେଥିରେ ଲୋକଙ୍କ ସମସ୍ୟାକୁ ଅଣଦେଖା କରାଯାଉଥିବା ମଧ୍ୟ ଅଭିଯୋଗ ହେଉଛି। କର୍ପୋରେଟର ମାନଙ୍କ ଜରିଆରେ ଲୋକେ ନିଜର କାର୍ଯ୍ୟ କରିପାରିବାର ଯେଉଁ ସୁବିଧା ରହିଛି ତାହା ଆଉ ଉପଲବ୍ଧ ହେଉନାହିଁ। ସବୁ ୱାର୍ଡରେ ୱାର୍ଡ ଅଫିସ୍ ଥିଲେ ହେଁ ବିଏମ୍‌ସି ଅଧିକାରୀ ଅଭିଯୋଗ ଲୋକଙ୍କ ଅଭିଯୋଗ ଶୁଣୁନାହାନ୍ତି। ବିପର୍ଯ୍ୟସ୍ତ ହୋଇପଡିଥିବା ୱାର୍ଡର ରାସ୍ତାଘାଟ ଗୁଡିକ ତୁରନ୍ତ ମରାମତି ଆବଶ୍ୟକ କରୁଥିବା ବେଳେ ଏଥିପ୍ରତି ବିଏମ୍‌ସିର ନିଘା ନାହିଁ। ଅନେକ ଅଞ୍ଚଳରେ ଜବରଦଖଲ ଯୋଗୁ ରାସ୍ତାଘାଟ ସଙ୍କୁଚିତ ହୋଇପଡୁଥିଲା ବେଳେ ବିଏମ୍‌ସିର କୌଣସି ଅଧିକାରୀ ଏହାକୁ ଗୁରୁତ୍ୱ ଦେଇ କାର୍ଯ୍ୟ କରୁନଥିବାରୁ ସମସ୍ୟା ବଢ଼ିଚାଲିଛି। ବିଶେଷକରି ଜନବହୁଳ ଚନ୍ଦ୍ରଶେଖରପୁର ଅଞ୍ଚଳରେ ଏଭଳି ସମସ୍ୟା ଅନେକ ମାତ୍ରାରେ ବଢ଼ି ଚାଲିଛି। ନୀଳାଦ୍ରି ବିହାର ସେକ୍ଟର-୧ ଠାରୁ ଆରମ୍ଭ କରି ସେକ୍ଟର-୫ ପର୍ଯ୍ୟନ୍ତ ସବୁଠି ଜବରଦଖଲକାରୀ ନିଜର ପତିଆରା ଜାହିର କରୁଛନ୍ତି। ସରକାରୀ ଜମିରେ କୋଠାଘର କରି ଲକ୍ଷାଧିକ ଟଙ୍କା ଭଡା ଆଦାୟ କରୁଥିଲେ ବି ବିଏମ୍‌ସି ଏଥିପ୍ରତି ତିଳେମାତ୍ର ନଜର ଦେଉନାହିଁ। ବେଳେ ବେଳେ ନାମକୁ ମାତ୍ର ଉଚ୍ଛେଦ କରି ନିଜର କାମ ସାରି ଦେଉଛି। ବିଏମ୍‌ସି ଗାଡି ଯିବା ପରେ ଯେଉଁ ଜବର ଦଖଲକୁ ସେଇ ଜବର ଦଖଲ।

### ରାଜ୍ୟ ବିଜେପିର ନୂଆ ସଭାପତି

## ଦାୟିତ୍ୱ ନେଲେ ସମୀର



**ଭୁବନେଶ୍ୱର :** ଓଡିଶାର ସାଧାରଣ ଜନତାଙ୍କ ସେବା ଏବଂ ୩୭ ହଜାର ବୁଥ ସଙ୍ଗଠନକୁ ମଜବୁତ କରିବା ମୋର ପ୍ରାଥମିକତା ରହିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନକଲ୍ୟାଣକାରୀ ଯୋଜନା ଗୁଡିକୁ ତୃଣମୂଳସ୍ତରରେ ପହଞ୍ଚାଇବା ଆମର ମୁଖ୍ୟ ଲକ୍ଷ୍ୟ । ୩୭ ହଜାର ବୁଥର କର୍ମକର୍ତ୍ତାମାନେ ଏହାର ଦାୟୀତ୍ୱ ନେବେ। ମୋଦି ସରକାର ଓଡିଶାବାସୀଙ୍କ ବିକାଶ ପାଇଁ ପଠାଉଥିବା ଅନୁଦାନର ଖର୍ଚ୍ଚ କିପରି ବାଟମାରଣ ନହୋଇ ପ୍ରକୃତ ହିତାଧିକାରୀଙ୍କ ପାଖରେ ପହଞ୍ଚିବ ତାହାକୁ ତଦାରଖ କରିବେ। ଦୃଢ ସଙ୍ଗଠନ, ଲୋକଙ୍କ ସ୍ୱାର୍ଥ ପାଇଁ ସଂଘର୍ଷ ଏବଂ ଲୋକଙ୍କ ବିଶ୍ୱାସକୁ ଆଧାର କରି ଦଳ ମଜବୁତ ହେବ । ସାମୁହିକ ନେତୃତ୍ୱ, ଜନ ବିଶ୍ୱାସ, କାର୍ଯ୍ୟକର୍ତ୍ତାଙ୍କ କଠିନ ପରିଶ୍ରମ ଆଧାର ହେବ ଦଳର ମୂଳମନ୍ତ୍ର ବୋଲି ରାଜ୍ୟ ସଭାପତି ଭାବେ ଦାୟିତ୍ୱ ଗ୍ରହଣ ପରେ କହିଛନ୍ତି ସମୀର ମହାନ୍ତି। ଶ୍ରୀ ମହାନ୍ତି କହିଛନ୍ତି ଯେ ରାଜ୍ୟ ବିଜେପି ଶାଖାର ସଭାପତି ନୁହେଁ ମୁଁ ଆମ ଦଳର ଜଣେ ସାଧାରଣ କାର୍ଯ୍ୟକର୍ତ୍ତା। ମୋତେ ସର୍ବସମ୍ମତି କ୍ରମେ ସଭାପତିର ପଦ ନୁହେଁ ଜଣେ କାର୍ଯ୍ୟକର୍ତ୍ତା ଭାବେ ସଭାପତିର ଦାୟିତ୍ୱ ପାଳନ କରିବା ପାଇଁ ଆପଣମାନେ ନିର୍ଦ୍ଦେଶ ଦେଇଛନ୍ତି। ସଭାପତି ଭାବରେ ଦଳର ସଂଗଠନ ଓ ଜନଆକାଂକ୍ଷାର ପ୍ରତିନିଧିତ୍ୱ ପାଇଁ ଜଣେ ସଂଯୋଜକ ବା ଫାସିଲିଟେଟରର ଦାୟିତ୍ୱରେ ରହି କାମ କରିବା ପାଇଁ ମୁଁ ସଂକଳ୍ପବଦ୍ଧ। ଏହି ଅବସରରେ ବିଜେପିର ୩୭ ହଜାର ବୁଥ ସ୍ତରରୁ ନେଇ ସବୁ ସ୍ଥାନରେ କାମ କରୁଥିବା ଲକ୍ଷ ଲକ୍ଷ ନିଷ୍ଠାପର କାର୍ଯ୍ୟକର୍ତ୍ତାଙ୍କୁ ହୃଦୟରୁ ଅଭିନନ୍ଦନ ଓ ଧନ୍ୟବାଦ ଦେଉଛି। ଓଡିଶାର ଲକ୍ଷ ଲକ୍ଷ କାର୍ଯ୍ୟକର୍ତ୍ତାମାନଙ୍କ ଉପରେ ମୋର ଆଶା ଓ ବିଶ୍ୱାସ ରହିଛି । ସେହିମାନେ ହିଁ ଦଳକୁ ମଜବୁତ୍ କରିବେ। ଓଡିଶାବାସୀ ଆମକୁ ବିରୋଧୀ ଦଳର ମାନ୍ୟତା ଦେଇଛନ୍ତି। ବିଧାନସଭାରେ ଓଡିଶାବାସୀଙ୍କ ସ୍ୱାର୍ଥ ପାଇଁ ସେମାନଙ୍କ ସ୍ୱରକୁ ଶାଣିତ କରିବା ପାଇଁ ଆମ ପାଖରେ ବିରୋଧୀ ଦଳ ନେତା ଏବଂ ଅଭିଜ୍ଞ ଓ ଉଚ୍ଚଶିକ୍ଷିତ ବିଧାୟକ ମାନେ ଅଛନ୍ତି। ➤ ପୃ-୬

## ଫେବୃଆରୀ ୧ରେ ନିର୍ଭୟା ଦୋଷୀଙ୍କୁ ଫାଶୀ

**ନୂଆଦିଲ୍ଲୀ :** ଶୁକ୍ରବାର ପାଟିଆଲା ହାଉସ୍ କୋର୍ଟ ନିର୍ଭୟା ଦୁଷ୍କର୍ମ ଓ ହତ୍ୟା ଆସାମୀଙ୍କୁ ଫାଶୀ ଦେବା ପାଇଁ ସାନି ଡେଥ୍ ୱାରେଣ୍ଟ୍ ଜାରି କରାଯାଇଛି। ତଦନୁଯାୟୀ ଫେବୃଆରୀ ୧ ତାରିଖ ସକାଳ ୬ଟାରେ ୪ ବଳାତ୍କାରୀଙ୍କୁ ଦିଲ୍ଲୀର ତିହାର୍ ଜେଲରେ ଫାଶୀ ଦିଆଯିବ। ଶୁକ୍ରବାର ରାଷ୍ଟ୍ରପତି ରାମନାଥ କୋବିନ୍ଦ ଆସାମୀ ମୁକେଶ ସିଂହ ପଠାଇଥିବା ରାଜକ୍ଷମା ପିଟିସନ୍‌କୁ ଖାରଜ କରି ଦେଇଛନ୍ତି। ଫଳରେ ସେମାନଙ୍କୁ ଫାଶୀଖୁଣ୍ଟରେ ଝୁଲାଇବା ରାସ୍ତା ସଫା ହୋଇଯାଇଛି। ଏହା ପୂର୍ବରୁ ସୁପ୍ରିମକୋର୍ଟ ଦୁଇ ଆସାମୀଙ୍କ କ୍ୟୁରେଟିଭ୍ ପିଟିସନ୍‌କୁ ଖାରଜ କରିଥିଲେ। କେଜରିୱାଲ



ସରକାର ଦିଲ୍ଲୀ ହାଇକୋର୍ଟଙ୍କୁ ଜଣାଇଥିଲେ, ରାଜକ୍ଷମା ଆବେଦନ ବିଚାରାଧୀନ ଥିବାରୁ ୪ ଦୋଷୀଙ୍କୁ ଆସନ୍ତା ୨୨ରେ ଫାଶୀ ଦିଆଯାଇପାରିବ ନାହିଁ। ➤ ପୃ-୬

## ତରଳୁଛି ଏଭେରେଷ୍ଟ

**ନୂଆଦିଲ୍ଲୀ :** ବିଶ୍ୱର ସର୍ବୋଚ୍ଚ ଗିରିଶୃଙ୍ଗ 'ମାଉଣ୍ଟ୍ ଏଭେରେଷ୍ଟ୍' ଦ୍ରୁତବେଗରେ ତରଳୁଛି। ଗୁପ୍ତଚର ଉପଗ୍ରହ ସାହାଯ୍ୟରେ ଉତ୍ତୋଳିତ



ଫଟୋଗୁଡ଼ିକୁ ଭଲଭାବରେ ଅନୁଧ୍ୟାନ କରିବାପରେ ଗବେଷକମାନେ କହିଛନ୍ତି ଯେ ମାଉଣ୍ଟ୍ ଏଭେରେଷ୍ଟ୍ ଶିଖର ଦେଶରୁ ବିରାଟକାୟ ବରଫ ଆସ୍ତରଣ ତରଳୁ ଥିବାରୁ ଉତ୍ତୋଳିତ ଫଟୋରେ ବରଫର ପତଳା ଆସ୍ତରଣ ଦେଖିବାକୁ ମିଳିଛି। ଗବେଷକମାନେ ଦଶନ୍ଧି ତଳର ଉପଗ୍ରହ ଫଟୋ ଓ ସଦ୍ୟ ଫଟୋ ମଧ୍ୟରେ ତୁଳନାତ୍ମକ ଚିତ୍ର ପ୍ରଦାନ କରିଛନ୍ତି। ଗବେଷକଙ୍କ ସୂଚନାନୁସାରେ ୧୯୬୨-୨୦୧୮ ମଧ୍ୟରେ ମାଉଣ୍ଟ୍ ଏଭେରେଷ୍ଟ୍ ➤ ପୃ-୬

### ବକ୍ରବାଣୀ



କେଡେ ନୂଆ କଥା ସତେ ନ ହେଲା
ସମୀର ବହିଲା ବସନ୍ତ ଗଲା
ପୋଡା ମେସିନଟା ନିଆଁ ଧଇଲା
ରାଙ୍ଗାବିଲାଙ୍କର ମାନ ଖାଇଲା
ନିର୍ମଳ ସର୍କାର ଭେଳିକି ଦେଖ
ସୁଶାସନ ଦବା ତାଙ୍କଠୁ ଶିଖ
ଅଣ୍ଡା ମାରି ଜଣେ ଜିୟଲ ଯାଏ
ଖଣ୍ଡା ମାରି ପୁଣି ଜାମିନ୍ ପାଏ
ରାତି ଅଧେ ନେତା ଘରକୁ ଆସେ
ପୁଲିସ୍ ପରମା ଶରଣ ପଶେ।

—— ଟୁଟୁ

## ପୁରୀ ଲାଗି ୫୨୩ କୋଟି, ଝଲସିବ ଶ୍ରୀକ୍ଷେତ୍ର

**ପୁରୀ :** ଶ୍ରୀକ୍ଷେତ୍ରର ସୌନ୍ଦର୍ଯ୍ୟକରଣ ଓ ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୭ଟି ପ୍ରକଳ୍ପର ଭିତିପ୍ରସ୍ତର ସ୍ଥାପନ କରିଛନ୍ତି। ପ୍ରଥମେ ହେଲିକପ୍ଟର ଯୋଗେ ତାଳବଣିଆ ହେଲିପ୍ୟାଡଠାରୁ ଶ୍ରୀମନ୍ଦିର ଅଭିମୁଖେ ଆସିଥିଲେ। ଶ୍ରୀମନ୍ଦିର ଭିତରକୁ ଯାଇ ଶ୍ରୀଜୀଉଙ୍କୁ ଦର୍ଶନ କରିବା ସହ ଓଡିଶାବାସୀଙ୍କ ଶୁଭ ମନାସିଥିଲେ । ଏହି ଦର୍ଶନ ଭଲ ହେବା ସହ ଖୁସି ଅନୁଭବ କରିଥିଲେ। ପୁରୀକୁ ଆହୁରି ସୁନ୍ଦର କରାଯିବ ଓ ଭକ୍ତମାନଙ୍କୁ ସମସ୍ତ ସୁବିଧା ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଇ-ଅଟୋ ଯୋଗେ ମୁଖ୍ୟମନ୍ତ୍ରୀ ଧାଡିଦର୍ଶନ ସେଡ୍ ନିକଟରେ ବୁଲିବା ସହ ପୁରୀ ସୌନ୍ଦର୍ଯ୍ୟକରଣର ନକ୍ସା ବୁଲି ଦେଖିଥିଲେ । ଶ୍ରୀମନ୍ଦିରର ସୁବୁଜିମା, ଧାଡିଦର୍ଶନ ସେଡ ଓ ପାରିପାର୍ଶ୍ୱିକ ଅବସ୍ଥା ଦେଖି ଖୁସି ହୋଇଥିଲେ । ପରେ ପରେ ମାର୍କେଟଛକ ନିକଟରେ ବହୁତଳ ବିଶିଷ୍ଟ ପୌରମାର୍କେଟଠାରେ ୭ଟି ପ୍ରକଳ୍ପର ଭିତିପ୍ରସ୍ତର ସ୍ଥାପନ କରିଥିଲେ । ବିଶ୍ୱଐତିହ୍ୟ ନଗରୀ କରିବା ପାଇଁ ବିଭିନ୍ନ ସୌନ୍ଦର୍ଯ୍ୟକରଣ କାମ ଶ୍ରୀକ୍ଷେତ୍ରରେ ଚାଲିଛି । ୭ଟି ପ୍ରକଳ୍ପ ମଧ୍ୟରେ ଅବଢା ଯୋଜନାରେ ଶ୍ରୀସେତୁ, ଜଗନ୍ନାଥ ବଲ୍ଲଭ ଭକ୍ତ କେନ୍ଦ୍ର, ପୁରୁଣା ଜେଲରୋଡ ପାଖରେ ବହୁତଳ ପାର୍କିଂ, ପୌର ମାର୍କେଟ ଗୃହ, ୫୦ ହଜାର ଲୋକଙ୍କ ପାଇଁ ଅତ୍ୟାଧୁନିକ ରୋଷେଇ ଗୃହ, ସମୁଦ୍ରକୂଳରେ ଭେଣ୍ଡିଂ ଜୋନ୍, ସ୍ୱର୍ଗଦ୍ୱାରର ଉନ୍ନତିକରଣ ପ୍ରକଳ୍ପଗୁଡିକର ଭିତିପ୍ରସ୍ତର ସ୍ଥାପନ କରିଥିଲେ। ଓଡିଶାର ପ୍ରଥମ ଶ୍ରୀସେତୁ ଭାବେ ଜାତୀୟ ରାଜପଥ ମାଳତୀପାଟପୁରଠାରୁ ଶ୍ରୀଜଗନ୍ନାଥ ବଲ୍ଲଭ ପର୍ଯ୍ୟନ୍ତ ୨.୩ କିଲୋମିଟର ମହୁରୀ ଆକୃତି ବ୍ରିଜ ନିର୍ମାଣ କରାଯିବ। ଏଥିପାଇଁ ବ୍ୟୟ ଅଟକଳ ୧୮୧କୋଟି ଟଙ୍କା ରଖାଯାଇଛି । ମଙ୍ଗଳାଘାଟ ଛକଠାରେ ଏହି ବ୍ରିଜରୁ ସାତପଡା ରାସ୍ତାକୁ ମଧ୍ୟ ସଂଯୋଗ କରାଯିବ । ବ୍ରିଜର ପ୍ରବେଶ ପଥରେ ଆକର୍ଷଣୀୟ ତୋରଣ ନିର୍ମିତ ହେବ। ଏଥିପାଇଁ ଘରୋଇ ଓ ସରକାରୀ ଜମି ଅଧିଗ୍ରହଣ କରାଯିବ। ସମଙ୍ଗ, ମାଟିତୋଟା, ମାର୍କଣ୍ଡେଶ୍ୱର ସାହି ଓ ଦାଣ୍ଡିମାଳ ସାହି ମୌଜାରେ ଥିବା ଜମିଗୁଡିକ ଅଧିଗ୍ରହଣ କରାଯିବ। ଶ୍ରୀଜଗନ୍ନାଥବଲ୍ଲଭ ମଠ ଭିତରେ ଏକ ୬ ମହଲା ବିଶ୍ୱସ୍ତରୀୟ ଭକ୍ତ କେନ୍ଦ୍ର ନିର୍ମାଣ କରାଯିବ। ଏଥିପାଇଁ ୧୯୦କୋଟି ଟଙ୍କା ବ୍ୟୟ ଅଟକଳ ରଖାଯାଇଛି। ଏହାସହ ସେଠାରେ ୧୦୦୦ଟି ୪ଚକିଆ ଯାନ ପାର୍କିଂ ପାଇଁ ବ୍ୟବସ୍ଥା କରାଯିବ। ସେଠାରେ ମଧ୍ୟ ଏକ ବିରାଟ ଧ୍ୟାନ କେନ୍ଦ୍ର ନିର୍ମାଣ କରାଯିବ। ମେଡିକାଲ ଛକ ନିକଟରେ ଥିବା ପୁରୁଣା ଜେଲ ପରିସରରେ ୯୦କୋଟି ୨୨ଲକ୍ଷ ବ୍ୟୟ ଅଟକଳରେ ବହୁତଳ ବିଶିଷ୍ଟ କାର ପାର୍କିଂସ୍ଥଳ ନିର୍ମାଣ କରାଯିବ। ୫୦୦ଟି ଚାରିଚକିଆ ଓ ୫୦୦ ମୋଟର ସାଇକେଲ ସେଠାରେ ରହିବା ପାଇଁ ବ୍ୟବସ୍ଥା କରାଯିବ । ଏହାସହ ୩୫୦ ଦୋକାନ ଗୃହ ନିର୍ମାଣ କରାଯିବ। ବଡଦାଣ୍ଡ ମାର୍କେଟଛକଠାରେ ଏକ ବହୁତଳ ବିଶିଷ୍ଟ ମାର୍କେଟକମ୍ପ୍ଲେକ୍ସ ନିର୍ମାଣ କରାଯିବ। ଏଥିପାଇଁ ୪୪କୋଟି ୮୨ଲକ୍ଷ ଟଙ୍କା ବ୍ୟୟ ଅଟକଳ ରଖାଯାଇଛି। ଏହା ୫ତଳ ବିଶିଷ୍ଟ କମ୍ପ୍ଲେକ୍ସ ନିର୍ମାଣ କରାଯିବ । ୫୦୦ଟି ଦୋକାନ ଗୃହ ଓ ୧୦୦ଟି ଚାରିଚକିଆ ଗାଡି ରହିବା ପାଇଁ ବ୍ୟବସ୍ଥା ହେବ। ➤ ପୃ-୬



## ପ୍ରତିବର୍ଷ ଜାନୁଆରୀ ଶେଷ ସପ୍ତାହରେ ପଦୋନ୍ନତି ଅଦାଲତ

**ଭୁବନେଶ୍ୱର :** ସରକାରୀ କର୍ମଚାରୀଙ୍କ ପଦୋନ୍ନତି କ୍ଷେତ୍ରରେ ଥିବା ବିଭିନ୍ନ ସମସ୍ୟାର ସମାଧାନ ପାଇଁ ସରକାର ପଦୋନ୍ନତି ଅଦାଲତ କରିବାକୁ ଯାଉଛନ୍ତି। ଚଳିତ ମାସ ୨୮, ୨୯ ଓ ୩୧ ତାରିଖରେ ଏହି ଅଦାଲତ ଅନୁଷ୍ଠିତ ହେବ। ଗତ ସପ୍ତାହରେ ଏହି ପଦୋନ୍ନତି ଅଦାଲତ ବସାଇବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଥିଲେ। ପ୍ରତିବର୍ଷ ଜାନୁଆରୀ ମାସ ଶେଷ ସପ୍ତାହରେ ପଦୋନ୍ନତି ଅଦାଲତ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ନିଷ୍ପତ୍ତିକୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେଇଥିଲେ। ୨୦୧୯ ଡିସେମ୍ବର ୩୧ ତାରିଖ ସୁଦ୍ଧା ଯେଉଁମାନେ ପଦୋନ୍ନତି ପାଇବାକୁ ଯୋଗ୍ୟ ହେଉଥିବେ ସେମାନେ ଆସନ୍ତା ୨୩ ତାରିଖ ସୁଦ୍ଧା gadmin.or@nic.in ଲିଙ୍କ୍‌ରେ ଆବେଦନ କରିବାକୁ କୁହାଯାଇଛି। ୬ଟି ସ୍ଥାନରେ ଆୟୋଜିତ ହେବାକୁ ଥିବା ଏହି ଅଦାଲତରେ ମୁଖ୍ୟ ଶାସନ ସଚିବଙ୍କ ସମେତ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀମାନେ ଶୁଣାଣି କରିବାର କାର୍ଯ୍ୟକ୍ରମ ରହିଛି। ଅଦାତଲରେ ନିଜେ ଆବେଦନକାରୀଙ୍କ ଉପସ୍ଥିତ ହେବାକୁ ପଡ଼ିବ। ତାଙ୍କ ତରଫରୁ ଅନ୍ୟ କେହି ଅଦାଲତରେ ହାଜର ହୋଇପାରିବେ ନାହିଁ। ଯଦି ଜଣେ କର୍ମଚାରୀ ପଦୋନ୍ନତି ପାଇବାକୁ ଯୋଗ୍ୟ ଏବଂ ସେ ପଦୋନ୍ନତି ପାଇନାହାନ୍ତି ତେବେ ବିଭାଗର ଅଧିକାରୀଙ୍କୁ ଏଥିପାଇଁ ଦାୟୀ କରାଯିବ। ୫-ଟି'ର ଆଭିମୁଖ୍ୟ ହେଉଛି ଯେ ଜଣେ ଯୋଗ୍ୟ କର୍ମଚାରୀଙ୍କୁ ସ୍ୱଚ୍ଛତାର ସହ ସମୟଭିତ୍ତିକ ପଦୋନ୍ନତି ଦେଲେ ତାଙ୍କର କାର୍ଯ୍ୟଦକ୍ଷତା ବୃଦ୍ଧି ହେବ ଏବଂ ସେ ସାଧାରଣ ଲୋକଙ୍କୁ ଉପଯୁକ୍ତ ସେବା ଦେଇପାରିବେ। ମୁଖ୍ୟ ଶାସନ ସଚିବ ଅସିତ୍ କୁମାର ତ୍ରୀପାଠୀ ଆସନ୍ତା ୨୮ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଶୁଣାଣି କରିବେ। ୨୮ ତାରିଖ ସକାଳ ୧୦ଟାରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର କର୍ମଚାରୀଙ୍କ ଶୁଣାଣି ଥିବା ବେଳେ ସେହିଦିନ ୩ଟା ବେଳେ ଯୋଜନା ଓ ସଂଯୋଜନ ବିଭାଗର କର୍ମଚାରୀଙ୍କ ଶୁଣାଣି ହେବ। ୨୯ରେ ଗ୍ରାମ୍ୟ ଉନ୍ନୟନ ବିଭାଗ କର୍ମଚାରୀଙ୍କ ଶୁଣାଣି ପୂର୍ବାହ୍ନ ୧୦ଟାରେ ଥିବାବେଳେ ଖଣି ଓ ଇସ୍ପାତ ବିଭାଗର କର୍ମଚାରୀଙ୍କ ଶୁଣାଣି ଅପରାହ୍ନ ୩ଟାରେ ହେବ। ସେହିପରି ଜଙ୍ଗଲ ଓ ପରିବେଶ ବିଭାଗର କର୍ମଚାରୀଙ୍କ ପଦୋନ୍ନତି ସମ୍ପର୍କିତ ଶୁଣାଣି ଆସନ୍ତା ୩୧ରେ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ପୂର୍ବାହ୍ନ ୧୦ଟାରେ କରାଯିବାର କାର୍ଯ୍ୟକ୍ରମ ରହିଛି। ଉନ୍ନୟନ କମିଶନର ସୁରେଶ ଚନ୍ଦ୍ର ମହାପାତ୍ର ଗୋପବନ୍ଧୁ ଏକାଡେମୀରେ ପଦୋନ୍ନତି ଅଦାଲତର ଶୁଣାଣି କରିବେ। ୨୮ରେ ଉଚ୍ଚଶିକ୍ଷା, ବିଜ୍ଞାନ ଓ କାରିଗରୀ କୌଶଳ, ସରକାରୀ ଉଦ୍ୟୋଗ ବିଭାଗର କର୍ମଚାରୀଙ୍କ ଶୁଣାଣି ଶ୍ରୀ ମହାପାତ୍ର କରିବେ। ସେହିପରି ୨୯ରେ ବିଦ୍ୟାଳୟ ଓ ଗଣଶିକ୍ଷା, କ୍ରୀଡ଼ା ଓ ଯୁବସେବା, ଶ୍ରମ ଓ ନିଯୋଜନ ବିଭାଗର ଶୁଣାଣି ହେବ। ୩୧ରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ, ଅବକାରୀ ଏବଂ ସୂଚନା ଓ ଲୋକସମ୍ପର୍କ ବିଭାଗର ପଦୋନ୍ନତି ସମ୍ପର୍କିତ ମାମଲାଗୁଡ଼ିକର ଶୁଣାଣି କରାଯିବ। ବରିଷ୍ଠ ପ୍ରଶାସକ ତଥା ଏପିସି ପ୍ରଦୀପ୍ତ କୁମାର ମହାପାତ୍ର କୃଷି ଭବନ ଅଡିଟୋରିୟମରେ ଶୁଣାଣୀ କରିବେ। ୨୮ ତାରିଖରେ ଖାଦ୍ୟ ଯୋଗାଣ, ବାଣିଜ୍ୟ ଓ ପରିବହନ (ବାଣିଜ୍ୟ) ସହ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର କର୍ମଚାରୀଙ୍କ ପଦୋନ୍ନତି ଶୁଣାଣି ପାଇଁ ଦିନ ଧାର୍ଯ୍ୟ ହୋଇଛି। ୨୯ରେ ଜଳ ସମ୍ପଦ, ପୂର୍ତ୍ତ ଓ ବାଣିଜ୍ୟ ଓ ପରିବହନ ➤ ପୃ-୬



## କେମିତି କଟିବ ଏ ସପ୍ତାହ

**ମେଷ** – ତୀର୍ଥସ୍ଥାନ ଭ୍ରମଣ କରିବାର ସୁଯୋଗ ଆସିବ। କର୍ମକ୍ଷେତ୍ରରେ ପଦୋନ୍ନତି ହେବାର ଅଧିକ ସମ୍ଭାବନା। ବିଦ୍ୟାର୍ଥୀମାନେ କମ୍ ପରିଶ୍ରମରେ ଅଧିକ ଫଳପ୍ରଦ ହେବେ। ନୂତନ ଯାନ କ୍ରୟ କରିବାର ସମୟ ଆସିବ। ବ୍ୟବସାୟରେ ଉନ୍ନତି କରିବେ।

**ବୃଷ** – ଆଶା କରିଥିବା କର୍ମରେ ଶୁଭଫଳ ମିଳିବ। କର୍ମକ୍ଷେତ୍ରରେ ପଦୋନ୍ନତି ହେବାର ଅଧିକ ସମ୍ଭାବନା। ତୀର୍ଥସ୍ଥାନ ଭ୍ରମଣ କରିବାର ସୁଯୋଗ ଆସିବ। ରାଜନୈତିକ କ୍ଷେତ୍ରରେ ସଫଳତା ହାସଲ କରିବେ। ଗୃହରେ ଶାନ୍ତି ବଜାୟ ରହିବ।

**ମିଥୁନ** – ନୂତନ ଯାନ କ୍ରୟ କରିବେ। ବନ୍ଧୁଙ୍କଠାରୁ ସାହାଯ୍ୟ ମିଳିପାରେ। କର୍ମକ୍ଷେତ୍ରରେ ଆଶା କରିଥିବା ଇଚ୍ଛା ପୂରଣ ହେବ। ବ୍ୟବସାୟୀମାନେ ଲାଭରୁ ବଞ୍ଚିତ ରହିବେ। ରାଜନୈତିକ କ୍ଷେତ୍ରରେ ସଫଳ ହେବେ।

**କର୍କଟ** – କର୍ମକ୍ଷେତ୍ରରେ ସଫଳତା ଲାଭ କରିବେ। ଦୀର୍ଘଦିନର ପୁରୁଣା କାମର ସମାଧାନ ହେବ। ଅତୀତ ଘଟଣାକୁ କେନ୍ଦ୍ରକରି ପଡୋଶୀଙ୍କ ସହ ବିବାଦ ରହିପାରନ୍ତି। ବ୍ୟବସାୟୀମାନେ ବ୍ୟବସାୟରେ ଲାଭବାନ୍ ହେବେ।

**ସିଂହ** – ଧନ ବୃଦ୍ଧିର ଶୁଭ ସଙ୍କେତ ମିଳିପାରେ। କର୍ମକ୍ଷେତ୍ରରେ ପ୍ରଶଂସା ପାଇବେ। ଗୃହରେ ବୟୋଜ୍ୟେଷ୍ଠଙ୍କ ଶରୀର ପ୍ରତି ସତର୍କ ରହିବେ। ଗୃହରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ। ବନ୍ଧୁମିଳନ ଘଟିପାରେ।

**କନ୍ୟା** – ଧର୍ମାନୁଷ୍ଠାନରେ ସମୟ ଅତିବାହିତ କରିବେ। ବିଦେଶ ଯାତ୍ରା କରିପାରନ୍ତି। ଛାତ୍ରଛାତ୍ରୀମାନେ ଶିକ୍ଷାକ୍ଷେତ୍ରରେ ବିଦେଶଯାତ୍ରା କରିବେ। ମହିଳାମାନେ ଆନନ୍ଦରେ ସମୟ କାଟିବେ। ସନ୍ତାନଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତିତ ରହିପାରନ୍ତି।

**ତୁଳା** – କର୍ମକ୍ଷେତ୍ରରେ ଉଚ୍ଚପଦସ୍ଥ କର୍ମଚାରୀଙ୍କଠାରୁ ପ୍ରଶଂସା ପାଇବେ। ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ରହିବ। ତୀର୍ଥସ୍ଥାନ ଭ୍ରମଣ କରି ଆନନ୍ଦିତ ହେବେ। ଶାରୀରିକ ଅସୁସ୍ଥତା ଦୂର ହେବ। ବ୍ୟବସାୟରେ ଲାଭବାନ୍ ହେବେ।

**ବିଛା** – ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ଛାତ୍ରଛାତ୍ରୀମାନେ ପାଠପଢ଼ା କ୍ଷେତ୍ରରେ ଚିନ୍ତିତ ରହିବେ। ଆର୍ଥିକ ସ୍ଥିତିରେ ପରିବର୍ତ୍ତନ ଦେଖାଦେବ। ଲାଗି ରହିଥିବା ଜମିଜମା ବିବାଦର ସମାଧାନ ଘଟିବ।

**ଧନୁ** – ନୂତନ ଗୃହ ନିର୍ମାଣ କରିବାର ସମୟ ଆସିବ। ବୈବାହିକ ଜୀବନ ସୁଖମୟ ହେବ। ଗୃହରେ ଶାନ୍ତିର ବାତାବରଣ ଖେଳିଯିବ। ମାନସିକ ସୁସ୍ଥତା ଅନୁଭବ କରିବେ। ଯାନବାହନ ପ୍ରତି ସତର୍କ ରହିବେ।

**ମକର** – ନୂତନ କର୍ମରେ ଯୋଗ ଦେବାର ସମୟ ଆସିବ। ଯାନବାହନଠାରୁ ଦୂରେଇ ରୁହନ୍ତୁ। ତୀର୍ଥସ୍ଥାନ ଭ୍ରମଣର ସୁଯୋଗ ମିଳିବ। ଛାତ୍ରଛାତ୍ରୀମାନେ ପାଠପଢ଼ାରେ କୃତିତ୍ୱ ଲାଭ କରିବେ। ପରିବାର ମଧ୍ୟରେ ଆନନ୍ଦ ଖେଳିଯିବ।

**କୁମ୍ଭ** – କର୍ମକ୍ଷେତ୍ରରେ ସହକର୍ମୀଙ୍କଠାରୁ ପ୍ରଶଂସା ପାଇବେ। ରାଜନୈତିକ ବ୍ୟକ୍ତିମାନେ ସତର୍କତା ଅବଲମ୍ବନ କରନ୍ତୁ। ବିଦ୍ୟାର୍ଥୀମାନେ ଅଧିକ ପରିଶ୍ରମ କରି ଫଳ ପାଇବେ। ବେକାରୀ ସମସ୍ୟା ଦୂର ହେବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ମୀନ** – ଗୃହରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ। ଲାଗି ରହିଥିବା ବିବାଦର ସମାଧନ ହେବ। ସାମାଜିକ ଉତ୍ସବରେ ସହଯୋଗ କରିବେ। ନୂତନ କର୍ମରେ ଯୋଗ ଦେଇ ପ୍ରଶଂସିତ ହେବେ। ବିଦ୍ୟାର୍ଥୀମାନେ ଶୁଭଫଳ ପାଇବେ।



ଚନ୍ଦ୍ରଶେଖର ମିଶ୍ର
ଜ୍ୟୋତିର୍ବିଦ୍ ଓ ବାସ୍ତୁବିଶାରଦ
କାକଟପୁର, ପୁରୀ
ମୋ-୯୭୭୭୦୬୩୪୧୧

# ଜେଲ୍ ପରିସଂଖ୍ୟାନ, ୬ଷ୍ଠ ସ୍ଥାନରେ ଓଡ଼ିଶା

**ନୂଆଦିଲ୍ଲୀ :** ଅନେକ ସମୟରେ ଅଭିଯୋଗ ହେଉଛି ଯେ, ଆମ ରାଜ୍ୟରେ ଥିବା ଜେଲ୍ ଗୁଡିକରେ କ୍ଷମତା ତୁଳନାରେ ଅଧିକ ବନ୍ଦୀ ରହିଛନ୍ତି। ତେବେ ଓଡ଼ିଶାରେ ସ୍ୱତନ୍ତ୍ର ଜେଲ୍‌ର ଅବସ୍ଥା ଟିକେ ଭିନ୍ନ। ଏଥିରେ ରହିଥିବା କ୍ଷମତା ତୁଳନାରେ କମ୍ କଏଦୀ ରହୁଛନ୍ତି। ସଦ୍ୟ ପ୍ରକାଶିତ ଏନ୍‌ସିଆରବି ଜେଲ୍ ପରିସଂଖ୍ୟନ ରିପୋର୍ଟ-୨୦୧୮ରୁ ହିଁ ଏହା ଜଣାପଡିଛି। ରିପୋର୍ଟ ଅନୁସାରେ, ଓଡ଼ାିଶର ସ୍ୱତନ୍ତ୍ର ଜେଲ୍ ମାନଙ୍କରେ କଏଦୀ ମାନଙ୍କର ରହିବାର କ୍ଷମତା ୧୫୫୧ ଥିବା ବେଳେ ରହୁଛନ୍‌ତି ୧୨୭୫ଜଣ। ଏ କ୍ଷେତ୍ରରେ ଓଡ଼ିଶାର ସ୍ଥାନ ଦେଶରେ ଦ୍ୱିତୀୟ। ପ୍ରଥମ ସ୍ଥାନରେ ରହିଛି କେରଳ, ଯେଉଁଠି ସ୍ୱତନ୍ତ୍ର ଜେଲ୍‌ରେ ୧୬୬୫ଜଣ କଏଦୀ ରହିଛନ୍ତି। ରିପୋର୍ଟ ଅନୁସାରେ, ସମଗ୍ର ଦେଶରେ ଜେଲ୍ ମାନଙ୍କରେ କଏଦୀମାନଙ୍କର ରହିବାର କ୍ଷମତା ୩,୯୬,୨୨୩। କିନ୍ତୁ ସବୁ ଜେଲ୍‌କୁ ମିଶାଇ ସମୁଦାୟ ୪,୬୬,୦୮୪ଜଣ କଏଦୀ ରହୁଛନ୍ତି। ସର୍ବାଧିକ ଜେଲ୍ ସଂଖ୍ୟା ଦୃଷ୍ଟିରୁ ଓଡ଼ିଶାର ସ୍ଥାନ ଷଷ୍ଠ। ରିପୋର୍ଟ ଅନୁସାରେ, ଓଡ଼ିଶାରେ ମୋଟ ୯୧ଟି ଜେଲ୍ ରହିଛି। ରିପୋର୍ଟ ଅନୁଯାୟୀ, ଓଡ଼ିଶାରେ ୫ଟି କେନ୍ଦ୍ରୀୟ ଜେଲ୍ଏ ୯ଟି ଜିଲ୍ଲା ଜେଲ୍ଏ ୭୩ଟି ସବ୍-ଜେଲ୍ଏ ୨ଟି ସ୍ୱତନ୍ତ୍ର ଜେଲ୍ ଏବଂ ଗୋଟିଏ ଲେଖାଏଁ ମୁକ୍ତାକାଶ ଓ ମହିଳା ଜେଲ୍ ଥିବାର ଉଲ୍ଲେଖ ଅଛି। ୨୦୧୮ରେ ଓଡ଼ିଶାର ବିଭିନ୍ନ ଜେଲ୍‌ରେ କଏଦୀମାନଙ୍କ ସଂଖ୍ୟା ୧୬୫୦୧ ଥିବାର ରିପୋର୍ଟରେ ଉଲ୍ଲେଖ ଅଛି, ଯାହାର ପ୍ରତିଶତ ହେଉଛି ୮୬.୧। ଓଡ଼ିଶା ଜେଲ୍ ମାନଙ୍କର ବାସ୍ତବରେ କଏଦୀମାନଙ୍କର ରହିବାର କ୍ଷମତା ହେଉଛି ୧୯୧୭୬ଜଣ। ୨୦୧୮ ରିପୋର୍ଟ ଅନୁସାରେ, କେବଳ ଓଡ଼ିଶାର କେନ୍ଦ୍ରୀୟ ଓ ଜିଲ୍ଲା ଜେଲ୍ ମାନଙ୍କରେ କ୍ଷମତାରୁ ଅଧିକ କଏଦୀ ରହିଛନ୍ତି। ଓଡ଼ିଶାର ୫ଟି କେନ୍ଦ୍ରୀୟ ଜେଲ୍ ମାନଙ୍କରେ ୩୧୨୨ ଧାର୍ଯ୍ୟ କ୍ଷମତାଠାରୁ ୪୦୬୮ କଏଦୀ ରହୁଥିବା ବେଳେ ୯ଟି ଜିଲ୍ଲା ଜେଲ୍ ମାନଙ୍କରେ ୩୫୧୮ ଧାର୍ଯ୍ୟ କ୍ଷମତାରୁ ୩୬୫୩ କଏଦୀ ରହୁଛନ୍ତି। ଓଡ଼ିଶାର ଜେଲ୍ ମାନଙ୍କରେ ୪୧ଜଣ ମହିଳା କଏଦୀ ସେମାନଙ୍କର ଶିଶୁମାନଙ୍କ ସହିତ ରହୁଥିବା ବେଳେ ଶିଶୁମାନଙ୍କ ସଂଖ୍ୟା ହେଉଛି ୪୨। ୨୦୧୮ରେ ଓଡ଼ିଶାର ବିଭିନ୍ନ ଜେଲ୍ ମାନଙ୍କରେ ସମୁଦାୟ କଏଦୀ ମାନଙ୍କର ସଂଖ୍ୟା ଥିଲା ୧୬୫୦୧, ସେଥିମଧ୍ୟରୁ ଦୋଷୀ କଏଦୀ ମାନଙ୍କ ସଂଖ୍ୟା ୩୮୩୩, ବିଚାରଧୀନ କଏଦୀ ମାନଙ୍କ ସଂଖ୍ୟା ୧୨୬୪୯ ତଥା ୧୪ଜଣ ଅଟକ କଏଦୀ ଥିଲେ। ଏତଦ୍‌ବ୍ୟତୀତ ବିଦେଶୀ କଏଦୀ ମାନଙ୍କ ସଂଖ୍ୟା ଥିଲା ୧୨ଜଣ। ସର୍ବାଧିକ ୨୨୬୬ କଏଦୀ ହତ୍ୟା ଅପରାଧରେ ଦଣ୍ଡିତ ହୋଇଥିଲେ ତଥା ୩୫୧୭ଜଣ କଏଦୀ ଆଇପିସି ଅନ୍ତର୍ଗତ ଅପରାଧରେ ଜେଲ୍‌ରେ ଥିଲେ। ୨୦୧୮ରେ ୯ଜଣ କଏଦୀ ମୃତ୍ୟୁଦଣ୍ଡାଦେଶରେ ଦଣ୍ଡିତ ହୋଇଥିବା ବେଳେ ୨୫୪୫ଜଣ କଏଦୀ ଆଜୀବନ କାରାଦଣ୍ଡରେ ଦଣ୍ଡିତ ହୋଇଥିଲେ। ୨୦୧୮ରେ ୪୨୮ଜଣ କଏଦୀ ଅବଧି ପୂରଣ ହେବା ପରେ ଜେଲ୍‌ରୁ ଖଲାସ ହୋଇଥିଲେ। ୧୦୪୭ଜଣ କଏଦୀଙ୍କୁ ଜାମିନରେ ଖଲାସ କରାଯାଇଥିବା ବେଳେ ୧୨୯ଜଣଙ୍କୁ ଅନ୍ୟତ୍ର ଜେଲ୍‌କୁ ସ୍ଥାନାନ୍ତର କରାଯାଇଥିଲା। ୪୨ଜଣ କଏଦୀଙ୍କୁ ପାରୋଲରେ ଖଲାସ କରାଯାଇଥିବା ରିପୋର୍ଟରେ ଉଲ୍ଲେଖ ଅଛି। ସେଥିରୁ ଜଣେ ପାରୋଲରୁ ଖଲାସ ହୋଇ ନିଖୋଜ ହୋଇଥିବା ରିପୋର୍ଟରେ କୁହାଯାଇଛି। ୨୦୧୮ର ଜେଲ୍ ପରିସଂଖ୍ୟାନର ରିପୋର୍ଟରେ ଜେଲ୍‌ରେ ମାନସିକ ରୋଗୀ କଏଦୀଙ୍କ ସଂଖ୍ୟାରେ ଓଡ଼ିଶା ଦେଶରେ ଦ୍ୱିତୀୟ ଥିବାର ଉଲ୍ଲେଖ କରାଯାଇଛି। ଓଡ଼ିଶାର ଜେଲ ମାନଙ୍କରେ ମାନସିକ ରୋଗୀଗ୍ରସ୍ତ କଏଦୀଙ୍କ ସଂଖ୍ୟା ୬୭୭ ବୋଲି ରିପୋର୍ଟରେ ଦର୍ଶାଯାଇଛି। ସେହିଭଳି, ରିପୋର୍ଟରେ ଓଡ଼ିଶାର ବିଭିନ୍ନ ଜେଲରେ ୫୧ଜଣ କଏଦୀଙ୍କର ମୃତ୍ୟୁ ହୋଇଥିବାର ଉଲ୍ଲେଖ ଅଛି। ସେମାନଙ୍କ ମଧ୍ୟରୁ ୪୭ଜଣ କଏଦୀଙ୍କର ସ୍ୱାଭାବିକ କାରଣରୁ ମୃତ୍ୟୁ ହୋଇଥିବା ବେଳେ ୪ଜଣଙ୍କର ଅସ୍ୱାଭାବିକ କାରଣରୁ ମୃତ୍ୟୁ ଘଟିଥିବା ଉଲ୍ଲେଖ ଅଛି। ୨୦୧୮ର ତଥ୍ୟ ଅନୁସାରେ ଓଡ଼ିଶାରେ କଏଦୀ ମାନଙ୍କୁ ୫୨୭୧ଥର ଜେଲ୍‌ରୁ ହସ୍ପିଟାଲକୁ ନିଆଯାଇଥିଲା। ଜେଲ୍‌ରୁ କୋର୍ଟକୁ କଏଦୀ ମାନଙ୍କୁ ୪୩୯୧୭ଥର ନିଆଯାଇଥିବା ରିପୋର୍ଟରେ କୁହାଯାଇଛି। ୨୦୧୮ରେ ଓଡ଼ିଶା ଜେଲରୁ ୧୪ କଏଦୀ ଚମ୍ପଟ ମାରିଥିଲେ ତଥା ଜେଲ୍‌ରେ ଗୋଷ୍ଠୀ ସଂଘର୍ଷରୁ ଜଣେ କଏଦୀର ମୃତ୍ୟୁ ହୋଇଥିବା ବେଳେ ୪ଜଣ ଆହତ ହୋଇଥିବା ରିପୋର୍ଟରେ କୁହାଯାଇଛି। ଅନ୍ୟପକ୍ଷରେ ୨୦୧୮ରେ ଓଡ଼ିଶାର ବିଭିନ୍ନ ଜେଲ୍‌ରୁ କଏଦୀମାନେ ଖଲାସ ହେବା ପରେ ୧୨୯ଜଣ କଏଦୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା ତଥା ୩୬ଜଣଙ୍କୁ ଥଇଥାନ କରାଯାଇଥା ରିପୋର୍ଟରେ ଦର୍ଶାଯାଇଛି।

## 'ଭାରତରତ୍ନଠାରୁ ଉର୍ଦ୍ଧ୍ୱରେ ଗାନ୍ଧିଜୀ'

**ନୂଆଦିଲ୍ଲୀ :** ମହାତ୍ମା ଗାନ୍ଧୀଙ୍କୁ ଭାରତରତ୍ନ ପ୍ରଦାନ କରିବା ପାଇଁ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେବାକୁ ସୁପ୍ରିମକୋର୍ଟ ଶୁକ୍ରବାର ମନା କରି ଦେଇଛନ୍ତି। ମହାତ୍ମା ଗାନ୍ଧୀଙ୍କ ଭଳି ବଳିଷ୍ଠ ବ୍ୟକ୍ତିତ୍ୱଙ୍କୁ ସମ୍ମାନୀତ କରିବା ପାଇଁ ଭାରତରତ୍ନ ଗୌଣ ପ୍ରାୟ। ଭାରତରତ୍ନ ପୁରସ୍କାରଠାରୁ ବହୁ ଉର୍ଦ୍ଧ୍ୱରେ ମହାତ୍ମା ଗାନ୍ଧୀଙ୍କ ସ୍ଥାନ କହି ସୁପ୍ରିମକୋର୍ଟ ଏକ ଜନସ୍ୱାର୍ଥ ମାମଲାକୁ ଖାରଜ କରି ଦେଇଛନ୍ତି। ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଏସ୍ଏ ବୋବ୍‌ଡେ କହିଛନ୍ତି, ମହାତ୍ମା ଗାନ୍ଧୀ 'ଜାତିର ଜନକ'। ଜନମାନସରେ ସେ ଏତେ ଉଚ୍ଚରେ ବସିଛନ୍ତି ଯେ ତାଙ୍କ ପାଇଁ ଅନ୍ୟ କୌଣସି ପରିଚୟ ଅନାବଶ୍ୟକ। ଶୁକ୍ରବାର ମହାତ୍ମା ଗାନ୍ଧୀଙ୍କୁ ଭାରତରତ୍ନ ପ୍ରଦାନ ସମ୍ପର୍କିତ ଆଗତ ଏକ ଜନସ୍ୱାର୍ଥ ମାମଲାର ଶୁଣାଣି କରିଥିଲେ ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଏସ୍ଏ ବୋବ୍‌ଡେ, ଜଷ୍ଟିସ୍ ବିଆର୍ ଗାଭାନି ଓ ଜଷ୍ଟିସ୍ ସୂର୍ଯ୍ୟକାନ୍ତଙ୍କୁ ନେଇ ଗଠିତ ଖଣ୍ଡପୀଠ। ଅତୀତରେ ଏ ସମ୍ପର୍କରେ ଏକାଧିକ ଜନସ୍ୱାର୍ଥ ମାମଲା ସୁପ୍ରିମକୋର୍ଟରେ ଆଗତ କରାଯିବା ପରେ ବାତିଲ୍ ହୋଇଯାଇଛି। ମହାତ୍ମା ଗାନ୍ଧୀଙ୍କୁ ଭାରତରତ୍ନ ପ୍ରଦାନ କରାଯିବା ଅର୍ଥ ତାଙ୍କ ଅବଦାନକୁ ଅସମ୍ମାନ କରିବା ବୋଲି ଅତୀତରେ ସୁପ୍ରିମକୋର୍ଟ ମନ୍ତବ୍ୟ ଦେଇଥିଲେ।

## 'ଗଗନଯାନ' ଭାରତର ସମ୍ପୂର୍ଣ୍ଣ ନିଜସ୍ୱ ପ୍ରଥମ ମାନବ ମହାକାଶ ଅଭିଯାନ

**ନୂଆଦିଲ୍ଲୀ,(ପିଆଇବି):** ଭାରତର ପ୍ରଥମ ମାନବ ମହାକାଶ ଅଭିଯାନ "ଗଗନଯାନ"ର ମହାକାଶଚାରୀମାନେ ଚଳିତ ମାସ ଠାରୁ ସେମାନଙ୍କ ପ୍ରଶିକ୍ଷଣ ଆରମ୍ଭ କରିବେ। ସମ୍ଭବତଃ ଏହି ପ୍ରଶିକ୍ଷଣ ଜାନୁଆରୀ ତୃତୀୟ ସପ୍ତାହ ଠାରୁ ଆରମ୍ଭ ହୋଇପାରେ। ଆଜି ଏହି ଗୁରୁତ୍ୱପୂର୍ଣ୍ଣ ସୂଚନା ପ୍ରଦାନ କରିଛନ୍ତି କେନ୍ଦ୍ର ଉତର ପୂର୍ବାଞ୍ଚଳ କ୍ଷେତ୍ର ବିକାଶ, ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ, କାର୍ମିକ, ସାଧାରଣ ଅଭିଯୋଗ, ପେନସନ, ଆଣବିକ ଶକ୍ତି ଓ ମହାକାଶ ମନ୍ତ୍ରଣାଳୟ ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ ଦାୟିତ୍ୱ) ଡ. ଜିତେନ୍ଦ୍ର ସିଂ। ସେ ଆହୁରି ମଧ କହିଛନ୍ତି ଯେ, ଭାରତର ପ୍ରଥମ ମହାକାଶ ଅଭିଯାନରେ ସାମିଲ ହେବାକୁ ଥିବା ମହାକାଶଚାରୀଙ୍କ ପ୍ରଶିକ୍ଷଣ ରୁଷରେ ହେବ। ଏହି ଅଭିଯାନ ପାଇଁ ୪ ଜଣ ମହାକାଶଚାରୀଙ୍କୁ ଚୟନ କରାଯାଇଛି। ୧୧ ମାସ ଧରି ଏହି ୪ ଜଣ ମହାକାଶଚାରୀ ପ୍ରଶିକ୍ଷଣ ନେବେ। ମହାକାଶ ଅଭିଯାନରେ ସାମିଲ ହେବାକୁ



ଥିବା ୪ଜଣ ମହାକାଶଚାରୀ ପୁରୁଷ, ତେବେ ସେମାନଙ୍କ ପରିଚୟ ସର୍ବସାଧାରଣରେ ପ୍ରକାଶ କରାଯାଇପାରିବ ନାହିଁ ବୋଲି କେନ୍ଦ୍ର ମନ୍ତ୍ରୀ ସୂଚନା ଦେଇଥିଲେ। ରୁଷରେ ୧୧ ମାସ ଧରି ତାଲିମ ନେବା ପରେ ଏହି ମହାକାଶଚାରୀମାନେ ଭାରତରେ ସ୍ୱତନ୍ତ୍ର ମଡ୍ୟୁଲ ତାଲିମ ନେବେ। ଏଥିରେ ସେମାନେ ଇସ୍ରୋ ଦ୍ୱାରା ଡିଜାଇନ ହୋଇଥିବା କ୍ରିଉ ଓ ସର୍ଭିସ ମଡ୍ୟୁଲ ସମ୍ପର୍କରେ ପ୍ରଶିକ୍ଷଣ ନେବେ। ଇସ୍ରୋ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଭାରତର ସବୁଠୁ ଭାରୀ ମହାକାଶ ଉତକ୍ଷେପଣ ଯାନ "ବାହୁବଳୀ" ଜିଏସଏଲଭି ମାର୍କ-ଥ୍ରୀ ଜରିଆରେ ମହାକାଶଚାରୀମାନେ ମହାକାଶକୁ ଯିବେ। ଗଗନଯାନ ପ୍ରକଳ୍ପ ଲାଗି କେନ୍ଦ୍ର କ୍ୟାବିନେଟ ପୂର୍ବରୁ ୧୦ ହଜାର କୋଟି ଟଙ୍କା ମଞ୍ଜୁର କରିସାରିଛନ୍ତି। ଗତବର୍ଷ ସ୍ୱାଧୀନତା ଦିବସ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏ ସମ୍ପର୍କରେ ଘୋଷଣା କରିଥିଲେ। ଭାରତ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ଏହି ଗଗନଯାନ ଅଭିଯାନ ଆରମ୍ଭ କରାଯିବ। ୧୯୮୪ରେ ପ୍ରଥମ ଭାରତୀୟ ଭାବେ ରାକେଶ ଶର୍ମା ମହାକାଶ ଯାତ୍ରା କରିଥିଲେ। ତେବେ ଯେଉଁ ମହାକାଶଯାନରେ ସେ ମହାକାଶକୁ ଯାଇଥିଲେ ତାହା ଭାରତୀୟ ନଥିଲା। ତେଣୁ ପ୍ରଧାନମନ୍ତ୍ରୀଙ୍କ "ମେକ ଇନ ଇଣ୍ଡିଆ" ସ୍ୱପ୍ନକୁ ବାସ୍ତବରେ ପ୍ରତିଫଳିତ କରୁଥିବା "ଗଗନଯାନ" ହେବ ଭାରତ ଦ୍ୱାରା କଳ୍ପିତ ଏବଂ ବିକଶିତ ପ୍ରଥମ ମାନବ ମହାକାଶ ଅଭିଯାନ।

## ଚୀନ୍‌କୁ ଶିକ୍ଷା, ହତାସ ପାକିସ୍ତାନ

**ନୂଆଦିଲ୍ଲୀ :** ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍ଏସ୍‌ସି)ରେ ପାକିସ୍ତାନ ଚୀନ୍ ସହାୟତାରେ କଶ୍ମୀର ପ୍ରସଙ୍ଗ ଉତ୍ଥାପନ କରିବାକୁ ଯାଇ ହତାଶ ହୋଇଛି। ଭାରତର ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ଏହା କୁହାଯାଇଛି। ମନ୍ତ୍ରଣାଳୟର ମୁଖପାତ୍ର ରବୀଶ କୁମାର କହିଛନ୍ତି, ଗତ ବୁଧବାର ଚୀନ୍‌ର ଅନୁରୋଧ କ୍ରମେ ସୁରକ୍ଷା ପରିଷଦର ରୁଦ୍ଧଦ୍ୱାର ବୈଠକ ବସିଥିଲା। ପାକିସ୍ତାନ ଚୀନ୍ ଜରିଆରେ ଏହି ମଞ୍ଚର ଦୁରୁପଯୋଗ କରିବାକୁ ବସିଥିଲା। କିନ୍ତୁ ଏହି ଅଣଆନୁଷ୍ଠାନିକ ବୈଠକ ବିନା ନିଷ୍ପତ୍ତିରେ ଶେଷ ହୋଇଥିଲା। ପାକିସ୍ତାନ ଭିତ୍ତିହୀନ ଅଭିଯୋଗ ଆଣିବାକୁ ଉଦ୍ୟମ କରିଥିଲେ ମଧ୍ୟ ସେଥିରେ ହତାଶ ହୋଇଥିଲା। ରବୀଶ କୁମାର ଆହୁରି କହିଛନ୍ତି, ପାକିସ୍ତାନ ଏଭଳି ଉଦ୍ୟମରୁ ନିବୃତ୍ତ ହେବା ଦରକାର। କଶ୍ମୀର ସମେତ ସମସ୍ତ ଦ୍ୱିପାକ୍ଷିକ ପ୍ରସଙ୍ଗ ଉପରେ ଭାରତ-ପାକିସ୍ତାନ ମଧ୍ୟରେ ଆଲୋଚନା ହେବା ଦରକାର ବୋଲି ବୈଠକରେ ସେଭଳି ଏକ ଦୃଢ଼ ମତ ପ୍ରକାଶ ପାଇଥିଲା। ଏଥିଯୋଗୁଁ ପାକିସ୍ତାନ ହତାଶ ହେବା ସହ ଚୀନ୍‌କୁ ମଧ ଏକ ଶିକ୍ଷା ମିଳିଛି। ଆମ ମତରେ ଚୀନ୍ ଭବିଷ୍ୟତରେ ଏଭଳି ଉଦ୍ୟମରୁ ବିରତ ହେବା ଉଚିତ। ଉଲ୍ଲେଖଯୋଗ୍ୟ ଚୀନ୍ ଓ ପାକିସ୍ତାନ ଜାତିସଂଘରେ ତୃତୀୟଥର ପାଇଁ କଶ୍ମୀର ପ୍ରସଙ୍ଗ ଉତ୍ଥାପନ କରିବାକୁ ଯାଇ ବିଫଳ ହୋଇଛନ୍ତି। ଭାରତୀୟ କୂଟନୀତିଜ୍ଞ ପାକିସ୍ତାନର ଏପ୍ରକାର ମିଥ୍ୟା ଅଭିଯୋଗକୁ ନାକାମ କରିଦେଇଛନ୍ତି। ଜାତିସଂଘରେ ଅବସ୍ଥାପିତ ଭାରତର ପ୍ରତିନିଧି ସୟଦ ଆକବରୁଦ୍ଦିନ୍ ଗତ ବୁଧବାର ବିଳମ୍ବିତ ରାତିରେ ସୁରକ୍ଷା ପରିଷଦର ଏହି ରୁଦ୍ଧଦ୍ୱାର ସମ୍ପର୍କରେ ଟ୍ୱିଟ୍ କରି କହିଥିଲେ, କଶ୍ମୀର ପ୍ରସଙ୍ଗ ଉଠାଇବାକୁ ଯାଇ ଚୀନ୍‌କୁ ଉପଯୁକ୍ତ ଜବାବ ମିଳିଛି।

## ଏସ୍‌ସିଓ ବୈଠକ, ଇମ୍ରାନ୍‌ଙ୍କୁ ଆମନ୍ତ୍ରଣ କରିବ ଭାରତ

**ନୂଆଦିଲ୍ଲୀ :** ଭାରତରେ ପ୍ରଥମଥର ପାଇଁ ସାଂଘାଇ ସହଯୋଗ ସଂଗଠନ (ଏସ୍‌ସିଓ) ସମ୍ମିଳନୀ ଅନୁଷ୍ଠିତ ହେବାକୁ ଯାଉଛି। ଏହି ସମ୍ମିଳନୀରେ ଯୋଗଦେବା ଲାଗି ପାକିସ୍ତାନର ପ୍ରଧାନମନ୍ତ୍ରୀ ଇମ୍ରାନ ଖାନଙ୍କୁ ଆମନ୍ତ୍ରଣ କରିବା ପାଇଁ ଆୟୋଜକ ରାଷ୍ଟ୍ର ଭାରତ ନିଷ୍ପତ୍ତି ନେଇଛି ବୋଲି ବୈଦେଶିକ ମନ୍ତ୍ରଣାଳୟର ପକ୍ଷରୁ କୁହାଯାଇଛି। ମନ୍ତ୍ରଣାଳୟର ମୁଖପାତ୍ର ରବୀଶ କୁମାର କହିଛନ୍ତି, ପ୍ରଚଳିତ ପରମ୍ପରା ଏବଂ ବିଧିବ୍ୟବସ୍ଥା ଅନୁଯାୟୀ ଏସ୍‌ସିଓର ସମସ୍ତ ୮ ସଦସ୍ୟ ରାଷ୍ଟ୍ର, ୪ ପର୍ଯ୍ୟବେକ୍ଷକ ରାଷ୍ଟ୍ର ଏବଂ ଅନ୍ୟ ଅନ୍ତର୍ଜାତୀୟ ଅଂଶୀଦାରମାନଙ୍କୁ ଏହି ସମ୍ମିଳନୀକୁ ଆମନ୍ତ୍ରଣ କରାଯିବ। ଉଲ୍ଲେଖଯୋଗ୍ୟ ଏସ୍‌ସିଓରେ ଚୀନ୍‌ର ବିଶେଷ ପ୍ରଭାବ ରହିଛି। ୨୦୦୧ରେ ସାଂଘାଇଠାରେ ଏହାର ପ୍ରଥମ ଶୀର୍ଷ ବୈଠକ ଅନୁଷ୍ଠିତ ହୋଇଥିଲା। ଏହାର ପ୍ରତିଷ୍ଠାରେ ରୁଷିଆ, ଚୀନ୍, କିରଗିଜସ୍ତାନ, କାଜାଖସ୍ତାନ ଓ ଉଜବେକିସ୍ତାନର ରାଷ୍ଟ୍ରପତିମାନେ ସାମିଲ ହୋଇଥିଲେ। ବୈଦେଶିକ ମନ୍ତ୍ରଣାଳୟ ସୂତ୍ରରୁ ଜଣାପଡ଼ିଛି ଯେ, ପାକ୍ ପ୍ରଧାନମନ୍ତ୍ରୀଙ୍କୁ ଏହି ସମ୍ମିଳନୀକୁ ଆମନ୍ତ୍ରଣ କରାଯିବ। ତେବେ ପାକ୍



ପ୍ରଧାନମନ୍ତ୍ରୀ ଇମ୍ରାନ ଏଥିରେ ଯୋଗଦେବେ କି ନାହିଁ ତାହା ତାଙ୍କ ଉପରେ ନିର୍ଭର କରେ। ସେ ଆମନ୍ତ୍ରଣ ରକ୍ଷାକରି ହୁଏତ ଜଣେ ପ୍ରତିନିଧିଙ୍କୁ ଭାରତ ପଠାଇପାରନ୍ତି। ଏସ୍‌ସିଓ ସମ୍ମିଳନୀରେ କେତେକ କ୍ଷେତ୍ରରେ ରାଷ୍ଟ୍ରମୁଖ୍ୟଙ୍କ ପରିବର୍ତ୍ତେ ବୈଦେଶିକ ମନ୍ତ୍ରୀ ତାଙ୍କ ପକ୍ଷରୁ ପ୍ରତିନିଧିତ୍ୱ କରିବାର ପରମ୍ପରା ରହିଛି। ୨୦୦୫ରୁ ଭାରତ ଏସ୍‌ସିଓରେ ପର୍ଯ୍ୟବେକ୍ଷକ ଭାବେ ଯୋଗଦେଇଆସୁଥିଲା। ୨୦୧୭ ଜୁନ୍ ଠାରୁ ଉଭୟ ଭାରତ ଓ ପାକିସ୍ତାନ ଏସ୍‌ସିଓର ପୂର୍ଣ୍ଣକାଳୀନ ସଦସ୍ୟ ହୋଇଛନ୍ତି। ଏସ୍‌ସିଓ ସମ୍ମିଳନୀରେ ୟୁରୋ-ଏସିଆନ୍ ଅଞ୍ଚଳର ସୁରକ୍ଷା ଏବଂ ଆର୍ଥିକ ସହଯୋଗ ଉପରେ ବିଶେଷ ଗୁରୁତ୍ୱ ଆରୋପ କରାଯାଏ।

## ଖୁବ୍‌ଶୀଘ୍ର ଟ୍ରେନ୍ ଓ ଷ୍ଟେସନରେ ସିଓଡି ସେବା

**ନୂଆଦିଲ୍ଲୀ :** ଭାରତୀୟ ରେଳବାଇ ପକ୍ଷରୁ ଚାହିଦା ମୁତାବକ କଣ୍ଟେଟ ସେବା (ସିଓଡି) ସେବା ଖୁବଶୀଘ୍ର ଯୋଗାଇ ଦିଆଯିବ। ଏହି ସେବା ସମସ୍ତ ପ୍ରିମିୟମ, ଏକ୍ସପ୍ରେସ, ମେଲ ଟ୍ରେନ ଓ ସହରାଞ୍ଚଳ ଟ୍ରେନରେ ମିଳିପାରିବ। ଅଧିକ ଅଣଭଡ଼ା ରାଜସ୍ୱ ସଂଗ୍ରହ ଉଦ୍ଦେଶ୍ୟରେ ରେଳ ମନ୍ତ୍ରଣାଳୟ ଅଧୀନ ନବରତ୍ନ ରାଷ୍ଟ୍ରାୟତ ଉଦ୍ୟୋଗ ରେଲଟେଲ ସହିତ ମିଶି ରେଳବାଇ ବୋର୍ଡ ଟ୍ରେନରେ ଯାତ୍ରୀଙ୍କ ପାଇଁ ଚାହିଦା ମୁତାବକ ସେବା ଯୋଗାଇ ଦିଆଯିବାକୁ ଯୋଜନା କରାଯାଇଛି। ଏଥିପାଇଁ ରେଲଟେଲ ପକ୍ଷରୁ ଜି ଏଣ୍ଟରଟେନମେଣ୍ଟର ଏକ ସହାୟକ କମ୍ପାନୀ ମେସର୍ସ ମାର୍ଗୋ ନେଟୱାର୍କକୁ ଡିଜିଟାଲ ମନୋରଞ୍ଜନ ସେବା ପ୍ରଦାନକାରୀ ଭାବେ ଚୟନ କରାଯାଇଛି। ଏହା ଟ୍ରେନ ଓ ରେଳ ଷ୍ଟେସନରେ ଚାହିଦା ମୁତାବକ କଂଟେଂଟ ସେବା (ସିଓଡି) ଯୋଗାଇ ଦେବ। ଏହି ପ୍ରକଳ୍ପ ୨ ବର୍ଷ ମଧ୍ୟରେ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ବିଭିନ୍ନ ପ୍ରକାରର କଂଟେଂଟ ଯଥା ଚଳଚ୍ଚିତ୍ର, ମନୋରଞ୍ଜନ କାର୍ଯ୍ୟକ୍ରମ, ଶିକ୍ଷା କାର୍ଯ୍ୟକ୍ରମ ଆଦି ଯାତ୍ରୀଙ୍କ ପାଇଁ ଶୁଳ୍କଯୁକ୍ତ ଏବଂ ନିଃଶୁଳ୍କ ଭାବେ ମିଳିପାରିବ। ଏହି



ସେବା କଂଟ୍ରାକ୍ଟ କାର୍ଯ୍ୟକାରୀ ହେବାର ପ୍ରଥମ ଦୁଇ ବର୍ଷ ସହିତ ମୋଟ ୧୦ ବର୍ଷର ଅବଧି ପର୍ଯ୍ୟନ୍ତ ରହିବ। ଏହି ପ୍ରକଳ୍ପ ଅନ୍ତର୍ଗତ ରେଲଟେଲ ପକ୍ଷରୁ ଚଳନ୍ତା ଟ୍ରେନରେ ସଂଯୋଗ ହୋଇଥିବା ମିଡିଆ ସର୍ଭର ଜରିଆରେ ପୂର୍ବରୁ ଲୋଡ ହୋଇଥିବା ବିଭିନ୍ନ ଭାଷାର କାର୍ଯ୍ୟକ୍ରମ(ଚଳଚ୍ଚିତ୍ର, ସଂଗୀତ ଭିଡିଓ, ସାଧାରଣ ମନୋରଞ୍ଜନ, ଲାଇଫଷ୍ଟାଇଲ ଆଦି) ଯୋଗାଇ ଦିଆଯିବ। ସିଓଡି ପ୍ଲାଟଫର୍ମ ଜରିଆରେ ଇ-କମର୍ସ/ଏମ-କମର୍ସ ସେବା, ଯାତ୍ରା ବୁକିଂ (କ୍ୟାବ, ବସ, ଟ୍ରେନ) ସେବା ଯୋଗାଇ ଦିଆଯିବ। ଏହାଛଡ଼ା ଡିଜିଟାଲ ମାର୍କେଟିଂ କ୍ଷେତ୍ରରେ ବିଭିନ୍ନ ଅଭିନବ ସମାଧାନ ମଧ୍ୟ ଉପଲବ୍ଧ ହେବ। ସିଓଡି ମାଧ୍ୟମରେ ଟ୍ରେନରେ ଯାତ୍ରା ସମୟରେ ଯାତ୍ରୀମାନେ ସେମାନଙ୍କ ବ୍ୟକ୍ତିଗତ ଡିଭାଇସ ଜରିଆରେ ବାଧାମୁକ୍ତ ମାଗଣା କିମ୍ବା ଶୁଳ୍କଯୁକ୍ତ ମନୋରଞ୍ଜନ ସେବା ଏବଂ ଉଚ୍ଚ ମାନର ଇଂଟରନେଟ ସେବା ପାଇପାରିବେ। ଏହି ପ୍ରକଳ୍ପ ସମ୍ପର୍କରେ ସୂଚନା ଦେଇ ରେଲଟେଲର ସିଏମଡି ପୁନୀତ ଚାଓଲା କହିଛନ୍ତି ଯେ ୨୦୨୨ ସୁଦ୍ଧା ପ୍ରକଳ୍ପ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକାରୀ ହେବ। ଚାହିଦା ଅନୁଯାୟୀ କଂଟେଂଟ ସେବା ଯାତ୍ରୀଙ୍କ ଯାତ୍ରା ଅନୁଭୂତିରେ ସୁଧାର ଆଣିପାରିବ। ଏହା ଅଣଭଡ଼ା ରାଜସ୍ୱ ମଧ୍ୟ ବୃଦ୍ଧି କରିବ। ଏହି ସେବା ଭାରତୀୟ ରେଳପଥର ସମସ୍ତ ୧୭ଟି ଜୋନରେ ଉପଲବ୍ଧ ହେବ। ଏହି ପ୍ରକଳ୍ପରୁ ମୁଖ୍ୟତଃ ତିନୋଟି ମାର୍ଗରେ ଆୟ ହେବ ଯଥା ବିଜ୍ଞାପନ ରାଜସ୍ୱ, ଶୁଳ୍କଯୁକ୍ତ ସେବା ରାଜସ୍ୱ ଏବଂ ଇ-କମର୍ସ ଓ ଭାଗିଦାରୀ ସେବାରୁ ମିଳୁଥିବା ରାଜସ୍ୱ। ସାରା ଦେଶରେ ଚାଲୁଥିବା ୩୦୦୩ଟି ପ୍ରିମିୟମ, ମେଲ ଓ ଏକ୍ସପ୍ରେସ ଟ୍ରେନ, ୨୮୬୪ ଯୋଡ଼ା ସହରାଞ୍ଚଳ ଟ୍ରେନ (ମୋଟ ୫୭୨୮ଟି ଟ୍ରେନ)କୁ ମିଶାଇ ୮୭୩୧ଟି ଟ୍ରେନରେ ଏହି ସେବା ଯୋଗାଇ ଦେବା ଲାଗି ଯୋଜନା ହୋଇଛି। ସେହିପରି ଦେଶରେ ଥିବା ୫୫୬୩ଟି ୱାଇଫାଇ ସଂଯୁକ୍ତ ରେଳ ଷ୍ଟେସନରେ ସିଓଡି ସେବା ମିଳିପାରିବ।

# ସୁନା ଅଳଙ୍କାରରେ ହଲମାର୍କ ବାଧ୍ୟତାମୂଳକ

**ନୂଆଦିଲ୍ଲୀ, (ପିଆଇବି):** ଏଣିକି ଦେଶରେ ସୁନା ଅଳଙ୍କାର ଓ କଳାକୃତିରେ ହଲମାର୍କକୁ ବାଧ୍ୟତାମୂଳକ କରାଯିବ। ୧୫ ଜାନୁଆରୀ, ୨୦୨୦ ଠାରୁ ବାଧ୍ୟତାମୂଳକ ହଲମାର୍କିଂ ଲାଗି ଏକ ବିଜ୍ଞପ୍ତି କେନ୍ଦ୍ର ଉପଭୋକ୍ତା ବ୍ୟାପାର ବିଭାଗ ପକ୍ଷରୁ ପ୍ରକାଶ ପାଇଛି। ଆସନ୍ତା ୧୫ ଜାନୁଆରୀ ୨୦୨୧ ତାରିଖ ଠାରୁ ଏହି ନିୟମ ସମ୍ପୂର୍ଣ୍ଣ ଭାବେ ବାଧ୍ୟତାମୂଳକ ହେବ। ନିୟମ ଲାଗୁ କରିବା ନିମନ୍ତେ ଗୋଟିଏ ବର୍ଷର ସମୟ ଦିଆଯିବ ବୋଲି ସୂଚନା ଦେଇଛନ୍ତି କେନ୍ଦ୍ର ଉପଭୋକ୍ତା ବ୍ୟାପାର, ଖାଦ୍ୟ ଓ ସାଧାରଣ ବଂଟନ ମନ୍ତ୍ରୀ ରାମବିଳାସ ପାସୱାନ। ଏ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇ ଶ୍ରୀ ପାସୱାନ କହିଛନ୍ତି ଯେ, ସୁନା ଅଳଙ୍କାର ଓ କଳାକୃତିରେ ହଲମାର୍କିଂକୁ ବାଧ୍ୟତାମୂଳକ କରିବା ଲାଗି କେନ୍ଦ୍ର ସରକାର ନିଷ୍ପତି ନେଇଛନ୍ତି। ଏହି ନିଷ୍ପତି ଫଳରେ ଅଳଙ୍କାରର ଶୁଦ୍ଧତା ବଜାୟ ରହିବା ସହିତ ଅଳଙ୍କାର କିଣିବା ସମୟରେ ଗ୍ରାହକମାନେ ଆଉ ଠକାମିରେ ପଡ଼ିବେ ନାହିଁ। ସୁନାର ଶୁଦ୍ଧତା ନେଇ ସେମାନେ ଭଲ ଭାବେ ସୂଚୀତ ହୋଇପାରିବେ। ବର୍ତ୍ତମାନ କେବଳ ତିନୋଟି କ୍ୟାରେଟ ୧୪, ୧୮ ଓ ୨୨ରେ ସୁନା ଅଳଙ୍କାର ମିଳିବ ଓ ଏହାଦ୍ୱାରା ଦୁର୍ନୀତି ଦୂର ହେବ। ହଲମାର୍କିଂ ବାଧ୍ୟତାମୂଳକ ହେବା ପରେ ଏହାର ଉଲ୍ଲଙ୍ଘନ କ୍ଷେତ୍ରରେ ୧ ଲକ୍ଷ ଟଙ୍କା ଠାରୁ ଆରମ୍ଭ କରି ଠକାମି ହୋଇଥିବା ଗହଣାର ୫ ଗୁଣା ମୂଲ୍ୟ ପର୍ଯ୍ୟନ୍ତ ଜୋରିମାନା କିମ୍ବା ଜେଲ ଦଣ୍ଡ ବିଧାନ କରାଯିବ ବୋଲି ମନ୍ତ୍ରୀ ସୂଚନା ଦେଇଥିଲେ। ଏହି ବାଧ୍ୟତାମୂଳକ ନିୟମ ପାଇଁ ୧ବର୍ଷର ସମୟ



ଦିଆଯିବା ସମ୍ପର୍କରେ ସୂଚନା ଦେଇ ଶ୍ରୀ ପାସୱାନ କହିଥିଲେ ଯେ, ଏହି ଅବଧି ମଧ୍ୟରେ ଅଳଙ୍କାର ବ୍ୟବସାୟୀମାନେ ସେମାନଙ୍କ ପଞ୍ଜିକରଣ ପ୍ରକ୍ରିୟା ପୂରଣ କରିପାରିବେ। ଏହାଛଡ଼ା ଅଳଙ୍କାର ବ୍ୟବସାୟୀ ଓ ଖୁଚୁରା ବ୍ୟବସାୟୀମାନେ ସେମାନଙ୍କ ପୁରୁଣା ସାମଗ୍ରୀକୁ ବିକ୍ରି କରିବା ଲାଗି ସମୟ ପାଇବେ। ଏହି ସମୟ ମଧ୍ୟରେ ବିଭିନ୍ନ ଘରୋଇ ଉଦ୍ୟୋଗୀଙ୍କ ଦ୍ୱାରା ଅତିରିକ୍ତ ଧାତୁ ପରୀକ୍ଷଣ ଓ ହଲମାର୍କିଂ କେନ୍ଦ୍ର ପ୍ରତିଷ୍ଠା କରାଯାଇପାରିବ। ଏଗୁଡ଼ିକ ଚାହିଦା ଅନୁଯାୟୀ ଦେଶର ବିଭିନ୍ନ ସ୍ଥାନରେ ପ୍ରତିଷ୍ଠା କରାଯିବ। ତେବେ ଯେଉଁଠି ଏହି କେନ୍ଦ୍ର ନଥିବ ସେହି ଅଂଚଳକୁ ଅଧିକ ପ୍ରାଥମିକତା ଦିଆଯିବ। ୩୧ ଡିସେମ୍ବର, ୨୦୧୯ ସୁଦ୍ଧା ମିଳିଥିବା ତଥ୍ୟ ଅନୁଯାୟୀ ଦେଶର ୨୩୪ଟି ଜିଲ୍ଲାରେ ୮୯୨ଟି ଧାତୁ ପରୀକ୍ଷଣ ଏବଂ ହଲମାର୍କ କେନ୍ଦ୍ର ରହିଛି ଏବଂ ୨୮,୮୪୯ ଜଣ ଅଳଙ୍କାର ବ୍ୟବସାୟୀ ଭାରତୀୟ ମାନକ ବ୍ୟୁରୋ (ବିଆଇଏସ)ରେ ପଞ୍ଜିକୃତ ହୋଇସାରିଛନ୍ତି। ୧୪.୦୬.୨୦୧୮ ଠାରୁ ବିଆଇଏସ (ହଲମାର୍କିଂ) ନିୟାମକ, ୨୦୧୮ ବିଜ୍ଞପ୍ତି ଜାରି ହୋଇଥିଲା। ଏପ୍ରିଲ ୨୦୦୦ ପରଠାରୁ ବିଆଇଏସ ପକ୍ଷରୁ ସୁନା ଅଳଙ୍କାରର ହଲ ମାର୍କିଂ ବ୍ୟବସ୍ଥା କରାଯାଇଛି। ବିଆଇଏସ ଆଇନ ୨୦୧୬ର ଧାରା ୧୪ ଏବଂ ଧାରା ୧୬ ଅନ୍ତର୍ଗତ କେନ୍ଦ୍ର ସରକାରଙ୍କ ଦ୍ୱାରା ସୁନା ଅଳଙ୍କାର ଓ କଳାକୃତିଗୁଡ଼ିକର ହଲମାର୍କିଂକୁ ବାଧ୍ୟତାମୂଳକ କରାଯାଇଛି। ଫଳରେ କେବଳ ହଲମାର୍କଯୁକ୍ତ ସୁନା ଅଳଙ୍କାର ଓ କଳାକୃତି ବିକ୍ରି କରିବା ବିଆଇଏସରେ ପଞ୍ଜିକୃତ ହେବାକୁ ସମସ୍ତ ଅଳଙ୍କାର ବ୍ୟବସାୟୀଙ୍କ ପାଇଁ ବାଧ୍ୟତାମୂଳକ କରି ଦିଆଯାଇଛି। ଗ୍ରାହକଙ୍କ ଜାଣିବା ଲାଗି ଅଳଙ୍କାର ଉପରେ କ୍ୟାରେଟ ଉଲ୍ଲେଖ କରାଯିବ- ୨୨ କ୍ୟାରେଟ ଅଳଙ୍କାର ପାଇଁ ୨୨କେ ସହିତ ୯୧୬, ୧୮ କ୍ୟାରେଟ ପାଇଁ ୧୮କେ ସହିତ ୭୫୦ ଏବଂ ୧୪ କ୍ୟାରେଟ ଅଳଙ୍କାର ପାଇଁ ୧୪ କେ ସହିତ ୫୮୫ ରହିବ। ହଲମାର୍କ ଯୁକ୍ତ ସୁନା ଅଳଙ୍କାର ଉପରେ ୪ଟି ଚିହ୍ନ ରହିବ, ଯଥା- ବିଆଇଏସ ଚିହ୍ନ, କ୍ୟାରେଟରେ ଶୁଦ୍ଧତା ଓ ସ୍ୱଚ୍ଛତା, ପରୀକ୍ଷଣ କେନ୍ଦ୍ରର ପରିଚୟ ଚିହ୍ନ ଏବଂ ଅଳଙ୍କାର ବ୍ୟବସାୟୀଙ୍କ ଚିହ୍ନ। ସୁନା ଅଳଙ୍କାରରେ ହଲମାର୍କିଂକୁ ବାଧ୍ୟତାମୂଳକ କରିବା ଲାଗି ଗ୍ରାହକ ଓ ଅଳଙ୍କାର ବ୍ୟବସାୟୀଙ୍କ ପାଇଁ ଦେଶର ବିଭିନ୍ନ ସ୍ଥାନରେ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯିବ। ସୋସିଆଲ ମିଡିଆ ଓ ଅନ୍ୟ ମଂଚ ଜରିଆରେ ବିଆଇଏସ ଗ୍ରାହକଙ୍କ ପାଖରେ ପହଁଚିବା ଲାଗି ମଧ ଯୋଜନା କରୁଛି।



### ପ୍ରବାସୀ ଶ୍ରମିକଙ୍କ ପାଇଁ ସ୍ୱତନ୍ତ୍ର ପ୍ୟାକେଜ୍

# ନିଯୁକ୍ତ ହେବେ ଶ୍ରମିକ ମିତ୍ର

**ଭୁବନେଶ୍ୱର :** ରାଜ୍ୟର ପ୍ରବାସୀ ଶ୍ରମିକଙ୍କ ସୁରକ୍ଷା ଓ ସହାୟତା ଲାଗି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ୱତନ୍ତ୍ର ପ୍ୟାକେଜ୍ ଘୋଷଣା କରିଛନ୍ତି। ପ୍ରବାସୀ ଶ୍ରମିକଙ୍କୁ ଚିହ୍ନଟ କରାଯିବ। ସେମାନେ ଯେପରି ରାଜ୍ୟ ଭିତରେ ନିଯୁକ୍ତି ସୁଯୋଗ ପାଇପାରିବେ, ସେଥିପ୍ରତି ଦୃଷ୍ଟି ଦିଆଯିବ। ରାଜ୍ୟରେ ୧୧ଟି ପ୍ରବାସୀ ଶ୍ରମିକ ପ୍ରବଣ ଜିଲ୍ଲାର ଶ୍ରମିକମାନଙ୍କ ଆର୍ଥିକ ମାନଦଣ୍ଡ ଓ ଜୀବନ ଜୀବିକାର ଉନ୍ନତି ଆଣିବା ପାଇଁ ମୁଖ୍ୟମନ୍ତ୍ରୀ ଏହି ଘୋଷଣା କରିଛନ୍ତି। ବିଶେଷ କରି ବଲାଙ୍ଗିର, ବରଗଡ, କଳାହାଣ୍ଡି, ନୂଆପଡ଼ା, ସୁବର୍ଣ୍ଣପୁର, ଗଞ୍ଜାମ, ଗଜପତି, କୋରାପୁଟ, ରାୟଗଡ଼ା, ନବରଙ୍ଗପୁର ଓ ଖୋର୍ଦ୍ଧାର ପ୍ରାବାସୀ ଶ୍ରମିକଙ୍କ ନିମନ୍ତେ ମୁଖ୍ୟମନ୍ତ୍ରୀ ଏହି ସ୍ୱତନ୍ତ୍ର ପ୍ୟାକେଜ୍ ଘୋଷଣା କରିଛନ୍ତି। ମହାତ୍ମାଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନଆରଇଜିଏ)ରେ ଅଣକୁଶଳୀ ଶ୍ରମିକମାନେ ଦୈନିକ ୧୮୮ ଟଙ୍କା ମଜୁରୀ ହାରରେ ବର୍ଷକୁ ୧୦୦ ଦିନର କାର୍ଯ୍ୟ ବ୍ୟବସ୍ଥା ରହିଥିଲା। ତେବେ ରାଜ୍ୟର ୪ଟି ଶ୍ରମିକ ପ୍ରବଣ ଜିଲ୍ଲା ଯଥା ବଲାଙ୍ଗିର, ବରଗଡ଼, ନୂଆପଡ଼ା ଓ କଳାହାଣ୍ଡିର ୨୦ଟି ବ୍ଲକ୍‌ରେ



ପ୍ରତ୍ୟେକ ଗ୍ରାମୀଣ ପରିବାର ନିମନ୍ତେ ଅତିରିକ୍ତ ୧୦୦ ଦିନ କାର୍ଯ୍ୟ ବୃଦ୍ଧି କରି ମୋଟ ୨୦୦ ଦିନ କାମ ସହିତ ଦୈନିକ ମଜୁରି ୨୮୬ ଟଙ୍କା ୩୦ ପଇସାକୁ ବୃଦ୍ଧି କରାଯାଇଛି। ଶ୍ରମିକମାନେ ବାହାର ରାଜ୍ୟକୁ ଯାଇ ଭୋଗୁଥିବା ଅନୁଚିତ ଦୁର୍ଦ୍ଦଶାରୁ ମୁକ୍ତ ଉଦ୍ଦେଶ୍ୟରେ ଏହି ଅତିରିକ୍ତ ଆର୍ଥିକ ଭାର ରାଜ୍ୟ ସରକାର ବହନ କରିବା ପାଇଁ ସ୍ଥିର କରିଛନ୍ତି। ନିଯୁକ୍ତି ପାଇଥିବା ଶ୍ରମିକମାନଙ୍କର ପ୍ରାପ୍ୟ ନିର୍ଦ୍ଧାରିତ ସମୟରେ ଏବଂ ନିର୍ବିଘ୍ନରେ ପ୍ରଦାନ ନିମନ୍ତେ ୫୦୦ କୋଟି ଟଙ୍କାର ଏକ ରାଜ୍ୟ ସ୍ତରୀୟ କର୍ପସ ପାଙ୍ଗରି ଗଠନ କରାଯାଇଛି। ଉକ୍ତ ୪ଟି ଜିଲ୍ଲାର ୨୦ଟି ବ୍ଲକର ସମସ୍ତ ଗ୍ରାମ ପଞ୍ଚାୟତଗୁଡିକୁ ଜୀବିକା ମିଶନର ସଘନ ପଞ୍ଚାୟତ (ଇଣ୍ଟେନସିଭ୍ ଜିପି ) ଭାବରେ କାର୍ଯ୍ୟକାରୀ କରାଯାଉଛି । ଉକ୍ତ ପଞ୍ଚାୟତରେ ଥିବା ପ୍ରତ୍ୟେକ ପରିବାରକୁ ସ୍ୱୟଂ ସହାୟକ ଗୋଷ୍ଠୀରେ ଅନ୍ତର୍ଭୁକ୍ତ କରିବା ପାଇଁ ବ୍ୟବସ୍ଥା କରାଯାଉଛି। ଗୋଷ୍ଠୀ ବିନିଯୋଗ ପାଣ୍ଠି (ସିଆଇଏଫ୍ ) ଏବଂ ନିରାପତ୍ତା ପାଣ୍ଠିରୁ ଆର୍ଥିକ ସହାୟତା ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ଏହାର ସଦସ୍ୟମାନଙ୍କୁ ଯଥାକ୍ରମେ ଯୋଗାଇ ଦିଆଯିବାର ବ୍ୟବସ୍ଥା ରହିଛି। ସୁରକ୍ଷିତ ଜୀବିକା ଓ ସଶକ୍ତୀକରଣ ପାଇଁ ସହାୟତା ଚାହୁଁଥିବା ବ୍ୟକ୍ତି ନିଜ ଅଞ୍ଚଳର ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ନିକଟରେ ନିରାପତ୍ତା ପାଣ୍ଠିରୁ ଆର୍ଥିକ ସହାୟତା ନିମନ୍ତେ ଆବେଦନ କରିପାରିବେ। ସମସ୍ତ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟଙ୍କୁ ବୀମାଭୁକ୍ତ କରିବା ନିମନ୍ତେ ପଦକ୍ଷେପ ନିଆଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେହିପରି ପ୍ରବାସୀ ଶ୍ରମିକମାନଙ୍କ ଆର୍ଥିକ ସ୍ୱଚ୍ଛଳତା ବୃଦ୍ଧି କରିବା ସହିତ ନିଜ ଅଞ୍ଚଳରେ କାମ କରିବା ପାଇଁ ବ୍ୟାଙ୍କିଂ ସୁବିଧା ଏବଂ ଅର୍ଥରାଶି ଯୋଗାଇଦେବା ନିମନ୍ତେ ଉପରୋକ୍ତ ୨୦ଟି ବ୍ଲକ୍‌ରେ ଚିହ୍ନଟ ହୋଇଥିବା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟଙ୍କୁ ଶ୍ରମିକ ମିତ୍ର ହିସାବରେ ଘୋଷଣା କରାଯିବ। ୧୮ ବର୍ଷରୁ ୩୫ ବର୍ଷ ମଧ୍ୟରେ ଥିବା ଯୋଗ୍ୟ ଯୁବକଯୁବତୀମାନଙ୍କୁ ଧନ୍ଦାମୂଳକ ଓ ନିଯୁକ୍ତ ଭିତ୍ତିକ ତାଲିମ 'ଓରମାସ ' ମାଧ୍ୟମରେ ପ୍ରଦାନ କରାଯିବ। ଏହି ୪ଟି ଶ୍ରମିକ ପ୍ରବଣ ଜିଲ୍ଲାର ୨୦ ଟି ବ୍ଲକରେ ଯୋଗ୍ୟ ବିବେଚିତ ପରିବାରଙ୍କୁ ପକ୍କା ଘର ଯୋଗାଇ ଦିଆଯିବାର ବ୍ୟବସ୍ଥା କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଭୁବନେଶ୍ୱର ଜୟଦେବ ଭବନ ପରିସରରେ ଅନୁଷ୍ଠିତ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ପ୍ରତାପ ଜେନା , ଶ୍ରମ ଓ କର୍ମଚାରୀ ରାଜ୍ୟବୀମା ମନ୍ତ୍ରୀ ସୁଶାନ୍ତ ସିଂ, ଓଡ଼ିଶା କୋଠାବାଡି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡର ଅଧ୍ୟକ୍ଷ ସୁବାଷ ସିଂ, ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗର ପ୍ରମୁଖ ଶାସନ ସଚିବ ଅନୁ ଗର୍ଗ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ପ୍ରମୁଖ ସାସନ ସଚିବ ଡିକେ ସିଂ, ଶ୍ରମ ଆୟୁକ୍ତ ଡିଏନ୍ ଥିରୁମାହା ନାୟକ ଏବଂ ପଞ୍ଚାୟତିରାଜ ବିଭାଗର ସ୍ୱତନ୍ତ୍ର ପ୍ରକଳ୍ପ ନିର୍ଦ୍ଦେଶକ ରାଜେଶ ପ୍ରଭାକର ପାଟିଲ ପ୍ରମୁଖ ଯୋଗ ଦେଇଥିଲେ।

### ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ ହେବ

## ଜୟପୁର ବିମାନବନ୍ଦର

**ଭୁବନେଶ୍ୱର :** ଚଳିତ ମାସ ଶେଷ ସୁଦ୍ଧା ଜୟପୁର ବିମାନ ବନ୍ଦରକୁ କାର୍ଯ୍ୟକ୍ଷମ କରାଯିବା ଲାଗି ଲକ୍ଷ୍ୟ ରଖାଯାଇଛି। ଡିଜିସିଏର ଏକ ପ୍ରତିନିଧି ଦଳ କ୍ଷେତ୍ର ପରିଦର୍ଶନ କରିବାକୁ ଯାଇଛନ୍ତି। ବିମାନ ବନ୍ଦରର ସୁରକ୍ଷା ବ୍ୟବସ୍ଥା, ଅଗ୍ନି ନିରାପତ୍ତା ବ୍ୟବସ୍ଥା ଆଦିର ଯାଞ୍ଚ କରିବା ପରେ ଏହି ବିମାନ ବନ୍ଦରକୁ କାର୍ଯ୍ୟକ୍ଷମ କରିବା ଲାଗି ରାଜ୍ୟ ସରକାର ବେସାମରିକ ବିମାନ ଚଳାଚଳ ମନ୍ତ୍ରାଳୟକୁ ଅନୁମତି ମାଗିବେ ବୋଲି ଆଇ.ଟି ସଚିବ ମନୋଜ କୁମାର ମିଶ୍ର ସୂଚନା ଦେଇଛନ୍ତି। ଆସନ୍ତା ୨୨ ତାରିଖରେ ଭୁବନେଶ୍ୱରରେ ବେସାମରିକ ବିମାନ ଚଳାଚଳ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେବାକୁ ଥିବା ବେଳେ ଲୋକସେବା ଭବନରେ ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଏକ ପୂର୍ବ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକ ପରେ ଆଇ.ଟି ସଚିବ ଶ୍ରୀ ମିଶ୍ର ଗଣମାଧ୍ୟମକୁ ସୂଚନା ଦେଇ କହିଥିଲେ ଯେ, ରାଜ୍ୟରେ ବିମାନ ସେବାର ଆବଶ୍ୟକତାକୁ ତ୍ୱରାନ୍ୱିତ କରିବା ଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି। ବାହାର ରାଜ୍ୟ ତଥା ଦେଶକୁ ବିମାନ ଚଳାଚଳ କରିବା ନିମନ୍ତେ ରାଜ୍ୟ ସରକାର କେନ୍ଦ୍ରକୁ ବାରମ୍ବାର ଚିଠି ଲେଖି ଅନୁରୋଧ କରିଛନ୍ତି। ତେବେ ଆସନ୍ତା ୨୨ ରେ ଭୁବନେଶ୍ୱରରେ ବେସାମରିକ ବିମାନ ଚଳାଚଳ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ବୈଠକ ବସିବାକୁ ଯାଉଥିବା ବେଳେ ଏହି ବୈଠକରେ କେତେକ ରାଜ୍ୟରେ କେତେକ ନୂତନ ବିମାନ ଚଳାଚଳ ନିମନ୍ତେ ପ୍ରସ୍ତାବ ଦିଆଯିବ। ଏଥିସହିତ ଜୟପୁର ବିମାନ ବନ୍ଦର କାର୍ଯ୍ୟକ୍ଷମ ସମ୍ପର୍କରେ ମଧ୍ୟ ଆଲୋଚନା କରାଯିବ ବୋଲି ଶ୍ରୀ ମିଶ୍ର ସୂଚନା ଦେଇଛନ୍ତି।

## ୬୫ ଟୋଲ ପ୍ଲାଜାରେ ଫାଷ୍ଟ୍ୟାଗ ନିୟମ କୋହଳ

**ଭୁବନେଶ୍ୱର,(ପିଆଇବି):** ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ (ଏନଏଚଏଆଇ)ର ଚିହ୍ନିତ ୬୫ଟି ଟୋଲ ପ୍ଲାଜାରେ ୩୦ ଦିନ ପାଇଁ ଫାଷ୍ଟ୍ୟାଗ ନିୟମକୁ କୋହଳ କରିବା ଲାଗି ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ପକ୍ଷରୁ ନିଷ୍ପତି ନିଆଯାଇଛି। ଅଧିକ ନଗଦ କାରବାରକୁ ଦୃଷ୍ଟିରେ ରଖି ଏହି ସବୁ ଟୋଲ ପ୍ଲାଜାରେ ଫାଷ୍ଟ୍ୟାଗ ପଇଠ ବ୍ୟବସ୍ଥା କୋହଳ କରାଯାଇଥିବା ନେଇ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଏହି ୩୦ ଦିନ ସମୟ ମଧ୍ୟରେ ଉପରୋକ୍ତ ୬୫ଟି ଟୋଲ ପ୍ଲାଜାରେ ଥିବା ଟୋଲ ଆଦାୟ ଲେନ ମଧ୍ୟରୁ ୨୫ ପ୍ରତିଶତ ଲେନକୁ ହାଇବ୍ରିଡ ଲେନ ଭାବେ ପରିବର୍ତିତ କରିବା ଲାଗି କୁହାଯାଇଛି। ଯାହାର ଅର୍ଥ ଏହି ସବୁ ଲେନରେ ଉଭୟ ନଗଦ ଏବଂ ଫାଷ୍ଟ୍ୟାଗ ପଦ୍ଧତିରେ ଟୋଲ ଆଦାୟ କରାଯାଇପାରିବ। ଉପରୋକ୍ତ ୬୫ଟି ଟୋଲ ପ୍ଲାଜା ମଧ୍ୟରେ ଓଡ଼ିଶା ଦେଇ ଯାଇଥିବା ୧୬ନମ୍ବର ଜାତୀୟ ରାଜପଥସ୍ଥିତ ମଙ୍ଗୁଳି ଟୋଲ ପ୍ଲାଜା ସାମିଲ ରହିଛି। ଏସବୁ ଟୋଲପ୍ଲାଜାରେ ଅଧିକ ନଗଦ କାରବାର ହେଉଥିବା ଏନଏଚଏଆଇ ପକ୍ଷରୁ ଚିନ୍ତାବ୍ୟକ୍ତ କରାଯାଇଥିଲା। ବିଶେଷ କରି ଟୋଲ ପ୍ଲାଜାର ଦୁଇ ପାର୍ଶ୍ୱରେ ଥିବା ହାଇବ୍ରିଡ ଲେନଗୁଡ଼ିକରେ ଅଧିକ ଗାଡ଼ି ଭିଡ଼ ଜମୁଥିଲା। ଗାଡ଼ିଚାଳକଙ୍କ ଅସୁବିଧାକୁ ଆଖି ଆଗରେ ରଖି ଏହି ୬୫ଟି ଟୋଲ ପ୍ଲାଜାର ୨୫ ପ୍ରତିଶତ ଲେନକୁ ଅସ୍ଥାୟୀ ଭାବେ ହାଇବ୍ରିଡ ଲେନରେ ପରିବର୍ତିତ କରାଯିବ। ଏ ସଂକ୍ରାନ୍ତରେ ମନ୍ତ୍ରଣାଳୟ ପକ୍ଷରୁ ଏନଏଚଏଆଇକୁ ଏକ ନିର୍ଦ୍ଦେଶନାମା ଜାରି କରାଯାଇଛି। ତେବେ ଚିହ୍ନଟ ଟୋଲ ପ୍ଲାଜାରେ ହାଇବ୍ରିଡ ଲେନକୁ ଯଥାସମ୍ଭବ କମ ରଖିବାକୁ ମନ୍ତ୍ରଣାଳୟ ପକ୍ଷରୁ ଏନଏଚଏଆଇକୁ ନିର୍ଦ୍ଦେଶ ଦିଆଯାଇଛି। ଅତିକମରେ ୭୫% ଲେନକୁ 'ଫାଷ୍ଟ୍ୟାଗ ଲେନ ଫ ପ୍ଲାଜା' ଭାବେ ଅପରିବର୍ତିତ ରଖିବାକୁ ଏହି ନିର୍ଦ୍ଦେଶନାମାରେ କୁହାଯାଇଛି। ଏହି ୬୫ଟି ଟୋଲ ପ୍ଲାଜାରେ ଉପରୋକ୍ତ ବ୍ୟବସ୍ଥା ଅସ୍ଥାୟୀ ଭାବେ ମାତ୍ର ୩୦ ଦିନ ପାଇଁ ଲାଗୁ ହେବ ବୋଲି ମନ୍ତ୍ରଣାଳୟ ପକ୍ଷରୁ ଗୁରୁତ୍ୱାରୋପ କରାଯାଇଛି। ଯାହାଫଳରେ ଗାଡ଼ି ଚାଳକମାନେ ଅସୁବିଧାର ସମ୍ମୁଖୀନ ହେବେ ନାହିଁ। ଏହି ସମୟରେ ମଧ୍ୟ ସମ୍ପୂର୍ଣ୍ଣ ଫାଷ୍ଟ୍ୟାଗ ବ୍ୟବସ୍ଥାକୁ ଲାଗୁ କରିବା ଏବଂ ଗାଡ଼ିଭିଡ଼ ଦୂର କରିବା ଦିଗରେ ଏନଏଚଏଆଇ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆଯିବ।

## ଓଡ଼ିଶା ଆସିବ ବିଜୁଙ୍କ 'ଡାକୋଟା'

**ଭୁବନେଶ୍ୱର :** ଖୁବ୍‌ଶୀଘ୍ର ଓଡ଼ିଶା ଆସିବ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ବୀରତ୍ୱ ଗାଥାର ପ୍ରତୀକ ଡାକୋଟା ବିମାନ। ଗୁରୁବାର ଲୋକସେବା ଭବନରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି ବୋଲି ପରିବହନ ବିଭାଗର ସ୍ୱତନ୍ତ୍ର ସଚିବ ମନୋଜ ମିଶ୍ର ସୂଚନା ଦେଇଛନ୍ତି। ଏନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ବେସାମରିକ ବିମାନ ଚଳାଚଳ ବିଭାଗକୁ ଚିଠି ଲେଖାଯିବ। ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ୧୯୪୬ ମସିହାରେ ଏହି ବିମାନରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ଇଣ୍ଡୋନେସିଆର ତତ୍କାଳୀନ



ଉପରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କୁ ଶତ୍ରୁ କବଳରୁ ରକ୍ଷା କରିଥିଲେ। ଏହି ବିମାନ ଏବେ କୋଲକାତା ବିମାନ ବନ୍ଦରରେ ଅଛି। ସୂଚନାଥାଉ କି, ବେସାମରିକ ବିମାନ ଚଳାଚଳ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଅନୀଲ କୁମାର ଗର୍ଗ ଏକ ଚିଠି ଲେଖି ଡାକୋଟା ବିମାନ ଫେରାଇ ନେବା ଦିଗରେ ପଦକ୍ଷେପ ନେବାକୁ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଥିଲେ। ଏହି ଚିଠି ଅନୁସାରେ, ୨୦୧୭ ମସିହା ଡିସେମ୍ବରରେ ବୋସମରିକ ବିମାନ ଚଳାଚଳ କର୍ତ୍ତୃପକ୍ଷ ଓଡ଼ିଶା ସରକାରଙ୍କ ମୁଖ୍ୟ ସଚିବଙ୍କୁ ଏକ ଚିଠି ଲେଖିଥିଲେ। ଡାକୋଟା ବିମାନ ଫେରାଇ ନେବାକୁ ଚିଠିରେ କୁହାଯାଇଥିଲା। ଏ ଦିଗରେ ଯାହା କିଛି ସାହାଯ୍ୟ ସହଯୋଗ ଆବଶ୍ୟକ ବେସାମରିକ ବିମାନ ଚଳାଚଳ କର୍ତ୍ତୃପକ୍ଷ ଯୋଗାଇ ଦେବେ ବୋଲି କୁହାଯାଇଥିଲା। ତେବେ ଓଡ଼ିଶା ଆସିଲେ ଡାକୋଟାକୁ କେଉଁଠି ରଖାଯିବ, ତାକୁ ନେଇ ରାଜନୀତି ଜୋର ଧରିଥିବା ବେଳେ କଟକର ଆନନ୍ଦ ଭବନରେ ହିଁ ବିଜୁ ବାବୁଙ୍କ ଡାକୋଟା ବିମାନକୁ ରଖାଯିବା ନେଇ ନିଷ୍ପତ୍ତି ନିଆଯାଇଥିଲା।

## କାହାର ନାଗରିକତା ନେବନି ସିଏଏ : ରାମ ମାଧବ

**ଭୁବନେଶ୍ୱର :** ନାଗରିକ ସଂଶୋଧନ ଆଇନ ହେଉଛି ନାଗରିକତା ଦେବାର ଆଇନ। ଏହା କାହାର ନାଗରିକତା ନେବ ନାହିଁ। ଏହି ସଂଶୋଧନରେ କୌଣସି ବିବାଦ ନାହିଁ କି କାହାପ୍ରତି କିଛି ବାଛବିଚାର ନାହିଁ । ଏହାକୁ ବିରୋଧୀମାନେ ଜାଣିଶୁଣି ବିବାଦିତ କରିବା ପାଇଁ ଅପଚେଷ୍ଟା କରୁଛନ୍ତି। ଦେଶରେ ଶାନ୍ତି ଚାହୁଁନଥିବା ବିରୋଧୀ ଦଳମାନେ ଓ ସେମାନଙ୍କର ସମର୍ଥକମାନେ ହିଂସା କରିବା ପାଇଁ ଉସୁକାଉଛନ୍ତି। ବିରୋଧିମାନେ ବିନା କାରଣରେ ଏହି ସଂଶୋଧନ ଆଇନକୁ ବିରୋଧ କରିବା ପାଇଁ ବାହାରିଛନ୍ତି। ସେମାନଙ୍କର ଏହି ହିନ ପ୍ରୟାସ ପାଇଁ ଭାରତ ବିଦେଶରେ ବଦନାମ ହେଉଛି। ଶରଣାର୍ଥୀମାନଙ୍କୁ ନାଗରିକତା ଦେବାରେ ଭାରତର ବିଶ୍ୱରେ ଏକ ସ୍ୱତନ୍ତ୍ର ପରିଚୟ ରହିଛି। ଏହି ସଂଶୋଧନ ଆଇନ ପଡୋଶୀ ଦେଶରେ ଧାର୍ମୀକ ଆଧାରରେ ପ୍ରପିଡିତ ହୋଇ ଜୀବନ ବଞ୍ଚାଇବା ପାଇଁ ଭାରତ ଆସି ଶରଣାର୍ଥୀ ଜୀବନ ବିତାଉଥିବା ଲକ୍ଷ ଲକ୍ଷ ଲୋକଙ୍କୁ ନୂଆ ଜିବନ ଦେଇଛି



ବୋଲି ବିଜେପି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନିରେ କହିଛନ୍ତି ବିଜେପି ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ରାମମାଧବ। ଶ୍ରୀ ମାଧବ କହିଛନ୍ତି ଯେ ସାରା ଦେଶରେ ଏବେ ନାଗରିକତା ସଂଶୋଧନ ଆଇନ (ସିଏଏ) ପ୍ରସଙ୍ଗରେ ଆଲୋଚନା ଚାଲିଛି ଏବଂ ଏହି ଆଇନ ସମ୍ପର୍କରେ ଭୁଲ ଧାରଣାର ଶିକାର ଲୋକମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। କିଛି ରାଜନୈତିକ ଦଳ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିରୋଧୀମାନେ ଏହାକୁ ଏକ ସୁଯୋଗ ବୋଲି ଗ୍ରହଣ କରିନେଇ ପରିସ୍ଥିତିକୁ ଆହୁରି ଉତେଜନାପୂର୍ଣ୍ଣ କରିଦେଇଛନ୍ତି। ତେଣୁ ଏହି ଆଇନର ବାସ୍ତବତା ସର୍ବସମ୍ମୁଖକୁ ଆଣିବା ଜରୁରି ହୋଇପଡିଛି। ଏଥିପାଇଁ ବିଜେପି ପକ୍ଷ୍ୟରୁ ସାରା ଦେଶରେ ଜନଜାଗରଣ କାର୍ଯ୍ୟକ୍ରମ କରିବା ସହିତ ବୁଦ୍ଧିଜିବିମାନଙ୍କ ସହିତ ସମ୍ପର୍କ କରାଯାଉଛି। ଆଜି ଯେପରି କିଛି ତତ୍ୱ ଜାଣିଶୁଣି ହିଂସାକୁ ଉସୁକାଉଛନ୍ତି ସେମାନଙ୍କ ବାସ୍ତବ ଉଦ୍ଦେଶ୍ୟ ଖୁବଶୀଘ୍ର ସାମ୍ନାକୁ ଆସିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଐତିହାସିକ ଦ୍ୱିତୀୟବାର ନିର୍ବାଚନ ବିଜୟ, ତିନି ତଲାକ ବିଲ୍, ଅଯୋଧ୍ୟା ବିବାଦର ଶାନ୍ତିପୂର୍ଣ୍ଣ ସମାଧାନ, ସମ୍ବିଧାନର ଧାରା ୩୭୦ର ଉଚ୍ଛେଦ- ଏସବୁ ଘଟଣାରେ ସମ୍ଭବତଃ ବିରୋଧୀଦଳ ମାନେ କିଛି କରିନପାରି ହତୋତ୍ସାହିତ ହୋଇପଡିଛନ୍ତି। ଏବେ ସେମାନେ ପାଣିକୁ ଗୋଳିଆ କରିବାର ଏକ ସୁଯୋଗ ପାଇଥିବା ଭଳି ମନେ କରୁଛନ୍ତି। କିନ୍ତୁ ଭାରତ କେବେହେଲେ ଏଭଳି ନୈରାଶ୍ୟବାଦ ଓ ନକାରାତ୍ମକ ରାଜନୀତିକୁ ଗ୍ରହଣ କରିବ ନାହିଁ ବୋଲି ଶ୍ରୀ ମାଧବ କହିଛନ୍ତି। ନାଗରିକ ସଂଶୋଧନ ଆଇନ ଆଣି ବିଶ୍ୱ ଦରବାରରେ ପାକିସ୍ତାନରେ ଅଣମୁସଲମାନମମାନଙ୍କ ଉପରେ ହେଉଥିବା ଆକ୍ରମଣର କଥା ସାରା ବିଶ୍ୱକୁ କହିବାର ସୁଯୋଗ ଥିଲା। କିନ୍ତୁ ବିରୋଧୀଙ୍କ ଚକ୍ରାନ୍ତ ପାଇଁ ସେ ସୁଯୋଗ ଆମେ ହରାଇଲୁ। ପାକିସ୍ତାନକୁ ସୁହାଇଲା ଭଳି କଥା ବିରୋଧୀମାନେ ଏବେ ଦେଶରେ କରୁଛନ୍ତି। ପାକିସ୍ତାନ ମୁଖା ଖୋଲିଦେଲେ ବିରୋଧୀଙ୍କୁ କାହିଁକି କଷ୍ଟ ଲାଗୁଛି ବୋଲି ରାମ ମାଧବ କହିଛନ୍ତି। ସିଏଏ ନାଁରେ ମିଥ୍ୟା ଅପପ୍ରଚାର କରାଯାଉଛି। ଭାରତୀୟ ମୁସଲମାନଙ୍କ ସହ ସିଏଏ, ଏନ୍‌ଆର୍‌ସିର କୌଣସି ସମ୍ପର୍କ ନାହିଁ। କେବଳ ପାକିସ୍ତାନୀ, ବଙ୍ଗଳାଦେଶ, ଆଫଗାନିସ୍ତାନର ଅଣହିନ୍ଦୁ ମାନଙ୍କ ପାଇଁ ଏହା ହୋଇଛି । ସେମାନଙ୍କୁ ନାଗରିକତା ଦେବା ପାଇଁ ଏହି ସଂଶୋଧନ ହେଉଛି ମହାତ୍ମା ଗାନ୍ଧିଙ୍କ ଚିନ୍ତାଧାରାର ଅନୁରୂପ ବୋଲି ରାମ ମାଧବ କହିଛନ୍ତି।

### ମୁହଁ ଖୋଲିଲେ ଆଇଏଏସ୍ ବିଜୟ କେତନଙ୍କ ପତ୍ନୀ

## 'ମୋ ସ୍ୱାମୀଙ୍କୁ ଫସାଇ ଦିଆଯାଇଛି'

**ଭୁବନେଶ୍ୱର :** ଏକ ମିଥ୍ୟା ଅଭିଯୋଗରେ ଉଦ୍ୟାନ କୃଷି ନିର୍ଦ୍ଦେଶକ ବିଜୟ କେତନ ଉପାଧ୍ୟାୟଙ୍କୁ ଗିରଫ କରାଯାଇଛି। ଏକ ଲକ୍ଷ ଟଙ୍କା ଲାଞ୍ଚ ନେବା ଭଳି ଅଭିଯୋଗର କୌଣସି ସଠିକ ତଥ୍ୟ ପ୍ରମାଣ ଭିଜିଲାନ୍ସ ବିଭାଗ ପାଖରେ ନଥିବା ବେଳେ କେବଳ ଆକ୍ରୋଶମୂଳକ ଭାବେ ବିଜୟ କେତନଙ୍କୁ ଫଶାଇଦିଆଯାଇଛି। ଭିଜିଲାନ୍ସ ପକ୍ଷରୁ ତାଙ୍କ ବାସଭବନ ସମେତ ଅନ୍ୟ କେତେକ ସ୍ଥାନରେ ଚଢଉ କରାଯାଇଥିଲା। ମାତ୍ର ଚଢଉ ପରେ ଆୟବର୍ହିଭୁତ ସମ୍ପତି ଠୁଳ କରିବା କିମ୍ବା ବେଆଇନ ଭାବେ ସରକାରୀ ଅର୍ଥ ହେରଫେର କରିବା ଭଳି କୌଣସି ପ୍ରମାଣ ଭିଜିଲାନ୍ସର ହସ୍ତଗତ ହୋଇନାହିଁ ବୋଲି ଗିରଫ ଆଇଏଏସ୍ ଅଧିକାରୀ ବିଜୟ କେତନଙ୍କ ପତ୍ନୀ ତୁଷିମା ମିଶ୍ର ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ସେ କହିଛନ୍ତି ଯେ ତାଙ୍କୁ ରାଜନୈତିକ ଉଦ୍ଦେଶ୍ୟ ରଖି ଲାଞ୍ଚ ନେବା ଅଭିଯୋଗରେ ଗିରଫ କରାଯାଇଛି। ଏହା ପୂର୍ବରୁ ଭିଜିଲାନ୍ସ ବିଭାଗ ତାଙ୍କୁ ଏକ ମିଛ ମାମଲାରେ ଫସାଇବାକୁ ଯୋଜନା କରିଥିଲା। ମାତ୍ର ଏଥିରେ ସଫଳ ନହେବାରୁ ବିଲ ପାସ କରାଇବା ବାହାନାରେ ତାଙ୍କୁ ଏକ ମିଛ ମାମଲାରେ ଫସାଇଦିଆଗଲା। ୩୦ ଡିସେମ୍ବର ସୋମବାର ମଧ୍ୟାହ୍ନରେ ସେ ଏକ ମିଟିଂରେ ଥିବା ବେଳେ ହଠାତ ଭିଜିଲାନ୍ସ ଟିମ ପହଂଚି ଜେରା କରିବାକୁ କହି ତାଙ୍କୁ ନେଇଆସିଥିଲା। ଘରକୁ ଆଣି ଜେରା କରିବା ସମୟରେ ଉପସ୍ଥିତ ଅଧିକାରୀଙ୍କ ପାଖରେ ସର୍ଚ୍ଚ ୱାରେଣ୍ଟ ମଧ୍ୟ ନଥିଲା। ଘର ସର୍ଚ୍ଚ ଚାଲିଥିବା ବେଳେ ରାଜ୍ୟ ସରକାର ବିଜୟ କେତନଙ୍କୁ ନିଲମ୍ବନ ନିର୍ଦ୍ଦେଶ ଦିଆସାରିଥିଲା। ତେବେ ସେ ପର୍ଯ୍ୟନ୍ତ ଭିଜିଲାନ୍ସ ହାତରେ ଅଭିଯୋଗ ନେଇ କୌଣସି ଠୋସ ପ୍ରମାଣ ଲାଗିନଥିଲା। ଏଥିରେ କି ପ୍ରଶ୍ନ ଉଠୁଛି କେବଳ ଜଣଙ୍କ ଅଭିଯୋଗ ଆଧାରରେ କିଭଳି ଜଣେ ଆଇଏଏସ ଅଫିସରଙ୍କୁ ନିଲମ୍ବନ କରାଗଲା। ୧୦ ଜାନୁଆରୀ ପିପି(ଏଚକେ ସ୍ୱାଇଁ) କୋର୍ଟରେ କେସ ଡଏରୀ ଆଣିନଥିବା କହି ନିଜର ଅକ୍ଷମତା ପ୍ରକାଶ କରିଥିଲେ। ଯଦ୍ୱାରା ବିଜୟଙ୍କର ଜାମିନ ପ୍ରଦାନ ସମ୍ଭବ ହୋଇପାରିନଥିଲା।

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଓୟୋ ପ୍ରତିଷ୍ଠାତା



**ଭୁବନେଶ୍ୱର :** ଓୟୋ ସଂସ୍ଥା ଓଡ଼ିଶାରେ ୫ ହଜାର ନିଯୁକ୍ତି ସୃଷ୍ଟି କରିଛି ବୋଲି ଏହାର ପ୍ରତିଷ୍ଠାତା ରିତେଶ ଅଗ୍ରୱାଲ ପ୍ରକାଶ କରିଛନ୍ତି । ସେ ଗୁରୁବାର ସନ୍ଧ୍ୟାରେ ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରି ସେଠାରେ ବ୍ୟବସାୟ ସମ୍ପର୍କରେ ଆଲୋଚନା କରିଥିଲେ। ଆଗାମୀ ଦିନରେ ରାଜ୍ୟରେ ହୋଟେଲ ଏବଂ ହଷ୍ଟେଲ ନିର୍ମାଣରେ ଅଧିକରୁ ଅଧିକ ପୁଞ୍ଜି ନିବେଶ କରିବେ। ବର୍ତ୍ତମାନ ସାଢ଼େ ସାତ ହଜାର ରୁମ୍ ସକ୍ରିୟ ରହିଛି ବୋଲି ସେ କହିଥିଲେ। ତେବେ ରାଜ୍ୟର ପ୍ରମୁଖ ପର୍ଯ୍ୟଟନ କ୍ଷେତ୍ରଗୁଡ଼ିକରେ ପର୍ଯ୍ୟଟକଙ୍କ ରହିବା ସୁବିଧାକୁ ସର୍ବାଧିକ ଗୁରୁତ୍ୱ ଦେବା ସହ ସହଜ ଏବଂ ସରଳ ଭାବେ ଯେପରି ସବୁ ବର୍ଗର ପର୍ଯ୍ୟଟକ ରହିବାର ସୁଯୋଗ ପାଇବେ ସେ ଦିଗରେ ଗୁରୁତ୍ୱ ଦିଆଯାଉଛି ବୋଲି ଶ୍ରୀ ଅଗ୍ରୱାଲ କହିଛନ୍ତି।

## କୃଷି ଓ କୃଷକର ଉନ୍ନତି ପାଇଁ ରାଜ୍ୟ ସରକାରଙ୍କ ଗୁରୁତ୍ୱ

**ଭୁବନେଶ୍ୱର :** କୃଷିର ସର୍ବାଙ୍ଗୀନ ଉନ୍ନତି ତଥା କୃଷକମାନଙ୍କର ଆୟ ବୃଦ୍ଧି ନିମନ୍ତେ ରାଜ୍ୟ ସରକାର ପ୍ରାଥମିକତା ପ୍ରଦାନ କରୁଥିବା ପରିପ୍ରେକ୍ଷୀରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ବିଭିନ୍ନ ବିଭିନ୍ନ ପଦକ୍ଷେପ ଏବଂ କାର୍ଯ୍ୟକ୍ରମ ନିଆଯାଉଛି ଓ ସେଥିମଧ୍ୟରୁ ଐତିହାସିକ କାଳିଆ ଯୋଜନା ୨୦୧୯ ମସିହାରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଯୋଜନା। ଏହି ଯୋଜନାରେ ୨୦୧୯-୨୦ ବର୍ଷରେ ସମୁଦାୟ ୪୭ଲକ୍ଷ ୭୯ ହଜାର ୩୮୧ ଜଣ ହିତାଧିକାରୀଙ୍କୁ ସହାୟତା ଯୋଗାଇ ଦିଆଯାଇଛି। ଏଥିମଧ୍ୟରୁ ୩୧ଲକ୍ଷ ୯୬ହଜାର ୫୫୬ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଏବଂ ୧୫ଲକ୍ଷ ୮୨ ହଜାର ୮୨୫ ଜଣ ଭୂମିହୀନ କୃଷି ଶ୍ରମିକ ଅନ୍ତର୍ଭୁକ୍ତ। ସେହିପରି ଓଡ଼ିଶା ମିଲେଟ୍ ମିଶନର ସଫଳତା ଆଧାରରେ ଭାରତ ସରକାର ପୁଷ୍ଟିଶସ୍ୟ ସଂକ୍ରାନ୍ତରେ ମାର୍ଗଦର୍ଶିକାକୁ ସଂଶୋଧନ କରିବା ପାଇଁ ଏକ ଟାସ୍କଫୋର୍ସ ଗଠନ କରିଛନ୍ତି। ନୀତି ଆୟୋଗ ଦ୍ୱାରା ଓଡ଼ିଶା ମିଲେଟ୍ ମିଶନ ଢାଞ୍ଚାରେ ମାଣ୍ଡିଆ ଚାଷକୁ ଅନ୍ୟ ରାଜ୍ୟରେ ପ୍ରଚଳନ ପାଇଁ ପ୍ରୋତ୍ସାହିତ କରାଯାଉଛି। ପ୍ରଥମଥର ପାଇଁ ୨୦୧୮-୧୯ ବର୍ଷରେ ୧୭,୯୮୫ କ୍ୱିଂଟାଲ ରାଗି ସର୍ବନିମ୍ନ ସହାୟକ ମୂଲ୍ୟରେ ଚାଷୀମାନଙ୍କ ଠାରୁ ସଂଗ୍ରହ କରାଯିବା ସହିତ ସାଧାରଣ ବଂଟନ ବ୍ୟବସ୍ଥାରେ ଏହାକୁ ଅନ୍ତର୍ଭୁକ୍ତ କରାଯାଇଥିଲା। ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ଅଣରଣୀ ବୀମା ଚାଷୀଙ୍କ ସଂଖ୍ୟା ଆଶାତୀତ ଭାବେ ବୃଦ୍ଧି ପାଇଛି। ଏହି ସଂଖ୍ୟା ଖରିଫ୍ ୨୦୧୬ରେ ମାତ୍ର ୩୦ ହଜାର ଥିବାବେଳେ ଏହା ୨୦୧୯ ମସିହାରେ ୭.୫ ଲକ୍ଷକୁ ବୃଦ୍ଧି ପାଇଛି। ଏଥିସହିତ ବିଗତ ତିନିବର୍ଷ ମଧ୍ୟରେ ଫସଲ ବୀମା ଯୋଜନାରେ ମୋଟ ଚାଷୀଙ୍କ ସଂଖ୍ୟା ୧୭.୬୩ ଲକ୍ଷରୁ ୨୦.୦୫ ଲକ୍ଷକୁ ବୃଦ୍ଧି ପାଇଛି ଓ ବୀମାଭୁକ୍ତ ଚାଷ ଜମିର ପରିଣାଣ ୧୨.୫ଲକ୍ଷ ହେକ୍ଟରରୁ ୧୮.୫୨ ଲକ୍ଷ ହେକ୍ଟରକୁ ବୃଦ୍ଧି ପାଇଛି। କୃଷି ଯନ୍ତ୍ରପାତି କ୍ଷେତ୍ରରେ ରାଜ୍ୟ ସରକାରଙ୍କ ପକ୍ଷରୁ ସହାୟତା ଓ ପ୍ରୋତ୍ସାହନ ଦେବା ଫଳରେ କୃଷି ଯନ୍ତ୍ରପାତି ବ୍ୟବହାର ଲୋକପ୍ରିୟ ହେବା ସହିତ ଶକ୍ତିର ବ୍ୟବହାର ମଧ୍ୟ ବୃଦ୍ଧିପାଇଛି। ପୂର୍ବବର୍ଷ କୃଷି କ୍ଷେତ୍ରରେ ହେକ୍ଟର ପିଛା ୧.୬୪ କିଲୋୱାଟ୍ ଶକ୍ତି ବିନିଯୋଗ ହେଉଥିବାବେଳେ ଏହାର ମାର୍ଚ୍ଚ ୨୦୧୯ ସୁଦ୍ଧା ୧.୬୮ କିଲୋୱାଟ୍‌କୁ ବୃଦ୍ଧି ପାଇଛି। ଜଳନିଧି ଯୋଜନାରେ ୨୦୧୯-୨୦ ବର୍ଷରେ ୨୮୦୦ଟି ପ୍ରକଳ୍ପ ସମ୍ପୂର୍ଣ୍ଣ କରାଯାଇ ୬୬୦୫ ହେକ୍ଟର ଜମିକୁ ଜଳସେଚନ ଯୋଗାଇବାର କ୍ଷମତା ସୃଷ୍ଟି କରାଯାଇଛି। ଏ ବାବଦରେ ସବସିଡି ଆକାରରେ ୮,୦୩୧.୧୭ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ରାଜ୍ୟର ଜନଜାତି ଅଧୁଷିତ ଅଂଚଳରେ କୃଷି ଉତ୍ପାଦନ କ୍ଲଷ୍ଟର ଯୋଜନାରେ ୫୫୪ଟି ଉତ୍ପାଦକ ଗୋଷ୍ଠୀ ଗଠନ କରାଯାଇ ୫୫,୨୦୦ କୃଷକ ପରିବାରକୁ ଅନ୍ତର୍ଭୁକ୍ତ କରାଯାଇଛି। ଏହି ପ୍ରକଳ୍ପର ପ୍ରାୟ ୧ଲକ୍ଷ କ୍ଷୁଦ୍ର ଓ ନାମମାତ୍ର ମହିଳା ଚାଷୀଙ୍କ ଆୟ ଦ୍ୱିଗୁଣିତ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଏହି ପରିପ୍ରେକ୍ଷୀରେ ୧୨ଟି ଜନଜାତି ଅଧୁଷିତ ଜିଲ୍ଲାର ୪୦ଟି ପଛୁଆ ବ୍ଲକ୍‌ରେ ୬୫୦ଟି ଉତ୍ପାଦକ ଗୋଷ୍ଠୀ ଏବଂ ୩୦ଟି କୃଷି ଉତ୍ପାଦକ କ୍ଲଷ୍ଟର ବା ଉତ୍ପାଦକ କମ୍ପାନୀ ଆଗାମୀ ୪ ବର୍ଷ ମଧ୍ୟରେ ଗଠନ କରାଯିବାର ଲକ୍ଷ୍ୟ ରଖାଯାଇଛି। ଏହି ଯୋଜନାର ସଫଳ ରୂପାୟନ ନିମନ୍ତେ କୃଷି ନିର୍ଦ୍ଦେଶାଳୟକୁ ୨୦୧୯ ମସିହାରେ ସ୍କଚ୍ ଗଭର୍ଣ୍ଣର ପୁରସ୍କାରରେ ସମ୍ମାନିତ କରାଯାଇଛି। କୃଷି ଓ କୃଷକର ଉନ୍ନତି ନିମନ୍ତେ ରାଜ୍ୟ ସରକାରଙ୍କ ଦ୍ୱାରା ଆବଶ୍ୟକତା ଅନୁସାରେ କୃଷିନୀତି ପ୍ରଣୟନ କରାଯାଇଛି। ୧୯୯୬ ମସିହାରେ ପ୍ରଣୀତ ପ୍ରଥମ କୃଷି ନୀତିରେ କୃଷିକୁ ଶିଳ୍ପର ମାନ୍ୟତା ଦିଆଯାଇଥିଲା। ପରେ ୨୦୦୮ ଏବଂ ୨୦୧୩ ମସିହାରେ କୃଷିନୀତିରେ ଆବଶ୍ୟକୀୟ ସଂଶୋଧନ କରାଯାଇ ଏହାକୁ ଅଧିକ ବିସ୍ତୃତ ଓ ଅନ୍ତର୍ଭୁକ୍ତିକରଣ ଉପରେ ଗୁରୁତ୍ୱ ଦିଆଯାଇଥିଲା। କୃଷିନୀତିରେ ବ୍ୟାପକ ପରିବର୍ତନ କରାଯାଇ ବିଭାଗ ଦ୍ୱାରା ସମୃଦ୍ଧି-କୃଷିନୀତି ୨୦୨୦ ପ୍ରଣୟନ କରାଯାଇଛି, ଯେଉଁଥିଲେ କୃଷକମାନଙ୍କ ଆୟ ବୃଦ୍ଧି ନିମନ୍ତେ ଫସଲର ବିବିଧିକରଣ, ବଜାର ସୁବିଧା, ମୂଲ୍ୟଯୁକ୍ତ ଓ ପ୍ରଯୁକ୍ତି ବିଦ୍ୟାର ବହୁଳ ଉପଯୋଗ ଉପରେ ଗୁରୁତ୍ୱ ପ୍ରଦାନ କରାଯାଉଛି। ଏଥିସହିତ କୃଷି, ଉଦ୍ୟାନ କୃଷି, ମତ୍ସ୍ୟ, ଗୋପାଳନ ଏବଂ ପ୍ରାଣୀସମ୍ପଦ କ୍ଷେତ୍ରରେ ନିରନ୍ତର ଅଭିବୃଦ୍ଧି ଏବଂ ଅଧିକ ଆୟ ନିମନ୍ତେ ରାଜ୍ୟ ସରକାରଙ୍କ ଦ୍ୱାରା ଓଡ଼ିଶା କୃଷକ ଉତ୍ପାଦକ ସଂଗଠନ ନୀତି ପ୍ରଣୟନ କରାଯାଇଛି। ଉତ୍ପାଦିତ ଦ୍ରବ୍ୟର ଚାହିଦାକୁ ଦୃଷ୍ଟିରେ ରଖି କ୍ଲଷ୍ଟର, ବ୍ଲକ୍, ଜିଲ୍ଲା କିମ୍ବା ରାଜ୍ୟ ସ୍ତରରେ ଏହି ସଂଗଠନଗୁଡ଼ିକ ପ୍ରତିଷ୍ଠା କରାଯାଉଛି। ଯୋଜନାର କାର୍ଯ୍ୟକାରିତାରେ ସ୍ୱଚ୍ଛତା ଅବଲମ୍ବନ କରିବା ସହିତ ହିତାଧିକାରୀମାନଙ୍କୁ ଠିକ୍ ସମୟର ସହାୟତା ପ୍ରଦାନ କରିବା ନିମନ୍ତେ କୃଷି ଏବଂ ଉଦ୍ୟାନ କୃଷିର ପ୍ରାୟ ୬୦ଟି ଯୋଜନାକୁ ଡିଜିଟାଇଜେସନ୍ କରାଯାଇଛି। ଚାଷୀମାନଙ୍କୁ ବିଶେଷଜ୍ଞମାନଙ୍କ ଦ୍ୱାରା ସମୟ ଉପଯୋଗୀ କୃଷି ସେବା ଓ ପରାମର୍ଶ ଯୋଗାଇଦେବା ଉଦ୍ଦେଶ୍ୟରେ ଆମ କୃଷି ମୋବାଇଲ୍ ସେବା ଯୋଗାଇ ଦିଆଯାଇଛି। ଏଥିରେ ରାଜ୍ୟର ୩୦ଟି ଜିଲ୍ଲାର ପ୍ରାୟ ୬.୨୪ ଲକ୍ଷ ଚାଷୀଙ୍କୁ ସଂଯୁକ୍ତ କରାଯାଇଛି। ଏଥି ସହିତ କୃଷି ପଦ୍ଧତିରେ ଉନ୍ନତି ଆଣିବା, ନୂତନ ପ୍ରଯୁକ୍ତି ବିଦ୍ୟାର ପ୍ରୟୋଗ ସହିତ ଦକ୍ଷତା ବୃଦ୍ଧି ନିମନ୍ତେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ବିଭିନ୍ନ ଆନ୍ତର୍ଜାତୀୟ ଅନୁଷ୍ଠାନ, ଗବେଷଣା ସଂସ୍ଥା, ଶିଳ୍ପ ପ୍ରତିଷ୍ଠାନ ସହିତ ବୁଝାମଣା ପତ୍ର ସ୍ୱାକ୍ଷର କରାଯାଇଛି ବୋଲି ବିଭାଗ ସୂତ୍ରରୁ ପ୍ରକାଶ।

ସୁଖ ପାଖରେ ଜ୍ଞାନ ନଥାଏ। ଯିଏ ଜ୍ଞାନୀ ସେ ସୁଖ ପଛରେ ଗୋଡ଼ାଏ ନାହିଁ।



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୨୦ - ୨୬ ଜାନୁଆରୀ, ୨୦୨୦

# ଲୋକଙ୍କ ଟଙ୍କାରେ ବିଳାସ କାହିଁକି



ସମ୍ପାଦକୀୟ
ତାରକ ମହାନ୍ତି

**ଲା**ଞ୍ଚ ନେଇ ଆଇଏଏସ୍ ଅଫିସର ବିଜୟ କେତନ ଉପାଧ୍ୟାୟ ଭିଜିଲାନ୍ସ ଜାଲରେ ଧରାପଡିବା ଓ ଜେଲ୍ ଯିବା ଘଟଣାରେ ଯେତିକି ଯେତିକି ପ୍ରମାଣ ମିଳିଛି ଓ ଯେଉଁ ଆଧାରରେ ଓକିଲ ତାଙ୍କ ଜାମିନ୍ ପାଇଁ ଯୁକ୍ତି ରଖିଥିଲେ ତାହାକୁ ସରକାରୀ ଓକିଲ ଯଥେଷ୍ଟ ଯୁକ୍ତି ଦର୍ଶାଇ ଭିଜିଲାନ୍ସ କୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏଥିରେ ଦର୍ଶାଯାଇଥିଲା ବାବୁଙ୍କ ଆକାଉଣ୍ଟରେ ୭୨ଲକ୍ଷ ଟଙ୍କା ଓ ଘରେ ୧୪ଲକ୍ଷ ଟଙ୍କାର ମ୍ୟୁଜିକ୍ ସିଷ୍ଟମ, ଟିଭି ଓ ୪ଲକ୍ଷ ଟଙ୍କାର ଫ୍ରିଜ୍ ରହିଛି। ତେବେ ଏହି ତଥ୍ୟରେ ଯାହା ସାମ୍ନାକୁ ଆସିଛି ତାହା ବାସ୍ତବିକ ଚକିତ କଲାଭଳି। କାରଣ ସରକାରୀ ଚାକିରିରେ ବାବୁମାନେ ପାଉଥିବା ଦରମାରେ ଏଭଳି ବିଳାସ ବ୍ୟସନରେ ଜୀବନ ଅତିବାହିତ କରିବା ସମ୍ଭବପର କି ? ଆଦୌ ନୁହେଁ। ସରକାର ଲୋକଙ୍କ ଟିକସ ଟଙ୍କାରେ କର୍ମଚାରୀଙ୍କୁ ଯେତିକି ଦରମା ଦିଅନ୍ତି ସେତିକିରେ ଏଭଳି ଚଳିବାକୁ ନେଇ ଯେକୌଣସି ଲୋକ ସନ୍ଦେହ ପ୍ରକାଶ କରିବ। ତେବେ ଏହା କିଭଳି ସମ୍ଭବ ହେଉଛି। ମୂଳକଥାଟି ହେଉଛି ଲାଞ୍ଚ ନ ନେଲେ ବା ଅନ୍ୟାୟ ଅନୀତି ନ କଲେ କୋଟି କୋଟି ଟଙ୍କାର ଫାଇଦା ହାସଲ କରିହେବନାହିଁ। ଦୀର୍ଘବର୍ଷ ଧରି ଆମେ ଶୁଣି ଆସୁଛେ ଯେ, ସରକାରୀ ଚାକିରି କରିଥିବା ଅଧିକାଂଶ ଯନ୍ତ୍ରୀ, ବାବୁ, କିରାଣୀ ଏବଂ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ପର୍ଯ୍ୟନ୍ତ ଲାଞ୍ଚ ନେଇ ନିଜ ପାଣ୍ଠି ବଢ଼ାଇବା ସହିତ ସାଧାରଣ ଲୋକଙ୍କୁ ମୌଳିକ ସେବା ଦେବାରୁ ବଞ୍ଚିତ କରୁଛନ୍ତି। ବିଜୟ କେତନଙ୍କ ଘଟଣା ଏଥିରୁ ମାତ୍ର ଗୋଟିଏ। ରାଜ୍ୟରେ ବହୁ ସରକାରୀ ଦପ୍ତର, ନିଗମ, ସମବାୟ ସଂସ୍ଥା ଏବଂ ସରକାରଙ୍କ ଅନୁବନ୍ଧିତ ସଂସ୍ଥାରେ କାର୍ଯ୍ୟ କରୁଥିବା କର୍ମଚାରୀମାନେ ଦୁର୍ନୀତିରେ ଲିପ୍ତ ଅଛନ୍ତି। ଯେଉଁମାନେ ଦୁର୍ନୀତି ନିବାରଣ ବିଭାଗ ଦ୍ୱାରା ଧରାପଡୁଛନ୍ତି ସେମାନଙ୍କ କଥା ଲୋକ ଲୋଚନକୁ ଆସୁଥିଲା ବେଳେ ଯେଉଁମାନେ ଧରାପଡୁ ନାହାନ୍ତି ସେମାନେ ନିଜକୁ ସାଧୁ, ସଚ୍ଚୋଟ କହି ସମାଜରେ ନିଜର ପତିଆରା ବୃଦ୍ଧି କରିଚାଲିଛନ୍ତି। ସାଧାରଣ ଅର୍ଥରେ ଦେଖିବାକୁ ଗଲେ ବର୍ତ୍ତମାନ ସମୟରେ ସରକାରୀ ଚାକିରି ଖଣ୍ଡେ ପାଇବା ଶିକ୍ଷିତ ବେକାରମାନଙ୍କ ପାଇଁ ସ୍ୱପ୍ନ ପାଲଟିଥିଲା ବେଳେ ଯେଉଁମାନେ ଏହାକୁ ହାସଲ କରିଛନ୍ତି ସେମାନେ ନିଜକୁ ସେବକ ନ ଭାବି ସର୍ବମୟ କର୍ତ୍ତା ବୋଲି ଭାବିବାର ଏହା ହେଉଛି ଫଳ। ପାପଭାର ବଢ଼ିବା ପରେ ଯେଭଳି ବିନାଶ ନିଜର ରୂପ ଦେଖାଏ ସେହିଭଳି ଭିଜିଲାନ୍ସ ଜାଲରେ ଧରାପଡୁଥିବା ସରକାରୀ କର୍ମଚାରୀମାନେ ଅଡୁଆରେ ପଡୁଛନ୍ତି ସିନା ଏହାଦ୍ୱାରା ସେମାନଙ୍କ ମାନସିକତାରେ କୌଣସି ପରିବର୍ତ୍ତନ ଆସୁନଥିବା ଜଣାପଡିଛି। ଲାଞ୍ଚ ଖାଇବା ଏକ ଅଧିକାର ବୋଲି ମନେ କରି ଏମାନେ ଦରମା ଟଙ୍କାରେ ହାତ ନମାରି ଯେକୌଣସି କାର୍ଯ୍ୟ କଲେବି ସେଥିରୁ କେତେ ଟଙ୍କା ଖାଇହେବ ବା ନେଇହେବ ସେ ଚିନ୍ତାରେ ପ୍ରଥମେ ଥା'ନ୍ତି। ଯେଉଁ ଦିଗରୁ ଅଧିକ ଟଙ୍କା ଲାଞ୍ଚ ଖାଇହେବ ସେହି କାର୍ଯ୍ୟଟିକୁ ଗୁରୁତ୍ୱପୂର୍ଣ୍ଣ ମନେକରି ଅତ୍ୟନ୍ତ ଚତୁରତାର ସହିତ ଅନୀତିକୁ ନୀତି କରି କାର୍ଯ୍ୟ ସମ୍ପାଦନ କରି ଯାହା ହାତେଇବା କଥା ତାହା ହାତେଇ ନିଅନ୍ତି। ସରକାରରେ ଏଭଳି କମ ହାକିମ ଓ କିରାଣୀ ଥିବେ ଯିଏକି ଲାଞ୍ଚ ଟଙ୍କା ଅପେକ୍ଷା ନିଜର କର୍ତ୍ତବ୍ୟକୁ ଗୁରୁତ୍ୱପୂର୍ଣ୍ଣ ମନେ କରି ସାଧୁତାର ସହିତ କାର୍ଯ୍ୟ କରିଥାନ୍ତି। ମାତ୍ର ଏମାନଙ୍କ ସଂଖ୍ୟା ନଗଣ୍ୟ। ବସ୍ତୁବାଦ ମୋହରେ ହେଉ କିମ୍ବା ପ୍ରତିପତ୍ତି ହାସଲ ଲକ୍ଷ୍ୟରେ ଜମି, ବାଡି, ଘର, କୋଠା ଓ ବିଦେଶରେ ପିଲାଙ୍କୁ ପଢ଼ାଇବାର ମାନସିକତା ଯୋଗୁ ଅଧିକାଂଶ ସରକାରୀ କର୍ମଚାରୀ ଦୁର୍ନୀତି କରିବାକୁ ସତେ ଯେପରି ବାଧ୍ୟ ହେଉଛନ୍ତି। ସାଧାରଣ ଲୋକଙ୍କ ଭଳି ଚଳି ନିଜର ସାଧୁତା ବଜାୟ ରଖିବା ବଦଳରେ ଏମାନେ ନିଜକୁ ଦୁର୍ନୀତିଗ୍ରସ୍ତ କରିବା ସହିତ ସମାଜକୁ କଳଙ୍କିତ କରିବାର ଅପଚେଷ୍ଟା ମଧ୍ୟ ଚଳାଇ ଆସିଛନ୍ତି। ସରକାର ବାର୍ଷିକ ବଜେଟ୍‌ରେ ଯେତିକି ଟଙ୍କା ମଞ୍ଜୁର କରନ୍ତି ସେତିକି ଅର୍ଥ ସାଧାରଣ ଲୋକଙ୍କର କାର୍ଯ୍ୟରେ କିନ୍ତୁ ଲାଗିପାରେନାହିଁ। ଏହା ବାଟମାରଣା ହେବା ଫଳରେ ଲୋକେ ନିଜ ଅଧିକାରରୁ ବଞ୍ଚିତ ହୁଅନ୍ତି ଏବଂ ଯେଉଁ କାର୍ଯ୍ୟ ଯେତିକି ଟଙ୍କାରେ ହେବା କଥା ତାହା ହୋଇନପାରି ଅଧପନ୍ତରିଆ ରହେ କିମ୍ବା ନିମ୍ନମାନର କାର୍ଯ୍ୟ ଦ୍ୱାରା ଏହାକୁ ସାରି ଦିଆଯାଏ। ଯାହାଫଳରେ କେବେ ପୋଲ ଭୁଶୁଡେ ତ କେବେ ନଈବନ୍ଧ ଭାଙ୍ଗିଯାଏ। କେଉଁଠି ଗରିବକୁ ଦିଆଯାଉଥିବା କୁଡିଆ ଅର୍ଥକୁ ମଧ୍ୟ ତୋଷରପାତ କରାଯାଏ ତ ଆଉ କେଉଁଠି କେନାଲ ସଫେଇ ନାଁରେ କୋଟି କୋଟି ଟଙ୍କା ଚଳୁ ହୋଇଯାଏ। ଘଟଣା ପଦାକୁ ଆସିଲେ ଲୋକ ହୋହଲ୍ଲା କରନ୍ତି, ବିରୋଧୀ ନେତାମାନେ ଏଥିରୁ ରାଜନୈତିକ ଫାଇଦା ଉଠାନ୍ତି। ହେଲେ ସମସ୍ୟାର ସମାଧାନ ହୁଏନାହିଁ। ଏଥିରେ ବି ପେଞ୍ଚ ରହିଥାଏ।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୨୦ ବର୍ଷର ଶାସନ ପରେ ହଠାତ୍ '୫-ଟି' ସରକାର କ୍ରିୟାଶୀଳ ହେବା ଫଳରେ ଅନେକ ଦୁର୍ନୀତିଗ୍ରସ୍ତ ବାବୁମାନଙ୍କ ମଧ୍ୟରେ ଛନକା ପଶିଛି ବୋଲି ଜଣାପଡେ। କିନ୍ତୁ ଏହି ବାବୁମାନେ ଥରୁଟିଏ କେବେ ସ୍ୱଚ୍ଛ ମନରେ ଭାବି ଦେଖନ୍ତି ନାହିଁ ଯେ, ନିଜେ ଯେଉଁ ଦାୟିତ୍ୱ ପାଇଁ ନିଯୁକ୍ତି ପାଇଛନ୍ତି ଓ ସରକାରୀ ଭାବେ ଯେତିକି ଟଙ୍କା ପାଇବା ପାଇଁ ହକ୍‌ଦାର ତା'ଠାରୁ ଅଧିକ ରୋଜଗାର କାହିଁକି କରିବେ। ପିସି କାରବାରକୁ ନେଇ ଗତ କିଛିବର୍ଷ ହେଲା ସରକାର ଓ ବିରୋଧୀଙ୍କ ଭିତରେ ତୁ ତୁ ମେଁ ମେଁ ଲାଗି ରହିଛି। ଠିକାଦାର ଜାଣେ ଯନ୍ତ୍ରୀ ଲାଞ୍ଚ ନ ନେଲେ କାମ ଆଗକୁ ବଢ଼ିବ ନାହିଁ। ଏହି ବ୍ୟବସ୍ଥା କେବଳ ବାବୁଙ୍କ ଭିତରେ ସୀମିତ ରହିନାହିଁ। ଯନ୍ତ୍ରୀଙ୍କୁ ମନ୍ତ୍ରୀଙ୍କ ସହାୟତା ବି ଦରକାର। ଏହା କେବଳ ଗୋଟିଏ ବିଭାଗର କାହାଣୀ ନୁହେଁ। ଅନେକ ବିଭାଗରେ ମୁଖିଆ ସ୍ୱଚ୍ଛ ନହେଲେ ତଳ କର୍ମଚାରୀ ସ୍ୱଚ୍ଛ ହେବେ କେମିତି। ଡାକ୍ତରଖାନା, ଥାନା ଭଳି ଅନେକ ସରକାରୀ ବ୍ୟବସ୍ଥାରେ ଲାଞ୍ଚ ନ ଖାଇଲେ ସହଜରେ କିଛି କାର୍ଯ୍ୟ ହୋଇପାରେ ବୋଲି ମନେ ହୁଏନାହିଁ। ସରକାରୀ ଶିକ୍ଷକ, ଅଧ୍ୟାପକ ନିଜ ଡ୍ୟୁଟି ବାହାରେ ଟ୍ୟୁସନ କରି ଅମାପ ଟଙ୍କା ରୋଜଗାର କରନ୍ତି। ଡାକ୍ତର ବି ସେମିତି ସରକାରୀ ସେବା ବଦଳରେ ବେସରକାରୀ ସେବାକୁ ଅଧିକରୁ ଅଧିକ ପ୍ରାଧାନ୍ୟ ଦେଇ ଟଙ୍କା ରୋଜଗାର କରୁଥିବା ସମସ୍ତଙ୍କ ଦୃଷ୍ଟିଗୋଚର ହୋଇଥାଏ। ଖଜୁରୀ ଗଛର କି ଗୁଣ ଗାଇବି ଭଳି ପ୍ରତ୍ୟେକ ସରକାରୀ କ୍ଷେତ୍ରରେ ଯେତେବେଳେ ଲାଞ୍ଚ, ମିଛର ଗୁରୁତ୍ୱ ଅଧିକ ସେଠାରେ ସାଧାରଣ ଲୋକର ସମସ୍ୟା କିଭଳି ସମାଧାନ ହୋଇପାରିବ। ତଳଠୁ ଉପର ପର୍ଯ୍ୟନ୍ତ ସରକାରୀ ବାବୁମାନେ ଯେତେବେଳେ ଲାଞ୍ଚ ପ୍ରତି ଅଧିକ ମୋହ ରଖିବେ ସେଥିରେ ରାଜକୋଷର ବିପୁଳ ଅର୍ଥ ଲୁଟ୍ ହେବା ସହିତ ସାଧାରଣ ଲୋକଙ୍କ ସମସ୍ୟା ଦ୍ୱିଗୁଣିତ ହେବା କିଛି ବିଚିତ୍ର ନୁହେଁ। ତେଣୁ ମାନସିକତାରେ ପରିବର୍ତ୍ତନ ନଆସିଲେ କୌଣସି ବ୍ୟବସ୍ଥା ଏଭଳି ଦୁର୍ନୀତିଗ୍ରସ୍ତ ଅଫିସରଙ୍କୁ ଧରି ଦଣ୍ଡିତ କରିବା ସହଜ ନୁହେଁ। ପ୍ରତ୍ୟେକ ଦୁର୍ନୀତିଗ୍ରସ୍ତ ବ୍ୟକ୍ତି ନିଜର ସ୍ୱତନ୍ତ୍ର ବଳୟ ସୃଷ୍ଟି କରି ଲାଞ୍ଚ ଅର୍ଥକୁ ସୁପରିଚାଳନା କରିବା ପାଇଁ ଅନ୍ୟର ସହଯୋଗ ମଧ୍ୟ ଲୋଡିଥାନ୍ତି। ଏଥିରେ ଧରା ନପଡି ସତୀଙ୍କ ସଂଖ୍ୟା ଅଧିକ। ତେଣୁ ସଂସ୍କାର ନ ଆସିଲେ ବିକାଶ ହେବ କିପରି।

**ଯୋଗାଯୋଗ ଠିକଣା**

ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ବିବାଦରେ ଜେଏନ୍‌ୟୁ



ସୌମେନ୍ଦ୍ର ଜେନା

ନୂଆଦିଲ୍ଲୀର ଜେଏନ୍‌ୟୁ (ଜବାହରଲାଲ ନେହେରୁ ୟୁନିଭରସିଟି) ପରିସରରେ ଦୁଇଗୋଷ୍ଠୀ ଛାତ୍ରଙ୍କ ମଧ୍ୟରେ ଗଣ୍ଡଗୋଳକୁ ନେଇ ଏବେ ଦେଶର ଅନେକ ସହରରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ତେବେ ଏହି ଗୋଳମାଳର ଯେଉଁ ବିବରଣୀ ଦିଲ୍ଲୀ କ୍ରାଇମବ୍ରାଞ୍ଚର ଡିସିପି ଜୟ ତିର୍କୀ ଗଣମାଧ୍ୟମ ନିକଟରେ ରଖିଛନ୍ତି ତାହା ସବୁଠୁ ଗୁରୁତ୍ୱପୂର୍ଣ୍ଣ । ସେ ଗୋଳମାଳର କାରଣ ସହ ଅଭିଯୁକ୍ତମାନଙ୍କ ଫଟୋଚିତ୍ର ମଧ୍ୟ ପ୍ରଦାନ କରିଛନ୍ତି,ଯେଉଁଥିରେ ବିଗତ ଦିନମାନଙ୍କରେ ନିଜକୁ ନିର୍ଦ୍ଦୋଷ ବୋଲି କହୁଥିବା ଛାତ୍ରଛାତ୍ରୀମାନେ ରହିଛନ୍ତି । ଅଥଚ ଏହିସବୁ ଗଣ୍ଡଗୋଳକାରୀଙ୍କ ସମର୍ଥନରେ ରାସ୍ତାଘାଟରେ ପ୍ରଚାର ପାଇଁ ଶୋଭାଯାତ୍ରା, କ୍ୟାଣ୍ଡେଲ ମାର୍ଚ୍ଚ ସବୁ ଆମ ଦୃଷ୍ଟିକୁ ଆସିଥିଲା । ଦୋଷୀଙ୍କ ସମର୍ଥନରେ ଦେଶର କେତେକ ସ୍ଥାନରେ ସଭାମାନ ହୋଇଥିଲା ।

ଏକଥା ସତ ଯେ ଗତ ୨୮ ଅକ୍ଟୋବରରୁ ଜେଏନ୍‌ୟୁ ଛାତ୍ରାବାସର ଦେୟ ବୃଦ୍ଧିକୁ ବିରୋଧ କରି ଛାତ୍ରସଂସଦ ନେତୃତ୍ୱରେ ଆନ୍ଦୋଳନ ଜାରି ରହିଥିଲା ବେଳେ ସେମିଷ୍ଟାର ପରୀକ୍ଷା ପାଇଁ ନାମ ପଞ୍ଜିକରଣ କରିବାକୁ ବିଶ୍ୱବିଦ୍ୟାଳୟ ଘୋଷଣା କରିଥିଲା । ଛାତ୍ରଛାତ୍ରୀମାନେ ନାମ ପଞ୍ଜିକରଣ ପାଇଁ ଯିବାବେଳେ ଆଇସା, ଏସ୍‌ଏଫ୍‌ଆଇ, ଡିଏସ୍‌ଏଫ୍, ଏଆଇଏସ୍‌ଏଫ୍‌ର ସଦସ୍ୟମାନେ ମିଳିତ ଭାବେ ସେମାନଙ୍କ ଉପରେ ଆକ୍ରମଣ କରିଥିଲେ । ଏହି ଗୋଷ୍ଠୀ ୩ ଜାନୁଆରୀ ଦିନ ବିଶ୍ୱବିଦ୍ୟାଳୟର ସର୍ଭର ଥିବା କୋଠରୀକୁ ପ୍ରବେଶ କରିବା ପାଇଁ ସେଠାରେ ମୁତୟନ ଥିବା ସୁରକ୍ଷାକର୍ମୀମାନଙ୍କୁ ମାରପିଟ କଲେ । ତେବେ କର୍ତ୍ତୃପକ୍ଷ ସର୍ଭରଟିକୁ ସେହିଦିନ ଚାଲୁ କରିବାକୁ ସକ୍ଷମ ହୋଇଥିଲେ । ୪ ଜାନୁଆରୀ ସକାଳେ ଏହି ଗୋଷ୍ଠୀ ପୁନର୍ବାର ସର୍ଭର କୋଠରୀରେ ପ୍ରବେଶ କରିବାକୁ ଉଦ୍ୟମ କରି ବିଫଳ ହୋଇଥିଲେ । ହେଲେ ଉପରବେଳା ସର୍ଭର କୋଠରୀର ପଛପଟ ଭାଙ୍ଗି ଏମାନଙ୍କ ମଧ୍ୟରୁ କେତେକ ପ୍ରବେଶ କରି ସେଠାରେ ବ୍ୟାପକ ଭଙ୍ଗାରୁଜା କଲେ । ଏମାନଙ୍କ କାର୍ଯ୍ୟକୁ ଅନ୍ୟ ଏକ ଛାତ୍ରଗୋଷ୍ଠୀ ୟୁନିଟୀ ଏଗେନେଷ୍ଟ ଲେଫଟ୍ ନାମରେ ଏକ ହ୍ୱାଟସ ଆପ୍ ଗୋଷ୍ଠୀ ମାଧ୍ୟମରେ ଏକତ୍ରିତ ହୋଇ ବିରୋଧ କଲେ । ପୂର୍ବରୁ ୩ ତାରିଖ ଦିନ ବାମପନ୍ଥୀ ଛାତ୍ରଗୋଷ୍ଠୀ ନାମ ପଞ୍ଜିକରଣ ବନ୍ଦ କରିବାକୁ ଛାତ୍ରଛାତ୍ରୀଙ୍କୁ ଆକ୍ରମଣ କଲାବେଳେ ବାମପନ୍ଥୀ ଛାତ୍ରଙ୍କୁ ବିଦ୍ୟାର୍ଥୀ ପରିଷଦର କର୍ମୀମାନେ ବିରୋଧ କରିଥିଲେ । କିନ୍ତୁ ୫ ଜାନୁଆରୀ ସକାଳ ସାଢେ ଏଗାରଟା ବେଳେ ଦୁଇଗୋଷ୍ଠୀର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା । ଅପରାହ୍ନ ୩ଟା ୨୦ମିନିଟ୍‌ରେ ବାମପନ୍ଥୀ ଛାତ୍ରଗୋଷ୍ଠୀ ପେରିଆର ହଷ୍ଟେଲରେ ଅଟକନ ପ୍ରବେଶ କରି ବାଛି ବାଛି କିଛି ବିରୋଧୀ ପିଲାଙ୍କୁ ଟାର୍ଗେଟ କରି ଆକ୍ରମଣ କଲେ । ଏହାର ନେତୃତ୍ୱ ଛାତ୍ରସଂଘର ସଭାନେତ୍ରୀ ଐଶୀ ଘୋଷ ନେଇଥିଲେ । ୫ ଜାନୁଆରୀ ରାତି ସାଢେ ସାତଟାରେ ସାବରମତୀ ହଷ୍ଟେଲରେ ଆକ୍ରମଣ ହେଲା । ଏହାପରେ ନର୍ମଦା ହଷ୍ଟେଲରେ ମଧ୍ୟ ଗୋଳମାଳ ହେଲା । ଏହି ଗୋଳମାଳର ଛବି ସର୍ଭର ବନ୍ଦ ଥିବା ହେତୁ କ୍ୟାମ୍ପସ ଭିତରୁ ପୁଲିସ ପାଇନଥିଲେ ମଧ୍ୟ ଭିନ୍ନ ଭିନ୍ନ ସୂତ୍ରରୁ ସଂଗ୍ରହ କରି ଅଭିଯୋଗ କରିଛି । ଅଭିଯୁକ୍ତଙ୍କ ମଧ୍ୟରେ ଐଶୀ ଘୋଷ, ପଙ୍କଜ ମିଶ୍ର, ପ୍ରିୟରଂଜନ, ଯୋଗେନ୍ଦ୍ର ଭରଦ୍ୱାଜ, ବିଜୟ ବାସ୍ତବ, ସୁଚେତା ତାଲୁକଦାର, ଡୋଲା ସାମନ୍ତ, ବିକାଶ ପଟେଲ ପ୍ରମୁଖଙ୍କ ନାମ ରହିଛି । ତେବେ ଆକ୍ରମଣ ପଛରେ ବାହାର ଲୋକେ ଥିବା କହି ଯେମିତି ଅଭିଯୋଗ ହେଉଥିଲା ପୁଲିସ ତାହା ଗ୍ରହଣ କରିପାରିନାହିଁ । ମାରପିଟରେ ସଂପୃକ୍ତ ଥିବା ଛାତ୍ରଗୋଷ୍ଠୀ ସମସ୍ତେ ଜେଏନ୍‌ୟୁର ଛାତ୍ର ରାଜନୀତି ସହ ସଂପୃକ୍ତ ବୋଲି ପୁଲିସର ମତ । ପେରିୟାର ଓ ସାବରମତୀ ହଷ୍ଟେଲ ଆକ୍ରମଣ ବେଳେ ମୁହଁରେ ପଟି ବାନ୍ଧିଥିବା ଛାତ୍ର ଗୋଷ୍ଠୀ ବାମପନ୍ଥୀ ଗୋଷ୍ଠୀର ବୋଲି ବିଦ୍ୟାର୍ଥୀ ପରିଷଦ କହିଲା ବେଳେ ବାମପନ୍ଥୀ ଗୋଷ୍ଠୀ ସେମାନଙ୍କୁ ବାହାର ଲୋକ ବୋଲି କହୁଛି ।

ଏହି ଘଟଣା ପରେ କମ୍ୟୁନିଷ୍ଟ ନେତା ଡି.ରାଜା, ସୀତାରାମ ୟେଚୁରି, କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧି ଆଦି ଜେଏନ୍‌ୟୁକୁ ଗସ୍ତ କଲେ । ଜେଲରୁ ଜାମିନରେ ମୁକୁଳିଥିବା ଦୁର୍ନୀତି ଅଭିଯୁକ୍ତ ନେତା ଚିଦାମ୍ବରମ୍ ଜେଏନ୍‌ୟୁ କୁଳପତିଙ୍କ ବରଖାସ୍ତ ଦାବିକଲେ । ବିଜେପି ନେତା ମୁରଲୀ ମନୋହର ଯୋଶୀ କୁଳପତିଙ୍କ ଅପାରଗତାକୁ ଦାୟୀ କରି ତାଙ୍କୁ ଦାୟିତ୍ୱରୁ ମୁକ୍ତ କରିବାକୁ ଦାବି କଲେ । ସିନେ ଅଭିନେତ୍ରୀ ଦୀପିକା ଜେଏନ୍‌ୟୁର ଆନ୍ଦୋଳନକାରୀଙ୍କୁ ସାକ୍ଷାତ କରି ସମର୍ଥନ ଦେବାପରେ ହିନ୍ଦୀ ସିନେମାର କିଛି ଅଭିନେତ୍ରୀ ଦୀପିକାଙ୍କ ବିରୋଧରେ ରାସ୍ତାକୁ ଓହ୍ଲାଇଲେ । ଏହା ମଧ୍ୟରେ ଗତ ଲୋକସଭା ନିର୍ବାଚନରେ ସିପିଆଇ ଟିକେଟରେ ବିହାରର ବେଗୁସରାଇରୁ ନିର୍ବାଚନ ଲଢ଼ିଥିବା କହ୍ନେୟା କୁମାର ସେଠାରେ ପହଞ୍ଚି କାଶ୍ମୀରୀ ବିଚ୍ଛିନ୍ନତାବାଦୀଙ୍କ ଢଙ୍ଗରେ ସ୍ଲୋଗାନ ଦେବାକୁ ଲାଗିଲେ । ତେବେ ପୁଲିସର ଅଭିଯୋଗକୁ ଗ୍ରହଣ କରିବାକୁ ଛାତ୍ରସଂଘ ସଭାନେତ୍ରୀ ଆଦୌ ପ୍ରସ୍ତୁତ ନଥିଲା ପରି ମନେ ହେଉଛି । ପୁଲିସ ବିନା ପ୍ରମାଣରେ ଅଭିଯୋଗ କରିଛି ବୋଲି ସେ କହୁଥିଲେ ମଧ୍ୟ ବିଭିନ୍ନ ସୂତ୍ରରୁ ସଂଗୃହୀତ ଫଟୋରେ ନିଜେ ଐଶୀ ଛାତ୍ରଗୋଷ୍ଠୀଙ୍କ ନେତୃତ୍ୱନେଇ ଗଣ୍ଡଗୋଳ କରିବାକୁ କ୍ୟାମ୍ପସରେ ବୁଲୁଥିବା ସ୍ପଷ୍ଟ ଜଣାପଡିଛି । ଜେଏନ୍‌ୟୁ ଗୋଳମାଳକୁ କେତେକ ଗବେଷଣା ବିରୋଧୀ ହିଂସାକାଣ୍ଡ କହିବାକୁ ପଛାଉ ନଥିଲାବେଳେ ବୁଦ୍ଧାବୁଦ୍ଧି ହେବାଯାଏ ଏତେ ବର୍ଷ ଧରି ଛାତ୍ରଛାତ୍ରୀମାନେ ଜେଏନ୍‌ୟୁ କ୍ୟାମ୍ପସ ଭିତରେ କାହିଁକି ରହି ରାଜନୀତି କରୁଛନ୍ତି ତାହା କେହି କହୁନାହାନ୍ତି । କାରଣ ପେସାଦାର ନେତାଗିରି ପାଇଁ ଯେଉଁମାନେ ବିଶ୍ୱବିଦ୍ୟାଳୟଗୁଡିକର କ୍ୟାମ୍ପସକୁ ଅପବ୍ୟବହାର କରୁଛନ୍ତି ସେମାନଙ୍କ ବିରୋଧରେ କୁହାଯିବାର ବେଳ ଆସିଲାଣି । ଏମାନଙ୍କର ବିଷକ୍ରିୟା କବଳରୁ ଶିକ୍ଷାନୁଷ୍ଠାନଗୁଡିକୁ ସୁରକ୍ଷିତ ନରଖିଲେ ପଙ୍କରେ ପଶିଥିବା ଏହି ଦଳୀୟ ଲୋକେ ପାଠପଢିବାକୁ ଚାହୁଁଥିବା ଛାତ୍ରଛାତ୍ରୀଙ୍କୁ ଏମିତି ହିଂସାର ଭୟ ଦେଖାଇ ନଚଉଥିବେ । ନିର୍ବାଚନରେ ବିଜୟୀ ହେଉଥିବେ, ବାହାରେ ବାହାଦୂରୀ ଦେଖାଉଥିବେ ।

ବିଗତ ଦିନମାନଙ୍କରେ ଏଠାରେ କାଶ୍ମୀରୀ ସନ୍ତ୍ରାସବାଦୀଙ୍କ ସପକ୍ଷରେ ଏବଂ ଭାରତର ବିଭାଜନ କରିବାକୁ ସ୍ଲୋଗାନ ଦିଆଯିବା ଆମେ ଶୁଣିଛୁ । ଅଥଚ ଭାରତପରି ଦୁର୍ବଳ ଗଣତନ୍ତ୍ର ଓ ଦୁର୍ବଳ ବିଚାରତନ୍ତ୍ର ମଧ୍ୟରେ ଲକ୍ଷଲକ୍ଷ ଦେଶଦ୍ରୋହୀ ଦେଶରେ ସକ୍ରୀୟ ଥିଲାବେଳେ ଏମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିନାହିଁ । ଏମାନେ ଗିରଫ ହୋଇ କିଛିଦିନ ଜେଲରେ ରହି ମୁକ୍ତ ହେବା ପରେ ପୁନର୍ବାର ଦେଶଦ୍ରୋହ କାର୍ଯ୍ୟରେ ସାମିଲ ହେଉଛନ୍ତି । ଫାଶୀ ତଦନ୍ତ ପାଇଥିବା ଦୋଷୀର ସମର୍ଥନରେ ଜେଏନ୍‌ୟୁରେ ସଭା ହୋଇପାରୁଛି । ଏଠି ସରକାର ଯେମିତି ଚୁପ୍, ଅଦାଲତ ସେମିତି ଚୁପ୍ । ଏହି ବିଶ୍ୱବିଦ୍ୟାଳୟ କଂଗ୍ରେସ ସରକାର ଅମଳରେ ଆରମ୍ଭ ହୋଇଥିଲେ ମଧ୍ୟ ଆଜିଯାଏ କମ୍ୟୁନିଷ୍ଟ ଓ କଂଗ୍ରେସବାଦୀଙ୍କ ହାତବାରିସୀ ହୋଇଆସିଛି । ନିର୍ବାଚନରେ ଏହି ଦୁଇ ଦଳର ସମର୍ଥକମାନେ ସାଧାରଣତଃ ବିଜୟୀ ହୋଇଥାନ୍ତି । ତାର କାରଣ ସ୍ୱରୂପ ଅତୀତରେ ଏହି ଦୁଇଦଳର ମତବାଦୀ ଅଧ୍ୟାପକମାନେ ଏହି ବିଶ୍ୱବିଦ୍ୟାଳୟରେ ଆଜିଯାଏ ଛାତ୍ରମାନଙ୍କ ମାଧ୍ୟମରେ ଅସଲ ରାଜନୀତି କରିଆସୁଛନ୍ତି । ସେମାନଙ୍କ ଚାକିରିରେ ବଦଳି ନଥିବା ହେତୁ ସେମାନେ ମତବାଦୀ ଛାତ୍ରଛାତ୍ରୀଙ୍କୁ ସେଠାରେ ଚାକିରୀ ଦେଇ ଆଜିଯାଏ ଥଇଥାନ କରିଆସିଛନ୍ତି । ନାମଲେଖା ବେଳେ ମଧ୍ୟ ଏହି ଅଧ୍ୟାପକ ଗୋଷ୍ଠୀ ସଂଖ୍ୟାଧିକ ନିଜ ନିଜ ମତବାଦୀ ଛାତ୍ରଛାତ୍ରୀଙ୍କୁ ବିଶ୍ୱବିଦ୍ୟାଳୟରେ ନାମଲେଖା ପାଇଁ ସୁଯୋଗ ଦେଇଆସିଛନ୍ତି,ଏହା ସମସ୍ତଙ୍କୁ ଜଣାଅଛି । କେନ୍ଦ୍ର ସରକାରଙ୍କଠାରୁ ବହୁ ଅନୁଦାନ ପାଉଥିବା ଏହି ବିଶ୍ୱବିଦ୍ୟାଳୟ ଗତ କିଛି ବର୍ଷ ହେବ କେନ୍ଦ୍ର ସରକାରଙ୍କ ବିରୋଧୀ କାର୍ଯ୍ୟର ଏକ ସୁରକ୍ଷିତ ଦୁର୍ଗରେ ପରିଣତ ହୋଇଛି । ଏଠାକାର ଘଟଣାକୁ ମଧ୍ୟ କେତେକ ନିର୍ଦ୍ଦିଷ୍ଟ ଗଣମାଧ୍ୟମ ଅତି ଆଗ୍ରହ ଦେଖାଇ ସାରା ଦେଶରେ ପ୍ରଚାର ପ୍ରସାର କରିବାର ଠିକା ମଧ୍ୟ ନେଇଛନ୍ତି । ଗବେଷଣା ତୁଳନାରେ ଅଧିକ ସରକାର ବିରୋଧୀ, ଦେଶ ବିରୋଧୀ, ସନ୍ତ୍ରାସବାଦୀଙ୍କ ସମର୍ଥନ କଲା ପରି କାର୍ଯ୍ୟର ଏହା କେନ୍ଦ୍ର ପାଲଟିଛି । ଭିନ୍ନମତ ପ୍ରକାଶ ଆଳରେ ବିଭେଦକାରୀ ମତପୋଷଣକାରୀମାନେ ଏହି କ୍ୟାମ୍ପସକୁ ଲାହୋର କିମ୍ବା ଇସଲାମାବାଦର ସହରପରି ବ୍ୟବହାର କରିଆସିଛନ୍ତି, ଯାହା ହେବ ଆଦୌ ଠିକ୍ ନୁହେଁ । ଶିକ୍ଷା ନାମରେ ସନ୍ତ୍ରାସର ମଞ୍ଜି ବୁଣୁଥିବା, ଦେଶ ସମ୍ମାନରେ ଆଞ୍ଚ ଆଣୁଥିବା ଲୋକଙ୍କୁ କଠୋର ହସ୍ତରେ ଦମନ କରାଯିବା ଆବଶ୍ୟକ । ଯଦି ଏଭଳି ବିଶୃଙ୍ଖଳାକୁ ବନ୍ଦ କରିବାକୁ ପଦକ୍ଷେପ ଗ୍ରହଣ କରାନଯାଏ ତେବେ ଆଗାମୀ ଦିନରେ ପରିସ୍ଥିତି ଆହୁରି ଅଧିକ ଜଟିଳ ହେବ । ଜେଏନ୍‌ୟୁକୁ ପାକ୍‌ର ବାହାବଲପୁର ସନ୍ତ୍ରାସବାଦୀ ପ୍ରଶିକ୍ଷଣ ମହାବିଦ୍ୟାଳୟରେ ପରିଣତ ହେବାକୁ ସୁଯୋଗ ଦିଆନଯାଉ । ଏଠାରେ ଛାତ୍ରମାନଙ୍କୁ ଗୋଳମାଳରେ ସଂପୃକ୍ତ ରହିବାକୁ ଉସ୍‌କାଉଥିବା ଅଧ୍ୟାପକମାନଙ୍କ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ । ଛାତ୍ରାବାସରେ ରହୁଥିବା ବାହାର ଅଣଛାତ୍ର କିମ୍ବା ବିଶ୍ୱବିଦ୍ୟାଳୟର ପୁରାତନ ଛାତ୍ରମାନଙ୍କୁ ବାହାର କରାଯାଉ ।

*ଭାରତୀୟ ସମ୍ବାଦ ସେବା (ଭାସ)*
*ଭୁବନେଶ୍ୱର-୭୫୧୦୦୩*

# ଓଡ଼ିଶାର ବିକାଶରେ ଉର୍ଜାଗଙ୍ଗା ପ୍ରକଳ୍ପ



ବାଦଲ ଭୂୟାଁ

କେନ୍ଦ୍ର ସରକାରଙ୍କ ଏକ ଉଜ୍ଜ୍ୱଳ ଭବିଷ୍ୟତ ସମୃଦ୍ଧ ଅଭିବୃଦ୍ଧି ଯୋଜନା ହେଉଛି ଉର୍ଜାଗଙ୍ଗା ପ୍ରକଳ୍ପ। ଏହି ଯୋଜନାରେ ଓଡ଼ିଶାର ପ୍ରମୁଖ ତେରଟି ଜିଲ୍ଲାରେ ୭୭୦ କିଲୋମିଟର ଦୈର୍ଘ୍ୟର ଗ୍ୟାସ ପାଇପ୍ ଲାଇନ ବିଛାଇବା କାର୍ଯ୍ୟ ଯୋଜନା ହାତକୁ ନିଆଯାଇଛି। ଏହାସହ ଭୁବନେଶ୍ୱର କଟକପରି ଦ୍ୱୈତନଗରୀ ଓ ଓଡ଼ିଶାର ପ୍ରମୁଖ ଏହି ପ୍ରାଚୀନ ସହରରେ ପାଇପ ଲାଇନ ଦ୍ୱାରା ଗ୍ୟାସ ଯୋଗାଣ କାର୍ଯ୍ୟର ବ୍ୟବସ୍ଥା ରହିଛି। ତେବେ ଦୁର୍ଭାଗ୍ୟର ପ୍ରସଙ୍ଗ ହେଉଛି ସଚେତନତାର ଅଭାବରୁ ଅନେକ ସ୍ଥାନରେ ସ୍ଥାନୀୟ ଲୋକ ଏହାର ବିରୋଧ କରୁଥିବାବେଳେ ପ୍ରଶାସନିକ କ୍ଷେତ୍ରରେ ମଧ୍ୟ ଏହା ପଛେଇ ଯାଇଥିବାର ଅଭିଯୋଗ ଉଠୁଛି। ଏହି କାର୍ଯ୍ୟକ୍ରମକୁ ହାତକୁ ନେଇଥିବା ଗେଲ୍ ଇଣ୍ଡିଆ ଏଥିରେ ସରକାରଙ୍କ ହସ୍ତକ୍ଷେପ ଲୋଡ଼ି ସାହାଯ୍ୟ ମାଗିବା ଘଟଣା ଗଣମାଧ୍ୟମରେ ପ୍ରକାଶ ପାଇଛି। ଓଡ଼ିଆ ପୁଅ ତଥା କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ବାବୁଙ୍କ ବଳିଷ୍ଠ ନେତୃତ୍ୱରେ ଓଡ଼ିଶାରେ ବ୍ୟାପକ କେନ୍ଦ୍ରୀୟ ଯୋଜନା ସହ ବିଶେଷକରି ପେଟ୍ରୋଲିୟମ ଯୋଜନା ବ୍ୟାପକ ହେଉଛି। ଓଡ଼ିଶାବାସୀ ଏହା ସୁଫଳ ପାଇବା ସହ ସ୍ଥାନୀୟ କ୍ଷେତ୍ରରେ ଯେଉଁ କର୍ମନିଯୁକ୍ତି ସୃଷ୍ଟି ହେବ ଏହାର ଭରପୁର ଫାଇଦା ସ୍ଥାନୀୟ ଅଧିବାସୀମାନେ ପାଇବେ। ଏସବୁ ସତ୍ତ୍ୱେ ଝାରସୁଗୁଡ଼ା ଓ ସୁନ୍ଦରଗଡ଼ ଜିଲ୍ଲାରେ ସ୍ଥାନୀୟ ଅଞ୍ଚଳର ବାସିନ୍ଦା ବିରୋଧ କରୁଥିବାବେଳେ ଅନୁଗୁଳ ଜିଲ୍ଲାର ଛେଣ୍ଡିପଦା ତହସିଲରେ ଏହାର ବିରୋଧ କରାଯିବାରୁ ଏହାର କାର୍ଯ୍ୟ ଅଟକି ଯାଇଛି। ଲୋକ ସଠିକ୍ ଓ ଉପଯୁକ୍ତ ପ୍ରାପ୍ୟ ପାଇ ମଧ୍ୟ ନିଜ ଜମି ଏହି ପ୍ରକଳ୍ପ ପାଇଁ ଦେବାକୁ ରାଜି ହେଉନଥିବାବେଳେ ଅନେକ ସ୍ଥାନରେ ସରକାରୀ ଜମି ବେଆଇନ ଭାବେ ଜବରଦଖଲ ହୋଇଥିବାରୁ ଏହା ପ୍ରକଳ୍ପ ଅନ୍ତର୍ଭୁକ୍ତ ହେବାକୁ କାଠିକରପାଠ ହୋଇଯାଉଛି। ୨୦୧୭ ମସିହାରୁ ସରକାରୀ ଜମିରେ ପାଇପ ଲାଇନ ବିଛାଇବା ପାଇଁ ଆବେଦନ ହୋଇଥିଲେ ମଧ୍ୟ ଏହା ପ୍ରଶାସନିକ ନାଲିଫିତାରେ ବନ୍ଧା ହୋଇଛି। ଭାରତ ସରକାରଙ୍କ ଏକ ପ୍ରମୁଖ କମ୍ପାନୀ ଜଗତ୍‌ସିଂହପୁର-ହଳଦିଆ-ବୋକାରୋ-ଧାମରା ଦେଇ ଭାରତର ଅନ୍ୟତମ ସର୍ବବୃହତ୍ ଗ୍ୟାସ ପାଇପ ଲାଇନ ବିଛାଇଛି। ଏହାସହ କଟକ ଭୁବନେଶ୍ୱର ବାସିନ୍ଦାଙ୍କ ପାଇଁ ପାଇପ ଦ୍ୱାରା ଗ୍ୟାସ ପ୍ରଦାନ ସହ ଧାମରାରୁ ଅନୁଗୁଳ ପର୍ଯ୍ୟନ୍ତ ୪୦୧ କିଲୋମିଟର ଓ ବୋକାରୋ ଠାରୁ ଅନୁଗୁଳ ୩୬୭ କିଲୋମିଟର ଦୈର୍ଘ୍ୟର ପାଇପ ଲାଇନ ବିଛାଇବା ପାଇଁ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏଥିନିମିତ୍ତ ରାଜ୍ୟର ପ୍ରମୁଖ ଉପକୂଳବର୍ତ୍ତୀ ଜିଲ୍ଲା କଟକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା ସହ ଭଦ୍ରକ, ଦେବଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ସୁନ୍ଦରଗଡ଼ ଆଦି ଜିଲ୍ଲାରେ ପାଇପ ଲାଇନ ବିଛାଯିବ। ଯାହାପାଇଁ ପ୍ରମୁଖ ଶିଳ୍ପସଂସ୍ଥାଗୁଡ଼ିକ ବିଶେଷ ଲାଭବାନ ହେବେ।

କେନ୍ଦ୍ରରେ ନରେନ୍ଦ୍ର ମୋଦିଙ୍କ ସରକାର ଦ୍ୱିତୀୟଥର କ୍ଷମତାକୁ ଆସିବା ପରେ ପୂର୍ବଥର ପରି ପୂର୍ବଭାରତର ବିକାଶରେ ଭାରତର ବିକାଶ ପରି ସ୍ଲୋଗାନ ଦେଇଥିଲେ। ଏହାକେବଳ ପ୍ରଚାରଧର୍ମୀ ସ୍ଲୋଗାନ ନ ହୋଇ ବାସ୍ତବରେ ଏଥିରେ କେନ୍ଦ୍ର ସରକାରଙ୍କ ଆଗ୍ରହ ପ୍ରତିଫଳିତ ହେଉଛି। ଓଡ଼ିଶାରେ ପେଟ୍ରୋଲିୟମ ଓ ଇସ୍ପାତ ଶିଳ୍ପ ଆଜି ପ୍ରଭାବୀ ଢ଼ଙ୍ଗରେ ଦିନକୁ ଦିନ ବିକଶିତ ହୋଇ ଦ୍ରୁତ ଅଭିମୁଖୀ ବାଟରେ ଚାଲିଛି। ଏହାର ସମସ୍ତ ଶ୍ରେୟ ନରେନ୍ଦ୍ର ମୋଦିଙ୍କ କ୍ୟାବିନେଟର ପ୍ରଭାବଶାଳୀ ମନ୍ତ୍ରୀ ତଥା ଓଡ଼ିଶା ବିଜେପିର ପୋଷ୍ଟର ବୟ ଧର୍ମେନ୍ଦ୍ର ବାବୁଙ୍କୁ ଦିଆଯିବ। ତାଙ୍କର ଦକ୍ଷତା ଓ ପରିପକ୍ୱ ଗୋଟି ଚାଳନା ଯୋଗୁ ଓଡ଼ିଶା କ୍ଷେତ୍ର ପାଇଁ କେନ୍ଦ୍ରରୁ ପର୍ଯ୍ୟାପ୍ତ ସହଯୋଗ ଓ ଅନୁଦାନ ଆସିବାକୁ ସକ୍ଷମ ହେଉଛି। ଏହି ଉର୍ଜାଗଙ୍ଗା ପ୍ରକଳ୍ପ ଦ୍ୱାରା ଦିନକୁ ଦିନ ଯାନବାହାନ ପାଇଁ ଲୋଡ଼ା ପଡୁଥିବା ସିଏନ୍‌ଜି ଇନ୍ଧନ ଯୋଗାଣ ହୋଇପାରିବ। ଏହାର ଗ୍ୟାସ ପାଇପ ଲାଇନ ଦ୍ୱାରା ଓଡ଼ିଶାରେ ପ୍ରମୁଖ ବଡ଼ ବଡ଼ ଇସ୍ପାତ ଉତ୍ପାଦନକାରୀ କ୍ଷେତ୍ର ଯଥା ଟାଟାଷ୍ଟିଲ, ଜିନ୍ଦଲ ଷ୍ଟେନ୍‌ଲେସ, ଭିସା ଷ୍ଟିଲ, ସେଲ୍, ଏସ୍‌ଆର ଷ୍ଟିଲ, ଆରତୀ ଷ୍ଟିଲ, ଭୂଷଣ ପାୱାର ଆଣ୍ଡ ଷ୍ଟିଲ, ନାଲ୍‌କୋ, ବେଦାନ୍ତ ଓ ଆଦିତ୍ୟ ଆଲୁମିନିୟମ କମ୍ପାନୀମାନେ ପ୍ରମୁଖ ଭାବେ ଉପକୃତ ହେବେ। ଏହି ବଡ଼ ବଡ଼ କାରଖାନାକୁ ପାଇପ ଲାଇନ ଯୋଗେ ପ୍ରାକୃତିକ ଗ୍ୟାସ ଯୋଗାଇ ଦିଆଯିବ। ଏହାସହ ଏହାର ପାରିପାର୍ଶ୍ୱିକ ଫାଇଦା ମଧ୍ୟ ସ୍ଥାନୀୟ ଅଧିବାସୀମାନେ ପାଇବା ସହ ବ୍ୟାପକ କର୍ମ ନିଯୁକ୍ତି ସୃଷ୍ଟି ହେବ। ଓଡ଼ିଶା ସରକାର ମଧ୍ୟ ବିଭିନ୍ନ ବାଟରୁ ସରକାରୀ ରାଜସ୍ୱ ପାଇପାରିବେ। ତେବେ ପ୍ରଶାସନିକ ଅବହେଳା ଓ ସ୍ଥାନୀୟ ବାସିନ୍ଦାଙ୍କ କେତେକ ସ୍ଥାନରେ ବିରୋଧ ପରେ ଗେଲ୍ ପକ୍ଷରୁ ସିଙ୍ଗଲ ୱିଣ୍ଡୋ ମାଧ୍ୟମରେ ଅନୁମତି ପ୍ରଦାନ ପାଇଁ ରାଜ୍ୟ ସରକାରଙ୍କୁ ଅନୁରୋଧ କରାଯାଇଛି ଯାହାଦ୍ୱାରା ଧାର୍ଯ୍ୟ ହୋଇଥିବା ସମୟର ଅବଧି ଭିତରେ ପ୍ରକଳ୍ପର କାର୍ଯ୍ୟ ସରିପାରିବ। ପ୍ରଦୂଷଣ ରୋକିବା ପାଇଁ ସିଏନ୍‌ଜିକୁ ପ୍ରୋତ୍ସାହନ ଦେବାକୁ ରାଜ୍ୟ ସରକାରଙ୍କୁ ସହାୟତା ଜରୁରୀ ଯାହାଦ୍ୱାରା ଉପରୋକ୍ତ ଶିଳ୍ପ ସଂସ୍ଥାମାନେ ପ୍ରଦୂଷଣ ହ୍ରାସ କରିବାକୁ ସକ୍ଷମ ହେବେ। ଓଡ଼ିଶା ସରକାର ଆଜି ଅନେକ କେନ୍ଦ୍ରୀୟ ଯୋଜନାରେ ନିଜକୁ ସାମିଲ କରି ଦ୍ରୁତ ଓ ପ୍ରଗତିସମ୍ପନ୍ନ ଓଡ଼ିଶା ବିକାଶକୁ ଆଗେଇ ନେଉଛନ୍ତି। ଅନେକ ପ୍ରକଳ୍ପରେ ଓଡ଼ିଶା ସରକାରଙ୍କୁ କେନ୍ଦ୍ର ପର୍ଯ୍ୟାପ୍ତ ସୁବିଧା ସୁଯୋଗ ଓ ସହାୟତା ପ୍ରଦାନ କରୁଛି। ଉର୍ଜାଗଙ୍ଗା ପ୍ରକଳ୍ପକୁ ତ୍ୱରାନ୍ୱିତ କରି ଏକ ଅଭିବୃଦ୍ଧିସମ୍ପନ୍ନ ଓଡ଼ିଶାକୁ ଆଗେଇ ନେବାର ଦାୟିତ୍ୱ ପ୍ରତିଟି ଓଡ଼ିଆଙ୍କର। ଏ କ୍ଷେତ୍ରରେ ସମସ୍ତ ରାଜନୈତିକ ମତଭେଦକୁ ଭୁଲି ବିକାଶରେ ସାଥୀ ହେବା ଏକ ଗୁରୁତ୍ୱପୂର୍ଣ୍ଣ ରାଷ୍ଟ୍ର ଦାୟିତ୍ୱ କହିଲେ ଅତ୍ୟୁକ୍ତି ହେବନାହିଁ।

*ପୁରୁଣା ସୋନାରୀ, ଜାମସେଦପୁର*
*ଦୂରଭାଷ : ୭୪୮୮୯୯୮୫୩୨*



ମୂଳ ଗୁଜୁରାଟୀ- ସ୍ୱାମୀ ଶ୍ରୀ ଆଧ୍ୟାତ୍ମାନନ୍ଦ ସରସ୍ୱତୀ ମହାରାଜ

## ଦୈବୀ ସମ୍ପଦା



ଅନୁବାଦ- ଉପାଳୀ ଦାଶ

**ଅହିଂସା :**

ସାଧନା ପାଦରେ ଅହିଂସାର ବାଖ୍ୟା କରିବା ପୂର୍ବରୁ ମହର୍ଷି ପତଞ୍ଜଳି ହିଂସାର ବାଖ୍ୟା କରି କହିଛନ୍ତି - 'ବିତର୍କା ହିଂସାଦୟଃ କୃତକାରୀ ତାନୁମୋଦିତା ଲୋଭ ମୋହ କ୍ରୋଧ ପୂର୍ବକା ମୃଦୁ ମଧ୍ୟାଦି ମାତ୍ରା ଦୁଃଖାଜ୍ଞାନାନନ୍ତଫଳା ଇତି ପତିପଦ୍ୟ ଭାବନମ୍'। ଯମ ଓ ନିୟମ (ଅହିଂସା, ସତ୍ୟ, ଅସ୍ତେୟ, ବ୍ରହ୍ମଚର୍ଯ୍ୟ, ଅପରିଗ୍ରହ, ଶୌଚ, ସନ୍ତୋଷ, ତପ, ସ୍ୱାଧ୍ୟାୟ, ଈଶ୍ୱର ପ୍ରଣିଧାନ) ଏ ସମସ୍ତ ବିରୋଧ ଯୁକ୍ତିକୁ ହିଂସା କହିବା, ଯାହା ମଧ୍ୟରେ ଅନନ୍ତ ଭେଦ ରହିଛି। ସେ ଯାହାବି ହେଉ ଏ ସମସ୍ତ ଚର୍ଚ୍ଚା ବର୍ତ୍ତମାନ ନକରି କେବଳ ହିଂସା ଉପରେ ବିଚାର କରିବା। ହିଂସା ୩ ପ୍ରକାର ଅଟେ। (୧) ନିଜ ଶରୀର ଦ୍ୱାରା କରିବା (୨) ଅନ୍ୟ ଜଣଙ୍କ ଦ୍ୱାରା କରାଇବା (୩) ହିଂସା କରିବା ପାଇଁ ସହମତି ପ୍ରଦାନ କରିବା। ଏହି ପ୍ରକାର ସ୍ୱୟଂ, କାରିତା, ଅନୁମୋଦିତା ୩ ପ୍ରକାର ହିଂସା ଶାସ୍ତ୍ରରେ ରହିଛି। ଆମେମାନେ କେହି ସ୍ୱର୍ଗ ଅଥବା ନର୍କ ଦେଖିନାହେଁ। ସୁଖ, ଶାନ୍ତି, ସଂମୃଦ୍ଧିକୁ ସ୍ୱର୍ଗ ଓ ଦୁଃଖ, ଯାତନା, ଆକ୍ରୋଶକୁ ସାଧାରଣତଃ ନର୍କ କୁହାଯାଏ। ତେବେ ହିଂସା କରିବାରେ କେହିବା କିପରି ସ୍ୱର୍ଗକୁ ପ୍ରାପ୍ତି କରିପାରେ ? ହିଂସା କରୁଥିବା ବ୍ୟକ୍ତି ସ୍ୱୟଂ ଦୁଃଖି ହୋଇଥାଏ ଓ ସାଥିରେ ନିଜ ପରିବାରରେ, ସମାଜରେ, ଦେଶରେ ଉପଦ୍ରବ ଅଶାନ୍ତିର ବାତାବରଣ ସୃଷ୍ଟି କରିଥାଏ। ତେବେ ହିଂସାଠାରୁ ଦୂରରେ ରହିବା, ନିଜ ଜୀବନରେ ଯମ, ନିୟମର ପାଳନ କରିବା ଆବଶ୍ୟକ।

ମହର୍ଷି ପତଞ୍ଜଳି ଆଗକୁ କହିଛନ୍ତି ଯେ 'ଅହିଂସା ପ୍ରତିଷ୍ଠାୟାଂ ତତ୍ର ସନିଧୌ ବୈରତ୍ୟାଗଃ'। ଯେତେବେଳେ ସତ୍ୟ, ଧର୍ମ ଇତ୍ୟାଦି ପାଳନ କରିବାକୁ ସାଧକର ଦୃଢ଼ ରୁଚି ଜାଗ୍ରତ ହୋଇଥାଏ ସେତେବେଳେ ତା' ଭିତରେ ଅହିଂସା ପ୍ରତିଷ୍ଠିତ ହୋଇଥାଏ ଏବଂ ହିଂସକ ବୃତ୍ତି ନଷ୍ଟ ହୋଇଯାଇଥାଏ। ସ୍ୱାମୀ ଚିଦାନନ୍ଦଜୀ ମହାରାଜ ହେଉଛନ୍ତି ଏହାର ଜ୍ୱଳନ୍ତ ଉଦାହରଣ। ତାଙ୍କର ଜୀବନ ଅହିଂସା ପାଳନରେ ପ୍ରତିଷ୍ଠିତ ଥିଲା। ଥରେ ସ୍ୱାମିଜୀଙ୍କର ୬୦ତମ ଜନ୍ମଦିବସ ଋଷିକେଶ ଶିବାନନ୍ଦ ଆଶ୍ରମରେ ପାଳନ କରାଯାଉଥାଏ। ବିଭିନ୍ନ କାର୍ଯ୍ୟକ୍ରମ ଭିତରେ ସେଦିନ ଭକ୍ତି ସଙ୍ଗୀତର କାର୍ଯ୍ୟକ୍ରମ ଚାଲିଥାଏ। ସ୍ୱାମିଜୀ ସଙ୍ଗୀତର ଧ୍ୱନରେ ଧ୍ୟାନସ୍ଥ ବସିଥାନ୍ତି, ଠିକ୍ ସେତେବେଳେ ଏକ କଙ୍କଡାବିଛା କେଉଁଆଡୁ ଆସି ତାଙ୍କ କାନ୍ଧ ଉପରେ ବସିଥାଏ। ଏହା ଅନ୍ୟମାନଙ୍କ ନଜରକୁ ଆସିବାରୁ ସମସ୍ତଙ୍କର ଧ୍ୟାନ ଯାଇ ସ୍ୱାମିଜୀଙ୍କ କାନ୍ଧ ଉପରେ। ହୁସ୍, ହାସ କହି ସମସ୍ତେ ବିଛାଟିକୁ ବାହାର କରିବାକୁ ଚେଷ୍ଟା କରୁଥାନ୍ତି କିନ୍ତୁ ସ୍ୱାମିଜୀ ସେମିତି ଆଖି ବନ୍ଦ କରି ନିଶ୍ଚଳ ଭାବରେ ବସିଥାନ୍ତି। କିଛି ସମୟ ହୋହଲ୍ଲା ପରେ ଆଖି ଖୋଲି କାରଣ ଜାଣି ଲୋକ ମାନଙ୍କୁ କହିଲେ 'ଆରେ ! ତୁମେମାନେ ସମସ୍ତେ ହାପି ବାର୍ଥଡେ ପାଳନ କରିବାକୁ ଆସିଛ ସେ ମଧ୍ୟ ଶଙ୍କରଜୀଙ୍କ ଗଣ ଭିତରୁ ଜଣେ ଆସିଛି ଏହି ଦାସକୁ ଧନ୍ୟ କରିବା ପାଇଁ। ଏହା କହି ପୁଣି ଆଖି ବନ୍ଦ କରି ଶାନ୍ତ ଭାବେ ବସି ରହିଥାନ୍ତି। ଲୋକେ ମଧ୍ୟ ଶାନ୍ତ ହୋଇଗଲେ। ସଭା ସମାପ୍ତ ହେବା ପରେ ସ୍ୱାମିଜୀ ଟିକେ ଦୂରକୁ ଯାଇ କାନ୍ଧକୁ ଜମି ଉପରେ ଲଗାଇ ଟର୍ଚ୍ଚ ବିଛାଟିକୁ ଯିବାକୁ ଦେଇଥିଲେ ଏବଂ ପ୍ରଣାମ କରିଥିଲେ। ଅହିଂସା ପରମ ଧର୍ମର ଉତ୍ତମ ଦୃଷ୍ଟାନ୍ତ ଏହାଠାରୁ ଅଧିକ ଆଉ କ'ଣ ହୋଇପାରେ ?

*(କ୍ରମଶଃ)*

# ଜୀବି, ରତ୍ନୀ ଓ ଗୋଟେ ସ୍ୱପ୍ନ

ମୂଳ ହିନ୍ଦୀ : ଅମ୍ରିତା ପ୍ରିତମ
ଭାଷାନ୍ତର : ଡ. ନରେନ୍ଦ୍ର କୁମାର ସେଠୀ





ପାଳକ ବିଡ଼ା ତିନିଟଙ୍କା, ଟମାଟ ଦଶଟଙ୍କା, କଞ୍ଚାଲଙ୍କା ଦି'ଟଙ୍କାରେ ଠାଏ। କେଜାଣି କେମିତି ପରିବା ବିକାଳି ମାଇପିଟାର ମୁହଁରେ ଯେମିତି ପାଳକ ଶାଗର ସବୁତକ କୋମଳତା, ଟମାଟୋର ମେଞ୍ଚା ମେଞ୍ଚା ଲାଲ ରଙ୍ଗ ଆଉ ଲଙ୍କାର ମହକ କିଏ ନେସି ଦେଇଥାଏ। କଅଁଳ ଛୁଆଟାଏ ତା' କୋଳରେ କ୍ଷୀର ପିଉଥିଲା। ଗୋଟାଏ ହାତରେ ସେ ତା' ମାର କାନିକୁ ଜାବୁଡ଼ି ଧରି ଆଉ ଗୋଟେ ହାତକୁ ବାରମ୍ବାର ପାଳକ ଶାଗ ଉପରେ ବାଡଉଥାଏ। ତା' ମା ତା ହାତକୁ ପଛକୁ କରିଦେଉଥିଲା ତ କେତେବେଳେ ପାଳକ ବିଡାକୁ ଆଗକୁ ରଖି ଦେଉଥିଲା। କିନ୍ତୁ ଛୁଆଟି ପୁଣି ପାଳକ ପତର ଉପରେ ହାତ ପକେଇ ଅଡୁଆ କରିଦେଉଥିଲା। ସେ ମାଇପିଟା ଛୁଆର ହାତ ମୁଠା ଖୋଲି ପାଳକ ପତରକୁ ବାହାର କରି ତାକୁ ଗାରେଡି ଚାହିଁଲା। କିନ୍ତୁ ତା' ମା' ମନର ଖୁସି ବାହାରକୁ ଆସିଗଲା। ସେ ମୁରୁକି ହସିଲା। ଯେମିତି ତା ଆଗରେ ସଜେଇ ଥିବା ସବୁ ପରିବା ଉପରେ ସେ ତା ହସକୁ ବିଞ୍ଚି ଦେଲା। ମୋତେ ଲାଗିଲା ଏମିତିକା ସଜ ପରିବାର ଆଉ କୋଉଠି ମିଳିବନି।

ଅନେକ ପରିବାର ବିକାଳୀ ମୋ ଘର ଦେଇ ଯାଆନ୍ତି। ଯେତେ ଡେରି ହେଲେ ବି ମୁଁ ଆଉ କାହାଠୁ ପରିବା ନିଏନି। ସେଇ ସ୍ତ୍ରୀ ଲୋକର ମୁହଁ ଯେମିତି ମୋତେ ଡାକି ଦେଇଥିବ। ସେ ଯେତେବେଳେ ତାକୁ ଛୁଇଁଥିବ ତା ଦେହରୁ ଆସୁଥିବା ପାଳକ, ଟମାଟୋ ଆଉ କଞ୍ଚାଲଙ୍କାର ବାସ୍ନାକୁ କ'ଣ ପିଇ ଯାଉଥିବ? ନିଜ ଉପରେ ଚିଡ଼ିଲି। ମୁଁ କ'ଣ ପାଇଁ ସେ ସ୍ତ୍ରୀ ଲୋକ ବିଷୟରେ ଏତେ ଭାବୁଛି?

ଗୋଟେ ଗୁଜୁରାଟି ଉପନ୍ୟାସ ପଢୁଥାଏ। ସେଥିରେ ବତୀ ଆଲୁଅର ଶିଖାପରି ଏକ ଝିଅ ଥିଲା। ତା'ର ନାଁ ଜୀବି। କାହାଣୀର ନାୟକ ଜୀବିକୁ ଆକାଶର ତାରା ମାନଙ୍କ ଭିତରେ ଖୋଜି ପାଉଥିଲା। ସେ ହାତ ଲମ୍ୱାଉଥିଲା। ଗୋଟିଏ ବି ତାରା ତା ହାତରେ ଧରା ପଡୁନଥିଲେ। ଲୋକଟି ନିରାଶ ହେଇ କହିଲା

"ଜୀବି... ତୁ ମୋ ଗାଁରେ ନିଜ ଜାତିର ବାହା ହୋଇପଡ। ଦୂରରୁ ଥାଇ ସବୁଦିନ ତୋ ମୁହଁ ଦେଖିବି"

"ସେ ଦିନର ସୂର୍ଯ୍ୟକୁ ଯେତେବେଳେ ଜୀବି ଅନେଇଲା ତା ମୁହଁ ଏମିତି ଲାଲ ହେଇଗଲା ଯେମିତି କିଏ ଏକ କୁଆଁରୀ ଯୁବତୀକୁ ପ୍ରଥମ ସ୍ପର୍ଶ କରେ। କାହାଣୀର ତାର ଆଗକୁ ଲମ୍ୱିଯାଏ। ଜୀବିର ମନରେ ଦୁଃଖ ଓ ହତାଶ ରେଖାଙ୍କିତ ହେଇଯାଏ। ସେ ଉପନ୍ୟାସର ନାୟିକା ଜୀବିର ଚିନ୍ତା ବି ମୋ ମୁଣ୍ଡରେ ପଶିଯାଇଛି। ଠିକ୍ ସେଇ ପରିବାର ବିକାଳୀ ମାଇପିଟାର ଚିନ୍ତା ପରି। ପରଦିନ ମୋ ପାଦକୁ ଅଟକେଇଲି। ଭାବିଲି ଆଜି ତାଠୁ ପରିବା କିଣିବିନି। ସିକ୍ୟୁରିଟି ଗାର୍ଡକୁ କହିଲି ଯଦି କେହି ପରିବା ବିକାଳୀ ଆସନ୍ତି ମୋତେ ଡାକିବୁ। ଜଣେ ପରିବା ବିକାଳୀ ଆସି କବାଟ ବାଡେଇଲା। ଗୋଟି ଗୋଟି କରି ସବୁ ପରିବାକୁ ହାତ ଲଗେଇ ଦେଖିଲି। ଆଳୁ ନରମ ଆଉ କଣା କଣା ଥାଏ। ବିନ୍ସ ଛୁଇଁ ଗୁଡିକ ଯେମିତି ଛାତି ଫଟେଇ କାନ୍ଦୁଥିଲେ। ଟମାଟର ଗୁଡାକ ଯେମିତି ଭୋକିଲା ହେଇ ଶୋଇ ରହିଥିଲେ। କଞ୍ଚାଲଙ୍କାରୁ ଯେମିତି ସବୁ ସୁଗନ୍ଧ କିଏ ଉଡେଇ ନେଇଥିଲା। ମୁଁ ନିରାଶ ହେଲି। ପାଦକୁ ଅଟକାଇ ରଖିଥିଲେ ମଧ୍ୟ ସେ ପରିବାର ବିକାଳି ମାଇପିଟା ପାଖକୁ ଗଲି।

ଆଜି ତା ପାଖରେ ତା ସ୍ୱାମୀ ଥିଲା। ସେ ଗୋଦାମରୁ ପରିବା ଆଣି ଆସିଥିଲା ଓ ସ୍ୱାମୀ ସ୍ତ୍ରୀ ଦୁହେଁ ପରିବାକୁ ସଜାହି ପାଣି ଛିଞ୍ଚୁଥିଲେ। ତା' ମୁହଁଟା ଚିହ୍ନା ଚିହ୍ନା ଲାଗୁଥିଲା। ତାକୁ କେବେ କୋଉଠି ଆଗୁ ଦେଖିଛି। "ବିବିବ ଜି ଆପଣ..? ସେ ମୋତେ ଦେଖୁ ଦେଖଉ କହିଲା। "କିନ୍ତୁ ମୁଁ ତୋତେ ଚିହ୍ନି ପାରୁନି" ମୁଁ କହିଲି। "ଏକୁ ଚିହ୍ନି ପାରୁନ? ଏ ରତ୍ନୀ! ସେ ତା ପରିବାର ବିକାଳୀ ସ୍ତ୍ରୀକୁ ଦେଖେଇ କହିଲା।

"ମାଣକୁ-ରତ୍ନୀ" ସେ ମୋତେ ମନେ ପକେଇବାକୁ ଚେଷ୍ଟା କରୁଥିଲା।

ମୁଁ ମୋ ମନକୁ ଅଣ୍ଡାଳିଲି। ମାଣକୁ-ରତ୍ନୀକୁ ଖୋଜି ପାଇଲିନି। ତିନିବର୍ଷ ତଳେ... ସେ ଗୋଟେ ଗାଁ ପାଖରେ ଆପଣଙ୍କ ଗାଡି ଖରାପ ହେଇଯାଇଥିଲା। ସେ ମୋତେ ସୁରାଗ ଦେଉଥିଲା। ହଁ ହେଉଥିଲା ମୁଁ କହିଲି। ସେଠୁ ଆପଣ ଏକ ଟ୍ରକରେ ଧୁଲିଆ ବଜାର ପର୍ଯ୍ୟନ୍ତ ଆସିଥିଲେ। ନୂଆ ଟାୟାର କିଣିବା ପାଇଁ। ସେ କହିଲା ହଁ... ହଁ...। ଏବେ ମୋ ମନେ ପଡିଗଲା। ଅଣ୍ଡାଳୁଥିବା ମାଣକୁ-ରତ୍ନୀ ମିଳିଗଲା।

ରତ୍ନୀ ଏକ ଦରଫୁଟା କଢ଼ଟିଏ ଥିଲା। ମାଣକୁ ତାକୁ ଯେମିତି ଫୁଟିବା ପୂର୍ବରୁ ଗଛରୁ ତୋଳି ଆଣିଥିଲା। ଟ୍ରକ ଡ୍ରାଇଭର ମାଣକୁର ସାଙ୍ଗ। ଏ ରତ୍ନୀକୁ ନେଇ ପଳେଇଯିବାରେ ମାଣକୁର ସାହାଯ୍ୟ କରୁଥିଲା। ଡ୍ରାଇଭର ରାସ୍ତା ସାରା ରତ୍ନୀ ସହ ଥଟାମଜା କରୁଥିଲା। ରାସ୍ତାରେ ଛୋଟ ଛୋଟ ଗାଁ। ରାସ୍ତାକଡରେ ତରଭୁଜ, କାକୁଡି ଓ ଅନ୍ୟ ପନିପରିବା ବିକ୍ରି ହେଉଥିଲା। ତାଙ୍କ ଭିତରେ ସେମାନେ ଅନେକ କଥା ଗପୁଥିଲେ। ଯା ଭିତରେ ମଧ୍ୟପ୍ରଦେଶର ସୀମା ଆସିଲା। ସେଠି ସବୁ ଗାଡିକୁ ତନ ତନ କରି ପୋଲିସ ଦେଖୁଲା। କାଳେ କୋଉଠି ଗଞ୍ଜେଇ ଅଫିମ ଇତ୍ୟାଦି ଚାଲାଣ ହେଉଥିବ। ଆମେ ବସିଥିବା ଟ୍ରକକୁ ପୋଲିସ ଦେଖିଲା। କିଛି ନ ମିଳିବାରୁ ଆଗକୁ ଯିବା ପାଇଁ ଇଶାରା କଲା। ଯେମିତି ଆଗକୁ ଯାଇଛୁ ଡ୍ରାଇଭର ଠୋ ଠୋ ହେଇ ହସୁଥିଲା। ଶଳା ଅଫିସ ଖୋଜୁଛନ୍ତି। ମଦ ଦରାଣ୍ଡୁଛନ୍ତି। ମୋ ବୋତଲ ତାଙ୍କୁ ଦେଖାଗଲାନି। ରତ୍ନୀ ଜାକିଜୁକି ହେଇ ଚୁପ୍ ଚାପ ବସିଥାଏ। ସେ କହିଲା ହୁସିଆର ବୋତଲ ଭାଙ୍ଗିଯିବ। ସବୁ ନିଶା ବାହାରିଯିବ। 'ବୁଡି ମରୁନୁ କୋଉଠି' ଡ୍ରାଇଭର କହିଲା। 'ମୁଁ ବୁଡି ମରିବି... ତୁ ଦରିଆ ହେଲେ' ରତ୍ନୀ ଥଟା କରି କହିଲା। ମୁଁ ତାଙ୍କ କଥା ସବୁ ଶୁଣି ହସୁଥିଲି।

ଧୁଲିଆ ଆସିଲା। ଆମେ ଟ୍ରକରୁ ଓହ୍ଲେଇ ଗଲୁ। କିଛି କ୍ଷଣ ପର୍ଯ୍ୟନ୍ତ ଗୋଟେ କଥା ମୋତେ ଆନ୍ଦୋଳିତ କଲା। ରତ୍ନୀ ଏକ ଦରଫୁଟା କଢ଼ିଟିଏ। ମାଣକୁ ତାକୁ କେଜାଣି କୁଆଡେଇ ନେଇ ଯାଉଛି। ତା ଜୀବନରେ ସେ କଢ଼କୁ ସେ ଫୁଟିବାକୁ ଦବ? ସେ କଢ଼ ଯେମିତି କାହା ପାଦ ତଳେ ମକଚି ହେଇ ନଯାଉ।

କିଛିଦିନ ତଳେ ଦିଲ୍ଲୀରେ ଏକ ଅଘଟଣ ହୋଇଥିଲା। ଗୋଟେ ଝିଅକୁ ଜଣେ ଭାଓଲିନ ଶିଖାଉଥିଲା। ପରେ ଦି ଜଣ ଯାକ ବମ୍ବେ ଯିବାର ପ୍ଲାନ କଲେ। ଯୋଜନା ଥିଲା ଜଣେ ଗାଇବ ଆଉ ଜଣେ ବଜେଇବ। ଗୁଜୁରାଣ ମେଣ୍ଟିବ। ସବୁଦିନ ଭାଓଲିନ ଭିତରେ ସେ ଝିଅ ଦୁଇ ହଳ କରି ଜାମା ଲୁଗେଇ ମାଷ୍ଟ୍ର ହାତରେ ଦେଇଦିଏ। ଏମିତି କିଛିଦିନ ଭିତରେ ସେ ଝିଅ ନିଜର ସବୁ ଲୁଗାପଟା ପଠେଇ ଦେଲା। ଘରେ କେହି କିଛି ଜାଣିପାରିଲେନି। ଯୋଉଦିନ ସେ ଘରୁ ବାହାରିଗଲା ତାକୁ କେହି ସନ୍ଦେହ କରି ନଥିଲେ। ପରେ ସେ ଝିଅଟିର ଏକାଦଶା ହେଲା ଯେମିତି ଆଗକୁ ଅନେକ ଝିଅଙ୍କ ସହ ହେଇଥିଲା। ସେ ବମ୍ବେ ପହଞ୍ଚି ଗୀତ ଗାଇବା ପରିବର୍ତ୍ତେ ଅନ୍ୟ କିଛି କରୁଥିଲା। ମୁଁ ଭାବିଲି ରତ୍ନୀର ଭାଗ୍ୟରେ କ'ଣ ଅଛି?

ଆଜି ତିନିବର୍ଷ ପରେ ମୁଁ ରତ୍ନୀକୁ ଦେଖିଲି। ପୂର୍ବପରି ସେ ନିଜ ସୁନ୍ଦର ହସକୁ ବିଞ୍ଚି ପରିବା ସବୁ ସତେଜ କରୁଥିଲା। ପାଳକ ବିଡା ପାଞ୍ଚଟଙ୍କା, ଟମାଟର ଦଶଟଙ୍କା ଓ କଞ୍ଚାଲଙ୍କା ଠାଏକୁ ତିନିଟଙ୍କା। ତା ମୁହଁରେ ପାଳକର ସବୁ କୋମଳତା, ଟମାଟୋର ସବୁ ଲାଲ ରଙ୍ଗ ଓ କଞ୍ଚା ଲଙ୍କାର ବାସ୍ନା ସେମିତି କିଏ ନେସି ଦେଇଥିଲା। ଉପନ୍ୟାସର ନାୟିକା ଜୀବିର ମନରେ ନିରାଶର ରେଖା ଡେଇଁଥାଏ। ସେଇ ରେଖା ମୋ ମନରେ ବି ଥିଲା। ଆଉ ଦୁଇଟି ରେଖା ନିଜ ଭିତରେ ମିଶିଯାଉଥିଲେ। ରତ୍ନୀ ମୁହଁରେ ତା ଚିର ପରିଚିତ ହସ ଦିଶୁଥିଲା। ସେଇ ମିଟିକା ହସ ଯାହା ସ୍ୱପ୍ନ ଅଙ୍କୁରିତ ହେଲେ କାକର ବିନ୍ଦୁ ପରି ପତ୍ର ଉପରେ ଟଳ ମଳ ହୁଏ ଆଉ ସେ ସ୍ୱପ୍ନ ମୋ ଗୀତର ଛନ୍ଦ ହେଇଯାଏ। ଯୋଉ ସ୍ୱପ୍ନ ଉପନ୍ୟାସର ନାୟିକା ଜୀବିର ମନରେ ଥିଲା ସେହି ସ୍ୱପ୍ନ ରତ୍ନୀର ମଧ ଥିଲା। ଜୀବିର ସ୍ୱପ୍ନ ଉପନ୍ୟାସର ଲୁହ ହେଇ ବୋହିଗଲା ହେଲେ ରତ୍ନୀର ସ୍ୱପ୍ନ ଗୀତର ଛନ୍ଦକୁ ଭାଙ୍ଗି ତା କୋଳରେ କ୍ଷୀର ପିଉଥିଲା।

*ବୈଜ୍ଞାନିକ, ଭାବା ପରମାଣୁ ଗବେଷଣା କେନ୍ଦ୍ର ପରିବେଶ ନିରୀକ୍ଷଣ ପରୀକ୍ଷାଗାର*
*ପୂର୍ବ ସିଂଭୂମି, ଯାଦୁଗୁଡା, ଝାଡଖଣ୍ଡ*
*ଦୂରଭାଷ : ୯୭୪୧୩୮୦୮୧୦*

# ଅନନ୍ୟ ଅଭିଳାଷ

ନିରଞ୍ଜନ ସେଠୀ



ଗହମ ରଙ୍ଗର ମହମ ଦେହରେ
ଚିକ୍କଣ ଚମକ ଛଇ
ଘାରି ହେଉଥାଇ ହୃଦ ତନୁ ମନ
ସପନ ମାରଇ ହାଇ।

ତନୁ ପାତେଳି କି ତନୁ ଅଣ୍ଟା ତାର
ଚାଲିଲେ ନହକି ଯାଏ
ଇଚ୍ଛା ପରବତ କାମନା ଲାଳସେ
ଶିର ଟେକି ଧୀରେ ଚାହେଁ।

କାନନ କୁନ୍ତଳ ସୁଖ ବିଭାବରୀ
କନକ ମଞ୍ଜରୀ ଶୋଭା
ପ୍ରତୀକ୍ଷଣେ ପ୍ରତି ପଲକେ ନାଚଇ
ପ୍ରୀତି ପଲ୍ଲବିତ ଆଭା।





କୁଞ୍ଜେ କୁଞ୍ଜେ ମତି ମତ୍ତ ଉଲ୍ଲାସରେ
ମଦନ ମଦିରା ପାନେ
ଭାବେ ବିହ୍ୱଳିତ ଭାବନା ଭୁବନେ
ନାଚୁଥାଏ ନଗ୍ନ ତନେ!

ନିଦ୍ରା ଅବଶେଷେ ଅବସୋସ ମିତ
ମନ କରେ ହାଇଁପାଇଁ
ଭୁଲିବାକୁ ଚାହିଁ ଭୁଲି ମୁଁ ପାରେନା
ଚଞ୍ଚଳତା ଯାଏ ଛୁଇଁ।

*ନିର୍ଦ୍ଦେଶକ (ବୈଷୟିକ)*
*ସୂଚନା ଓ ଲୋକ ସମ୍ପର୍କ ବିଭାଗ*
*ଓଡ଼ିଶା, ଭୁବନେଶ୍ୱର*

# ଏବେ ଖୋଜୁଛନ୍ତି ତୁମକୁ



ଶୁଭସ୍ମିତା ତ୍ରିପାଠୀ

ଦେଖ!
ଝରୁଛନ୍ତି କ୍ରମଶଃ ତାରା ଫୁଲମାନେ
ଆକାଶରୁ
ଏବଂ
ଫୁଟିଯାଉଛନ୍ତି
କୁଞ୍ଜ ଭିତର ଲତାଙ୍କ ଡାଳେ ଡାଳେ
ଯେଉଁ କେତୋଟି ଚମକୁଛନ୍ତି ଆକାଶରେ
ସେମାନେ ସମସ୍ତେ 'ମୃତତାରା'
ସୂର୍ଯ୍ୟୋଦୟ ପୂର୍ବରୁ କିନ୍ତୁ
ସେମାନଙ୍କୁ ହେବାକୁ ହେବ ଜୀବନ୍ତ
କୁଞ୍ଜ ଫୁଲରୁ ସାଜିବାକୁ ହେବ
ଜୀବିତ ନକ୍ଷତ୍ର!
ତୁମକୁ ଆଉ ଥରେ ମାତ୍ର ନଚାହିଁ
ଫେରିଯିବାକୁ ହେବ ସେମାନଙ୍କୁ
ଛାୟାପଥର ପଥେ ପଥେ
ମଥା ପୋତି
ଆଉ କ'ଣ ସବୁଦିନ ଝରିପାରିବେ
ସେମାନେ...?
ମେଘର ଅବଗୁଣ୍ଠନତ ଜକିଧରିବ
ଯାବତୀୟ ଲଜ୍ଜା...
ଦେଖ,
ଏ ମୁହୂର୍ତ୍ତ ମାନଙ୍କୁ
ସାୟାହ୍ନର ଶୀତଳତାରେ
ଫୁଲ-ବାସ୍ନା ନେଇ ପବନରେ
ସେମାନେ ଏବେ ଖୋଜୁଛନ୍ତି
'ତୁମକୁ'....



*ଲକ୍ଷ୍ମୀନୃସିଂହ ସାହି, ୧୨ତମ ଲେନ,*
*ବ୍ରହ୍ମପୁର, ଗଞ୍ଜାମ*
*ଦୂରଭାଷ : ୮୨୪୯୮୦୧୮୫୪*

# ନିର୍ବାକ ତଟ

ଅଶୋକ କୁମାର ପ୍ରଧାନ



କାହା ପାଇଁ ଏତେ ଚିତ୍କାର କରି
ତୁହାକୁ ତୁହା ପିଟି ହେଉଛ
ଏ ବେଳାଭୂମିର ତୀରେ
କାହାର ଅପେକ୍ଷାରେ
ଅପେକ୍ଷା ରତ
ତୁମର ପ୍ରତିଟି ସମୟ
ଦୀପର ସଳିତା ପରି
ସରି ଯାଉଅଛ ପ୍ରତିକ୍ଷଣ
ତଥାପି ତୁମେ ନୀରବି ଯାଇନ
ନୀରବ ରହିନ ମୁହୂର୍ତ୍ତଟିଏ ପାଇଁ।

କାନଡେରି ଶୁଣିଥିଲେ
ବୋଧେ ବୁଝି ପାରିଥାନ୍ତି
ତୁମ ଅକୁହା ଓଠର କଥା
ତୁମ ଅନ୍ତରର ଅବ୍ୟକ୍ତ ସ୍ପନ୍ଦନ
ତୁମ ହୃଦୟ ରାଇଜର ନିର୍ମମ କାହାଣୀ
ମୁଁ ବା କରିବି କ'ଣ?
କେଉଁଠି ରହିଅଛି ତା'ର ସମସ୍ୟା
ଓ ସମାଧାନର ରାସ୍ତା?



ଅନ୍ତରରେ ଅକୁହା ସ୍ପନ୍ଦନକୁ ହରେଇ
ଚାଲିଛି ମୁଁ ପ୍ରତିଟି କ୍ଷଣରେ
ଆଜି ମୁଁ ଦିଗହରା
ବାସହରା ହରିଶ୍ଚନ୍ଦ୍ରଟିଏ
ଶ୍ମଶାନଘାଟକୁ କରିଛି ଅପେକ୍ଷା
ପାଇବାକୁ ବାସ୍ତବ ଚରିତ୍ରର ଚିତ୍ର
ଫେରି ପାଇବାକୁ ମୋର ଅସଲ ପରିଚୟ
କିନ୍ତୁ ତାହା ବି ସନ୍ଦେହ ଘେରରେ।

ଆଧୁନିକ ମାନବର ଚିତ୍ର ନେଇ
ରହିଅଛି ମୁହିଁ
ମାନବିକତା ହଜିଯାଇଛି ମୋର
ହୃଦୟର ନିଭୃତ କୋଣରୁ
ଯନ୍ତ୍ର ସଭ୍ୟତା ମୋତେ ପ୍ରତିଟି ମୁହୂର୍ତ୍ତରେ
କବଳିତ କରି ରହିଛି ଠିକ୍ ତୋପରି
ଖୋଜୁଛି ମୁଁ ମୋ ବାସ୍ତବିକତାକୁ
ତୋରି ତଟରେ
ନିରସ୍ତ୍ର ସୈନିକଟି ପରି କିନ୍ତୁ
ତୋ ତଟ ପରି ନୀରବ ନିସ୍ତବ୍ଧ,
ନିଶ୍ଚେତ ଓ ନିର୍ବାକ ମୁଁ।

*ରୋହିଗାଁ, ଗଞ୍ଜାମ*
*ଦୂରଭାଷ : ୮୨୪୯୧୧୯୧୩୦*

# ପ୍ରେମିକ

ମନୋରମା ହାତୀ



ପ୍ରେମିକ
ଶହ ଶହ ମିଠା ପ୍ରତିଶ୍ରୁତିର
ଅସଂଖ୍ୟ ଢେଉ ଭରା
ନୀଳ ଦରିଆଟେ

ପ୍ରେମିକାର ହଜାରେ ଦୋଷକୁ
କ୍ଷଣକେ କ୍ଷମା କରି ଦଉଥିବା
ଆକାଶ ପରି ବିଶାଳ ଉଦାର ହୃଦୟଟେ

ଦୁନିଆଯାକର ଫାଜିଲପଣକୁ
ସାଇତି ରଖିଥିବା
ପୁରୁଣା ଲାଇବ୍ରେରୀଟେ

ଦିନ ଦ୍ୱିପ୍ରହରରେ ଆଖିରେ
ଅସୁମାରି ସ୍ୱପ୍ନ ବୁଣୁଥିବା
ପରଦେଶୀ ସୌଦାଗରଟେ

ଅନାୟାସରେ ରାତିର ବଗିଚାରୁ
ନିଦର ରଜନୀଗନ୍ଧାକୁ
ଚୋରି କରି ନଉଥିବା ଫୁଲ ବିକାଳିଟେ



ପ୍ରତିଟି ଶବ୍ଦରେ ପ୍ରତିଟି ବାକ୍ୟରେ
ପ୍ରେମର କବିତା ଲେଖୁଥିବା
ଯାଦୁଗରୀ ଲେଖନୀଟେ

ହୃତପିଣ୍ଡକୁ ଫୁଲ ବଗିଚା
ମନେ କରାଉଥିବା
ଅବିଶ୍ୱସନୀୟ କଳ୍ପନାଟେ

ଭାବି ଭାବି ସରୁ ନଥିବା
ନଦୀ ବାଲି ପରି ଅସରନ୍ତି ଭାବନାଟେ

ଯେତେ ଦେଖିଲେ ବି
ବିରକ୍ତି ଲାଗୁ ନଥିବା
ମନଛୁଆଁ ଧାରାବାହିକଟେ

ଦେହ ମନ ପୃଥିବୀରେ ଥାଇ
ଆବେଗ ଅନୁଭବକୁ
ଅଜଣା ଗ୍ରହକୁ ନେଇ ପାରୁଥିବା
ଅଦଭୁତ ବୈଜ୍ଞାନିକ ଯାନଟେ

ଖୁସି ପାରିଜାତ କାନନକୁ
ଘର ଅଗଣାରେ କାନଭାସରେ ଆଙ୍କି
ଦଉଥିବା ବିଖ୍ୟାତ ଚିତ୍ରକରଟେ

ପଦିଏ କଥାରେ ଜହ୍ନକୁ
ଝରକା ପାଖେ କ୍ୟାଲେଣ୍ଡର ପରି
ଟାଙ୍ଗି ଦଉଥିବା ଦୁଃସାହସ ଚରିତ୍ରଟେ

ହଜାରେ ଭିଡ ଭିତରେ
ନିଜ ଆଡକୁ ଆକର୍ଷିତ କରୁଥିବା
କମନୀୟ ପ୍ରକୃତିର ସତେ
ଲୋଭନୀୟ ଦୃଶ୍ୟଟେ

ଶେଷରେ ପ୍ରେମିକର
ଆକ୍ଷରିକ ଅର୍ଥ କହିଲେ କବି
"ରାଧାନାଥ ରାୟ" ଚିଲିକା ଉଦ୍ଦେଶ୍ୟରେ
କହିଥିବା ବାକ୍ୟଟି ପରି
ସୁନ୍ଦର ତୃପ୍ତିର ଅବସାଦ ନାହିଁ
ଯେତେ ଦେଖୁଥିଲେ ନୂଆ ଦିଶୁଥାଇ।

ସତରେ! ପ୍ରେମିକ ସବୁବେଳେ ନୂଆ
ଖାଲି ଅଣପ୍ରେମିକ ମାନେ ଯାହା
ଅତୀତର ପୁରୁଣା ଡାଏରୀ ପାଲଟି ଯାଆନ୍ତି।

*କନ୍ହେଇପୁର, କଟକ*
*ଦୂରଭାଷ : ୮୯୧୭୨୭୯୦୨୩*








ଦେବ ପ୍ରତୀକ ଦେଓ
ଷ୍ଟାଣ୍ଡାର୍ଡ- ୭
ସେଣ୍ଟ ଜାଭିୟର ହାଇସ୍କୁଲ
ଡିଷ୍ଟ୍ରିକ୍ଟ ସେଣ୍ଟର,
ଚନ୍ଦ୍ରଶେଖରପୁର, ଭୁବନେଶ୍ୱର





ରାଜଲକ୍ଷ୍ମୀ ନାୟକ
ଷ୍ଟାଣ୍ଡାର୍ଡ-୯
ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର
ନୀଳାଦ୍ରି ବିହାର, ଭୁବନେଶ୍ୱର




# ସାନ୍ତାଳ ସମ୍ପ୍ରଦାୟର ଦାମୋଦର ଯାତ୍ରା ଉଦ୍‌ଯାପିତ

**ବାରିପଦା :** ପବିତ୍ର ମକର ସଂକ୍ରାନ୍ତିର ପରେ ପରେ ଜାନୁୟାରୀ ୧୬ରୁ ଆରମ୍ଭ ହୋଇ ୧୮ ପର୍ଯ୍ୟନ୍ତ ୩ ଦିନ ଧରି ବାରିପଦା ସହରର ଉପକଣ୍ଠ ବୁଢ଼ାବଳଙ୍ଗ, ଜରାଳୀ ଓ ସରାଳି ନଦୀର ସଙ୍ଗମ ସ୍ଥଳି ବାରୁଣୀ ନିକଟରେ ପ୍ରତ୍ୟେକ ବର୍ଷ ପରି ଚଳିତ ବର୍ଷ ମଧ ଅନୁଷ୍ଠିତ ଆଦିବାସୀ(ସାନ୍ତାଳ) ସମ୍ପ୍ରଦାୟର ସାମୁହିକ ଅସ୍ଥି ବିସର୍ଜନ ଦାମୋଦର ଯାତ୍ରା ଶେଷ ହୋଇଯାଇଛି। ମୟୂରଭଞ୍ଜ ଗଡ଼ଜାତ ରାଜ୍ୟର ମହାରାଜାମାନଙ୍କ ଶାସନ ସମୟରୁ ଅନୁଷ୍ଠିତ ହୋଇ ଆସୁଥିବା ଏହି ସାମୁହିକ ଅସ୍ଥି ବିସର୍ଜନ ପର୍ବରେ ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ବ୍ଲକ, ପଡ଼ୋଶୀ କେନ୍ଦୁଝର, ବାଲେଶ୍ୱର ଜିଲ୍ଲା ସହିତ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ଓ ବିହାର ଆଦି ରାଜ୍ୟଗୁଡ଼ିକରୁ ଲକ୍ଷାଧିକ ଆଦିବାସୀ(ସାନ୍ତାଳ) ସମ୍ପ୍ରଦାୟର ଜନସାଧାରଣ ପାରମ୍ପରିକ ନୃତ୍ୟଗୀତ ସହ ମାଦଳ, ଧୁମସା, ଚାଙ୍ଗୁ, ବଂଶୀ ଓ କେନ୍ଦ୍ରା ବାଦନର ତାଳେ ତାଳେ ଏହି ତିନି ନଦୀର ସଂଗମ ସ୍ଥଳିରେ ଏକତ୍ରିତ ହୋଇ ସେମାନଙ୍କର ପରିବାରରେ ମୃତ ଆତ୍ମୀୟ ସ୍ୱଜନମାନଙ୍କର ଅସ୍ଥିକୁ ବିସର୍ଜନ କରିଥିଲେ। ପ୍ରଚଳିତ ପ୍ରଥା ଓ ବିଧି ଅନୁସାରେ ଯାତ୍ରୀମାନେ ବାରିପଦା ସହର ଉପକଣ୍ଠ ବୁଢ଼ାବଳଙ୍ଗ,ଜରାଳୀ ଓ ସରାଳି ନଦୀର ସଙ୍ଗମ ସ୍ଥଳିରେ ପହଞ୍ଚି ନିଜ ନିଜ ନିତ୍ୟକର୍ମ ସମାପ୍ତ କରିବା ପରେ ନଦୀଗର୍ଭକୁ ସିକା ଫିଙ୍ଗି ଅସ୍ଥି ବିସର୍ଜନ କରିବା ପରେ ବୁଡ଼



ପକାଇଥିଲେ। ଏହାପରେ ନଦୀକୂଳରେ ବାଲି ଦ୍ୱାରା ଏକ ପୀଠ ପ୍ରସ୍ତୁତ କରି ୪ ଗୋଟି ଶାଳ ବା ଜାମୁଡ଼ାଳ ପୋତି ତିନି ପାର୍ଶ୍ୱକୁ ୭ ଘେରା ସୁତାରେ ଗୋଡ଼ାଇବା ପରେ ଖୋଲା ଥିବା ପାର୍ଶ୍ୱରେ ୭ଗୋଟି ପତ୍ରରେ ଚୁଡ଼ା, ପିଠା ଅର୍ପଣ କରି ମୃତ ବ୍ୟକ୍ତି ସହ ସମ୍ପ୍ରଦାୟର ଆରାଧ୍ୟ ଦେବତା ମାରାଂବୁରୁ ପୁରୁଧୁଲଙ୍କ ଉଦ୍ଦେଶ୍ୟରେ ପୂଜାର୍ଚ୍ଚନା କରିଥିଲେ । ଅସ୍ଥି ବିସର୍ଜନ ପର୍ବ ଶେଷ ହେବା ପରେ ପୂଜାବଶେଷକୁ ପ୍ରଶାଦ ଭାବେ ଗ୍ରହଣ କରି ବାହୁଡ଼ି ଯାଇଥିଲେ । ଏହାପରେ ଗ୍ରାମର ମୁଖ୍ୟ "ମାଝୀ" ଗ୍ରାମ ମୁଣ୍ଡରେ ଉପସ୍ଥିତ ରହି ସ୍ୱାଗତ କରି ନେବା ପରେ ଯାତ୍ରୀମାନଙ୍କ ପାଦକୁ ପାଣିରେ ଧୋଇ ତେଲ ଲଗାଯିବ । ଶେଷରେ ପରମ୍ପରା ଅନୁସାରେ ଧଳା କୁକୁଡ଼ାକୁ ପୂଜା କରାଯାଇ ତାର ମାଂସକୁ ରୋଷେଇ କରି ସମସ୍ତେ ଖାଇବାପରେ ନିଜ ନିଜ ଘରକୁ ଫେରିଯିବେ। ସାନ୍ତାଳ ସମ୍ପ୍ରଦାୟ ମଧ୍ୟରେ ଦାମୋଦର ଯାତ୍ରା ଉପରେ ପ୍ରଚଳିତ ଲୋକକଥା ଆଧାରରେ ସେମାନଙ୍କର ଆଦିଭୂମି ଦାମୋଦର ଉପତ୍ୟକା । ବହୁକାଳର ଯାଜାବର ଜୀବନଯାପନ ପରେ ସେମାନେ ପ୍ରଥମେ ସତ୍‌ଗାଳ(ସାର୍ତ୍ୱିତ)ଠାରେ ପ୍ରତିଷ୍ଠିତ ହୋଇଥିଲେ ଏବଂ ଦାମୋଦର ଉପତ୍ୟକାର ଏହି ସ୍ଥାନ ସେମାନଙ୍କ ନିମନ୍ତେ ସମସ୍ତ କ୍ଷେତ୍ରରେ ଶୁଭସିଦ୍ଧ ହୋଇଥିଲା। ଏହି ଉପତ୍ୟକାରେ ନିଜକୁ ଓ ନିଜ ଜାତିକୁ ପ୍ରଥମ କରି ଚିହ୍ନିଲେ। ତେଣୁ ସେମାନେ ସେହି ସ୍ଥାନରୁ ବିଚ୍ୟୁତ ନହେବା ନିମନ୍ତେ ସଂକଳ୍ପବଦ୍ଧ ହୋଇଥିଲେ। ସମୟାନ୍ତରରେ ସ୍ଥାନାଭାବ ସହ ଜିବୀକା ଅନ୍ୱେଷଣରେ ଅନ୍ୟତ୍ର ସ୍ଥାନାନ୍ତରିତ ହୋଇଥିଲେ ମଧ୍ୟ ଦାମୋଦର ଉପତ୍ୟକା ସହିତ ସମ୍ପର୍କ ବଜାୟ ରଖିଥିଲେ। ଏପରିକି ପରିବାରରେ କୌଣସି ସଦସ୍ୟଙ୍କ ମୃତ୍ୟୁ ହେଲେ ମୃତ ବ୍ୟକ୍ତିର ଅସ୍ଥିକୁ ଦାମୋଦର ନଦୀରେ ବିସର୍ଜନ କରିଆସୁଥିଲେ। କାଳକ୍ରମେ ଜିବୀକାର୍ଜନ କାରଣରୁ ଦୂରଦୂରାନ୍ତକୁ ସ୍ଥାନାନ୍ତରିତ ହୋଇଯାଇଥିବା କାରଣରୁ ଦାମୋଦର ନଦୀକୁ ଆସି ଅସ୍ଥି ବିସର୍ଜନ କରିବା ବ୍ୟୟ ସାପେକ୍ଷ ହୋଇପଡ଼ିଥିବାରୁ ଏହାର ବିକଳ୍ପ ଭାବେ ସାନ୍ତାଳ ସମ୍ପ୍ରଦାୟର ଜନସାଧାରଣ ବିଭିନ୍ନ ନଦୀ ତଥା ନଦୀଗୁଡ଼ିକର ସଙ୍ଗମ ସ୍ଥଳରେ ପହଞ୍ଚି ନଦୀ ଗର୍ଭକୁ ପଇସା ଫିଙ୍ଗି ଘାଟକୁ କିଣି ଦାମୋଦର ନଦୀର ନାମକରଣ କରି ପରିବାରର ମୃତ ଅସ୍ଥି ବିସର୍ଜନ କରିଥାନ୍ତି। ଏହି ଅସ୍ଥି ବିସର୍ଜନ ପର୍ବକୁ ଶାନ୍ତି ଶୃଙ୍ଖଳାର ସହିତ ସମାପନ କରାଇବା ଉଦ୍ଦେଶ୍ୟରେ ପୁଲିସ ବିଭାଗ ପକ୍ଷରୁ ଗାଡ଼ିମୋଟର ଚଳାଚଳ ଉପରେ କଟକଣା ଲାଗୁ କରାଯିବା ସହ ବିଭିନ୍ନ ସ୍ଥାନରେ ବ୍ୟାପକ ପୁଲିସ ମୁତୟନ କରାଯାଇଥିଲା। ବାରିପଦା ପୌରପରିଷଦର ନିର୍ବାହୀ ଅଧିକାରୀ ସରୋଜ କୁମାର ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅସ୍ଥି ବିସର୍ଜନ ସ୍ଥଳିକୁ ଅସ୍ଥାୟୀ ରାସ୍ତା ନିର୍ମାଣ, ପରିମଳ ବ୍ୟବସ୍ଥା, ପାନୀୟ ଜଳ ଯୋଗାଣ ବ୍ୟବସ୍ଥା, ଫାଣ୍ଡି, ଜରୁରୀକାଳୀନ ଚିକିତ୍ସା ବ୍ୟବସ୍ଥା, ଦମକଳ କେନ୍ଦ୍ର, ବିଜୁଳି ଯୋଗାଣ ସହିତ ବାରିପଦା ଆଇଟିଡ଼ିଏ ପକ୍ଷରୁ ନଦୀ ଉପରେ ଜନସାଧାରଣଙ୍କ ଯାତାୟତ ନିମନ୍ତେ ମଧ୍ୟ ଅସ୍ଥାୟୀ ପୋଲ ନିର୍ମାଣ କରାଯାଇଥିଲା।

## ଶିଳ୍ପ ବିପ୍ଳବ ୪.୦ରେ ଓଡିଶା ହୋଇପାରିବ ବିଶ୍ୱର ଅଗ୍ରଣୀ ଅଞ୍ଚଳ : ଧର୍ମେନ୍ଦ୍ର



**ଭୁବନେଶ୍ୱର :** ଅପାର ସମ୍ଭାବନାର ରାଜ୍ୟ ଓଡିଶାରେ ବିଶାଳ ବେଳାଭୂମି, ରତ୍ନଗର୍ଭା ସମୁଦ୍ର, ବିଶାଳ ଜଙ୍ଗଲ ସମ୍ପଦ, ଅମାପ ଖଣିଜ ସମ୍ପଦ ରହିଛି । ଶିଳ୍ପ ବିପ୍ଳବ ୩.୦ରେ କମ୍ପ୍ୟୁଟର ବଡ ଭୂମିକା ଗ୍ରହଣ କରିଥିଲା ବେଳେ ଶିଳ୍ପ ବିପ୍ଳବ ୪.୦ରେ ବଡ ମାଧ୍ୟମ ଇଂଟରନେଟ୍ ହୋଇଛି । ଓଡିଶା ଏକ ବୁଦ୍ଧି ଆଧାରିତ ଓ ପରିଶ୍ରମୀ ମାନବ ସମ୍ବଳର ଅନନ୍ୟ ପରିଚୟ ହୋଇଥିବା ବେଳେ ଏହକୁ ଉପଯୋଗ କରି ଓଡିଶା ଶିଳ୍ପ ବିପ୍ଳବ ୪.୦ରେ ବିଶ୍ୱର ଆର୍ଥିକ ପ୍ରଗତିର ଅଗ୍ରଣୀ ଅଂଚଳ ହୋଇପାରିବ ବୋଲି ଶୁକ୍ରବାର ସମ୍ବାଦ୍ ପକ୍ଷରୁ ଆୟୋଜିତ ବ୍ରାଣ୍ଡସ୍ ଅଫ୍ ଓଡିଶା ପ୍ରାଇଡ୍ ଅଫ୍ ଇଣ୍ଡିଆ କାର୍ଯ୍ୟକ୍ରମର କର୍ପୋରେଟ୍ ଏକ୍ସିଲେନ୍ସ ଆୱାର୍ଡ ୨୦୨୦ରେ ଯୋଗଦେଇ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଶ୍ରୀ ପ୍ରଧାନ କହିଛନ୍ତି ଯେ ଦିନକୁ ଦିନ ବିଶ୍ୱରେ କାମର ରୂପରେଖ ବଦଳୁଛି । ବିଶ୍ୱରେ ୧୦୦ ବର୍ଷ ପୂର୍ବରୁ ଯେଉଁ କାମ ଥିଲା ଆଗାମୀ ୧୦୦ ବର୍ଷରେ କାମର କାର୍ଯ୍ୟଶୈଳି ବଦଳିଛି । ଘରେ ରହି ମଧ୍ୟ ୪ଟି ଜାଗାରେ ଜଣେ ବ୍ୟକ୍ତି କାମ କରିବା ସମ୍ଭବ । ତେଣୁ ଏହି ସମୟରେ ଓଡିଶାକୁ କିଭଳି ଭାବରେ ନେବାର ଆବଶ୍ୟକତା ରହିଛି ସେଥିପାଇଁ ଭାବିବାକୁ ପଡିବ । ତେବେ ଯାଇ ଓଡିଶା ଓ ଏହାର ଅର୍ଥନୀତି ଆଗକୁ ବଢିବ । ଏକବିଂଶ ଶତାବ୍ଦୀରେ ଓଡିଶାର ଯୁବପିଢିଙ୍କୁ ଭବିଷ୍ୟତ ପାଇଁ ପ୍ରସ୍ତୁତ କରିବାରେ ବ୍ରାଣ୍ଡସ୍ ଅଫ୍ ଓଡିଶା ପ୍ରାଇଡ୍ ଅଫ୍ ଇଣ୍ଡିଆ ଅଗ୍ରଣୀ ଭୂମିକା ନେବ ବୋଲି ସେ ମତବ୍ୟକ୍ତ କରିଛନ୍ତି। ପୃଥିବୀର ବିଭିନ୍ନ ଅଂଚଳରେ କିଛି ନା କିଛି ଉପଲବ୍ଧି ରହିଛି । ଅନୁରୂପ ଭାବେ ପ୍ରଗତିର ଶୀର୍ଷରେ ପହଁଚିବା ପାଇଁ ଓଡିଶାରେ ସବୁ ଉପାଦାନ ଭରିରହିଛି । ଅପାର ସମ୍ଭାବନାର ରାଜ୍ୟ ଓଡିଶାକୁ ବିଶ୍ୱର ୧ ନମ୍ବର ଆର୍ଥିକ ସମୃଦ୍ଧ ଭୂଭାଗ ହେବା ପାଇଁ ଯୋଗ୍ୟ ବୋଲି ସେ କହିଛନ୍ତି । ସେହିପରି ଭୁବନେଶ୍ୱର ସହରରେ ଅନେକ ସରକାରୀ ଓ ବେସରକାରୀ ଜାତୀୟ ସ୍ତରର ଶିକ୍ଷାନୁଷ୍ଠାନ ଅଛି । ଏହାର ଲାଭ ଉଠାଇବା ପାଇଁ ଏକ ଇକୋ ସିଷ୍ଟମ୍ ସୃଷ୍ଟି କରିବାର ଆବଶ୍ୟକତା ରହିଛି ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି। ଦାରିଦ୍ର୍ୟ ମଣିଷ ପାଇଁ ସବୁଠୁ ବଡ ଅଭିଶାପ । ମଣିଷକୁ ଦାରିଦ୍ର୍ୟରୁ ମୁକ୍ତି ଦେବା ପାଇଁ ହେଲେ ରାଜ୍ୟକୁ ଆର୍ଥିକ ସମ୍ପନ୍ନ କରିବାର ଆବଶ୍ୟକତା ରହିଛି । ଏହାର ରାସ୍ତା କେବଳ ସରକାରଙ୍କର ନୁହେଁ ସମାଜର ମଧ୍ୟ । ଯଦି ସମସ୍ତେ ଏହା ସରକାରଙ୍କ କାମ ବୋଲି ଦ୍ୱନ୍ଦରେ ରହିବେ ତେବେ ଆଗାମୀ ୫୦ ବର୍ଷ ପର୍ଯ୍ୟନ୍ତ ସେହି ସ୍ଥାନର ପ୍ରଗତି ହେବ ନାହିଁ । ଲୋକଙ୍କୁ ଦାରିଦ୍ୟରୁ ସମ୍ପନ୍ନ କରିବା ପାଇଁ ସମାଜକୁ ତାର ନେତୃତ୍ୱ ନେବାକୁ ପଡିବ । ବିଶେଷ ଭାବରେ ସମାଜର ବୁଦ୍ଧିଜୀବୀ ବର୍ଗକୁ ଦାୟିତ୍ୱ ନେବାର ଆବଶ୍ୟକତା ରହିଛି। ରାଜ୍ୟର ଜନଜାତି ବା ପଛୁଆ ବର୍ଗର ଲୋକମାନେ ଆଦିବାସୀ ଅଧ୍ୟୁଷିତ ଅଂଚଳରେ ନିଜ ନିଜ ଉପାୟରେ ସରକାରଙ୍କ ଉପରେ ନିର୍ଭର ନହୋଇ ବ୍ୟବସ୍ଥା ତିଆରି କରୁଛନ୍ତି । କେହି କାଠ ପୋଲ ନିର୍ମାଣ କରୁଛି ତ କେହି କଳାହାଣ୍ଡି ଜିଲ୍ଲାରେ ପରିବାକୁ ସତେଜ୍ ରଖିବା ପାଇଁ ନିଜ ଜ୍ଞାନ ବଳରେ ପଦ୍ଧତି ବାହାର କରୁଛି । ଏହିଭଳି ଭାବେ ନିଜର ମନ ବିଜ୍ଞାନ ଏବଂ ବୁଦ୍ଧି ବଳରେ ଓଡିଶାକୁ ଆଗକୁ ନେବାର ଆବଶ୍ୟକତା ରହିଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଦାୟିତ୍ୱ ନେଲେ ...

ସେହିପରି ବିଜେପିର ୮ ଜଣ ସାଂସଦ ଓଡିଶାବାସୀଙ୍କ ସମସ୍ୟାକୁ ସଂସଦରେ ଉଠାଇବେ। ଏହା ସହ ୨ ଜଣ କେନ୍ଦ୍ରମନ୍ତ୍ରୀ ଓଡିଶାର ବିକାଶ ପାଇଁ ଆପ୍ରାଣ ଉଦ୍ୟମ ଚଲାଇଛନ୍ତି । ପ୍ରଧାନମନ୍ତ୍ରୀଙ୍କ ପୂର୍ବୋଦୟ ବିକାଶର ସ୍ୱପ୍ନରେ ଓଡିଶାରେ ମଧ ଭିତିଭୂମିର ବିକାଶ ହୋଇଛି। ମୋଦି ଓଡିଶାକୁ ଗରିବ କଲ୍ୟାଣ ଯୋଜନାର ପ୍ରୟୋଗଶାଳା କରିଛନ୍ତି। ପୂର୍ବୋଦୟକୁ ମନ୍ତ୍ର କରି ଓଡିଶା ଭଳି ରାଜ୍ୟକୁ ବିକାଶ ଯୋଜନାର ପ୍ରାଥମିକତା ବୋଲି କହିଛନ୍ତି । ମୋଦିଙ୍କ ବାର୍ତ୍ତାକୁ ଲୋକଙ୍କ ପାଖକୁ ନେବାକୁ ପଡିବ । ମୋଦି ଦେଉଥିବା ଭରପୁର ଆର୍ଥିକ ସହାୟତା ସଠିକ୍ ଯୋଗ୍ୟ ହିତାଧିକାରୀ ପାଖରେ ସଠିକ୍ ସମୟରେ ପହଁଚିବ ଏହା ମୋଦିଙ୍କ ସୈନିକ ଭାବରେ ଆମର ଦାୟିତ୍ୱ । ଯେଉଁଠି ମୋଦିଙ୍କ ଅର୍ଥର କାଣିଚାଏ ବି ଜନସ୍ୱାର୍ଥ ବଦଳରେ ଶାସକ ଦଳର ପଶାପାଲିରେ ଫସିବ ଆମେ ଜନ ସଂଘର୍ଷ କରିବୁ ଓ ଏଥିପାଇଁ ଜନବିଶ୍ୱାସ ପ୍ରାପ୍ତ କରିବୁ ବୋଲି ଶ୍ରୀ ମହାନ୍ତି କହିଛନ୍ତି। ଓଡିଶାକୁ ଭାରତବର୍ଷରେ ୧ ନମ୍ବର ରାଜ୍ୟ କରିବାକୁ ପଡିବ । ଏହି ଦୃଢତା ଓ ସଂକଳ୍ପ ବିଜେପିର କାର୍ଯ୍ୟକର୍ତ୍ତାଙ୍କୁ ନେବାର ଆବଶ୍ୟକତା ରହିଛି । ସେ କହିଛନ୍ତି ଯେ ସରକାର ଗଢିବା କିମ୍ବା ଲୋକସଭା ଆସନରେ ବିଜୟ ପାଇଁ ନୁହେଁ ବରଂ ଦୀର୍ଘ ୭୦ ବର୍ଷ ଧରି ଓଡିଆ ଲୋକ ଯେଉଁ ନିଜ ହକ୍‌ରୁ ବଞ୍ଚିତ ଅଛି ତାହାକୁ ବିଜେପି ପ୍ରଶାସନ ଓ ଜନସାଧାରଣଙ୍କ ଆଗରେ ଉପସ୍ଥାପନ କରିବା ପାଇଁ ପ୍ରୟାସ କରୁଛି । ବିଜେପିକୁ ୩୭ ହଜାର ବୁଥରେ ମଜବୁତ୍ କରିବାକୁ ପଡିବ। ରାଜ୍ୟରେ ଏକ ସଶକ୍ତ ବିରୋଧୀ ଦଳ ଭାବେ କାମ କରିବାକୁ ହେବ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ସାଢେ ୪ କୋଟି ଓଡିଆଙ୍କ ସମସ୍ୟାରେ ଛିଡା ହେବେ ବିଜେପି କାର୍ଯ୍ୟକର୍ତ୍ତା । ଏହା ସହ ନବନିର୍ବାଚିତ ସମୀର ମହାନ୍ତିଙ୍କୁ ଅଭିନନ୍ଦନ ଜଣାଇ ପୂର୍ବତନ ରାଜ୍ୟ ସଭାପତି ଓ ସାଂସଦ ବସନ୍ତ ପଣ୍ଡା ତାଙ୍କ ବିଦାୟୀ ଭାଷଣରେ ଭାବବିହ୍ୱଳ ହୋଇ କହିଥିଲେ ଯେ 'ମୁଁ ସଭାପତି ଥିବା ସମୟରେ ଯଦି କାହା ମନରେ କଷ୍ଟ ଦେଇଛି ତେବେ ମତେ କ୍ଷମା କରିବେ। ସବୁଠୁ ବଡ ଦଳର ସଭାପତି ନିର୍ବାଚନ କେତେ ସହଜରେ ଏବଂ ସହମତିରେ ହୋଇପାରେ ତାହାର ଜ୍ୱଳନ୍ତ ଉଦାହରଣ ହେଉଛି ବିଜେପି। ବିଶ୍ୱର ସବୁଠୁ ପ୍ରଭାବୀ ନେତା ହେଉଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ବିଚକ୍ଷଣ କୁଟନୀତିଜ୍ଞ ହେଉଛନ୍ତି ଗୃହମନ୍ତ୍ରୀ ଅମିତ ଶାହା। ଓଡିଶାରେ ଆମ ସମସ୍ତଙ୍କୁ ଏକଜୁଟ ହୋଇ ଲଢେଇ ଜାରି ରଖିବାକୁ ପଡିବ । ଓଡିଶାରେ ସରକାର ନହେବା ପର୍ଯ୍ୟନ୍ତ ଆମକୁ କଠିନ ପରିଶ୍ରମ କରିବାକୁ ପଡିବ। ଦେଶରୁ ତ୍ରିପଲ ଟଲାକ ହଟାଇବା, ୩୦୭ ଓ ୩୫(କ) ଉଚ୍ଛେଦ କରିବା, ନାଗରିକ ସଂଶୋଧନ ଆଇନ ଲାଗୁ କରିବା କେବଳ ମୋଦି ସରକାରରେ ସମ୍ଭବ ହୋଇଛି ବୋଲି କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡଙ୍ଗୀ କହିଛନ୍ତି। ବିରୋଧୀ ଦଳ ନେତା ଶ୍ରୀ ପ୍ରଦୀପ୍ତ ନାଏକ ନବନିର୍ବାଚିତ ଶ୍ରୀ ମହାନ୍ତିଙ୍କୁ ଅଭିନନ୍ଦନ ଜଣାଇବା ସହ ଆଗାମୀ ଦିନରେ ସମୀର ମହାନ୍ତିଙ୍କ ନେତୃତ୍ୱରେ ଓଡିଶାରେ ବିଜେପି ସରକାର ଗଠନ ହେବ ବୋଲି କହିଛନ୍ତି। ଆଗାମୀ ଦିନରେ ସମୀର ମହାନ୍ତିଙ୍କ ନେତୃତ୍ୱରେ ଦଳ ଆହୁରି ଆଗକୁ ଯିବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ରାଷ୍ଟ୍ରୀୟ ଅଧକ୍ଷ ଯେମିତି ଭାରତରେ ବିଜେପିକୁ ଆଗକୁ ନେଇଛନ୍ତି ଠିକ୍ ସେହିପରି ସମୀର ମହାନ୍ତି ଏବଂ ପୂରା ବିଜେପି ଟିମ୍ ଓଡିଶାକୁ ଏକ ନମ୍ବର କରାଇବେ ବୋଲି କହିଛନ୍ତି ରାଷ୍ଟ୍ରୀୟ ଉପସଭାପତି ବୈଜୟନ୍ତ ପଣ୍ଡା। ରାଜ୍ୟ କାର୍ଯ୍ୟାଳୟରେ ବିଦ୍ଧିବଦ୍ଧ ଭାବେ ରାଜ୍ୟ ସଭାପତି ଭାବେ ସମୀର ମହାନ୍ତିଙ୍କ ନାଁ ଘୋଷଣା ହେବା ପରେ ପୂର୍ବତନ ସଭାପତି ଓ ସାଂସଦ ବସନ୍ତ ପଣ୍ଡା ନବନିର୍ବାଚିତ ଶ୍ରୀ ମହାନ୍ତିଙ୍କୁ ଦାୟୀତ୍ୱ ଭାର ପ୍ରଦାନ କରିଥିଲେ। ଏହାପରେ ରାଷ୍ଟ୍ରୀୟ ସହ ସାଧାରଣ ସଂପାଦକ (ସଂଗଠନ) ସୌଦାନ ସିଂ, ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ଓ ଓଡିଶା ପ୍ରଭାରୀ ସାଂସଦ ଅରୁଣ ସିଂ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ପ୍ରତାପ ଷଡଙ୍ଗୀ, ରାଷ୍ଟ୍ରୀୟ ଉପସଭାପତି ବୈଜୟନ୍ତ ପଣ୍ଡା, ସାଧାରଣ ସଂପାଦକ (ସଂଗଠନ) ମାନସ କୁମାର ମହାନ୍ତି, ସାଂସଦ ଅପରାଜିତା ଷଡଙ୍ଗୀ, ବିଶେଶ୍ୱର ଟୁଡୁ, ନିତେଶ ଗଙ୍ଗଦେବ, ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ, ଉପନେତା ବିଷ୍ଣୁ ସେଠୀ, ବରିଷ୍ଠ ନେତା ମନମୋହନ ସାମଲ, କେ.ଭି ସିଂହଦେଓ, ସୁରମା ପାଢୀ, ରାଜ୍ୟ ନିର୍ବାଚନ ଅଧିକାରୀ ରଂଜନ ପଟେଲ, ସହ ନିର୍ବାଚନ ଅଧିକାରୀ ସୁଦୀପ୍ତ ରାୟ, ବିଧାୟକ ମୋହନ ମାଝୀ, ଜୟ ନାରାୟଣ ମିଶ୍ର, ଭବାନୀ ଭୋଇ, କୁସୁମ ଟେଟେ, ନାଉରୀ ନାଏକ, ଭାସ୍କର ମଢେଇ, ନବଚରଣ ମାଝୀ, ଡ.ବୁଧାନ ମୁର୍ମୁ, ମୁକେଶ ମହାଲିଙ୍ଗ, ଲଲିଟେନ୍ଦୁ ବିଦ୍ୟାଧର ମହାପାତ୍ର, ଜୟନ୍ତ ଷଡଙ୍ଗୀ, ପ୍ରକାଶ ସୋରେନ, ନିତ୍ୟାନନ୍ଦ ଗଣ୍ଡ ପ୍ରମୁଖ ଉପସ୍ଥିତ ରହିବା ସହ ନୂତନ ରାଜ୍ୟ ସଭାପତିଙ୍କୁ ଅଭିନନ୍ଦନ ଜଣାଇଥିଲେ।

### ଫେବୃଆରୀ ...

ଦିଲ୍ଲୀ ସରକାର ଯୋଗୁଁ ନିର୍ଭୟା ଦୋଷୀଙ୍କୁ ଦଣ୍ଡ ଦିଆଯିବା ବିଳମ୍ବିତ ହୋଇଛି ବୋଲି ବିଜେପି ଅଭିଯୋଗ କରିଥିଲା। ରାଷ୍ଟ୍ରପତିଙ୍କ ପାଖକୁ ପଠାଯାଇଥିବା ରାଜକ୍ଷମା ଆବେଦନ ଖାରଜ ହେଲେ ୧୪ ଦିନ ପରେ ଫାଶୀ ଦିଆଯିବ ବୋଲି ତିହାର ଜେଲ୍ ପ୍ରଶାସନ ପକ୍ଷରୁ ଓକିଲ ରାହୁଲ ମେହେରା କୋର୍ଟଙ୍କୁ କହିଥିଲେ। ରାଜକ୍ଷମା ଆବେଦନ ଖାରଜ ହେବାପରେ ଦୋଷୀଙ୍କୁ ୧୪ ଦିନିଆ ନୋଟିସ୍ ଦେବାକୁ ପଡ଼ିବ। ୨୦୧୨ ଡିସେମ୍ବର ୧୬ ରାତିରେ ଦକ୍ଷିଣ-ଦିଲ୍ଲୀରେ ୨୩ ବର୍ଷୀୟା ପାରାମେଡିକାଲ ଛାତ୍ରୀ ନିର୍ଭୟାଙ୍କୁ ଏକ ଚଳନ୍ତା ବସ୍‌ରେ ଗଣଦୁଷ୍କର୍ମ କରାଯାଇ ତଳକୁ ଫିଙ୍ଗି ଦିଆଯାଇଥିଲା। ଡିସେମ୍ବର ୨୯ରେ ସିଙ୍ଗାପୁର ହସ୍ପିଟାଲ୍‌ରେ ଚିକିତ୍ସିତ ହେବା ସମୟରେ ନିର୍ଭୟାଙ୍କର ମୃତ୍ୟୁ ହୋଇଥିଲା। ଏହି ଘଟଣାରେ ସମ୍ପୃକ୍ତ ୬ ଜଣ ଦୋଷୀଙ୍କ ମଧ୍ୟରୁ ୪ ଜଣ ମୁକେଶ, ପବନ ଗୁପ୍ତା, ବିନୟ ଶର୍ମା ଓ ଅକ୍ଷୟ କୁମାର ସିଂହଙ୍କୁ ୨୦୧୩ ସେପ୍ଟେମ୍ବରରେ ମୃତ୍ୟୁ ଦଣ୍ଡାଦେଶ ହୋଇଥିଲା। ଅପରପକ୍ଷେ ନିର୍ଭୟାଙ୍କ ମା' ଆଶାଦେବୀ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, 'ଏଭଳି ସମ୍ବେଦନଶୀଳ ମାମଲାକୁ ନେଇ ରାଜନୀତି ଚାଲିଛି। କୋର୍ଟରୁ ଫାଶୀ ଦଣ୍ଡାଦେଶ ପାଇବା ସତ୍ତ୍ୱେ ତାକୁ ପାଳନ କରିବା ପାଇଁ ସରକାର ବିଳମ୍ବ କରୁଛନ୍ତି। ଆମ ଯନ୍ତ୍ରଣାକୁ ବୁଝିପାରୁ ନାହାନ୍ତି ସରକାର। ୭ ବର୍ଷ ତଳୁ ମୋ ଝିଅକୁ ହରାଇ ମୁଁ ଏବେ ନ୍ୟାୟ ପ୍ରାର୍ଥନା କରୁଛି।'

### ତରଳୁଛି ...

ଗ୍ଲାସିୟର୍ ଉଦ୍‌ବେଗଜନକ ଭାବେ ତରଳୁଛି। ୧୯୬୦ ଦଶକରେ ସୋଭିଏତ୍ ୟୁନିଅନ୍ ଉପରେ ସତର୍କ ଦୃଷ୍ଟି ରଖିବା ପାଇଁ ଯୁକ୍ତରାଷ୍ଟ୍ର ଆମେରିକାର ଗୁପ୍ତଚର ସଂସ୍ଥା ମହାକାଶରେ ଗୁପ୍ତଚର ଉପଗ୍ରହ 'କୋରୋନା' ସ୍ଥାପନ କରିଥିଲା। ସେହି ଉପଗ୍ରହରୁ ୧୯୬୦ରୁ ୧୯୭୨ ଭିତରେ ସମଗ୍ର ଇଷ୍ଟର୍ଣ୍ଣ ୟୁରୋପ ଓ ଏସିଆର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନର ପ୍ରାୟ ୮ ଲକ୍ଷ ଫଟୋ ଉତ୍ତୋଳନ କରିଥିଲା। ୧୯୯୫ରେ ଉକ୍ତ ଫଟୋଗୁଡ଼ିକୁ ସିଆଇଏ ୱେବସାଇଟ୍‌ରେ ପ୍ରକାଶ କରାଯାଇଥିଲା। ସେହି ଫଟୋଗୁଡ଼ିକ ଭିତରେ ମାଉଣ୍ଟ୍ ଏଭେରେଷ୍ଟର ବହୁ ଫଟୋ ଦେଖିବାକୁ ମିଳିଥିଲା। ଗବେଷକମାନେ ତତ୍କାଳୀନ ଓ ଅଧୁନାତନ ହିମାଳୟ ଫଟୋ ଭିତରେ ଆକାଶ-ପାତାଳ ଫରକ୍ ଦେଖିବାକୁ ପାଇଛନ୍ତି। ୧୯୬୦ ହିମାଳୟ ଫଟୋଗୁଡ଼ିକ ସ୍ଫଟିକ ଭଳି ଉଜ୍ଜ୍ୱଳ ଦିଶୁଥିବା ବେଳେ ସଦ୍ୟ ଉତ୍ତୋଳିତ ଫଟୋଗୁଡ଼ିକ ଅପେକ୍ଷାକୃତ ମଳିନ ଦେଖାଯାଉଛି। ଏହି ଫଟୋଗୁଡ଼ିକ ମଧ୍ୟରୁ ଏଭେରେଷ୍ଟ୍ ଗିରିଶୃଙ୍ଗ ଫଟୋରେ ଗ୍ଲାସିୟର ସ୍ତର ପତଳା ଥିଲା ବୋଲି ବ୍ରିଟେନସ୍ଥିତ ୟୁନିଭର୍ସିଟି ଅଫ୍ ସେଣ୍ଟ୍ ଆଣ୍ଡ୍ରୁସ୍‌ରେ କାର୍ଯ୍ୟରତ ପ୍ରଫେସର୍ ତୋବିୟସ୍ ବୋଲ୍‌ଚ କହିଛନ୍ତି। ଗବେଷକଙ୍କ ମତରେ ୧୯୬୨ରୁ ୧୯୬୯ ଭିତରେ ବାର୍ଷିକ ହାରାହାରି ୨୦ ସେମି ବହଳର ବରଫ ତରଳିଥିବା ଜଣାପଡ଼ିଛି। ମୋଟ ଉପରେ କହିଲେ, ୬୦ ବର୍ଷ ଭିତରେ ମାଉଣ୍ଟ୍ ଏଭେରେଷ୍ଟର ପାଦଦେଶ ଅର୍ଥାତ୍ ରୁଙ୍ଗ୍‌ବୁକ୍ ଓ ଖୁମ୍ବୁ ଅଞ୍ଚଳରୁ ପ୍ରାୟ ୨୬୦ ଫୁଟ୍ (୮୦ ମିଟର) ଗ୍ଲାସିୟର ତରଳିଛି। ସେହି ସମୟ ଭିତରେ ଅଦୂର ଇମ୍‌ଜା ଗ୍ଲାସିୟରରୁ ପ୍ରାୟ ୩୦୦ ଫୁଟ୍ (୧୦୦ ମିଟର) ତରଳିଛି। ତେବେ ୧୯୮୦ ଦଶକରେ ଏହି ହାରରେ ଦ୍ରୁତ ପରିବର୍ତ୍ତନ ଦେଖିବାକୁ ମିଳିଛି। ଗ୍ଲାସିୟର ଉପରେ ହେଉଥିବା ବରଫପାତ ଜମାଟ ବାନ୍ଧିବା ପରିବର୍ତ୍ତେ ନାଳ ଆକାରରେ ତଳକୁ ବହିଯାଉଛି। ଫଳରେ ପର୍ବତାରୋହୀଙ୍କ ଜୀବନ ପ୍ରତି ବିପଦ ବୃଦ୍ଧି ପାଇବାକୁ ଲାଗିଛି। ବିଶ୍ୱତାପନର କୁପ୍ରଭାବ ଭବିଷ୍ୟତରେ ମାଉଣ୍ଟ୍ ଏଭେରେଷ୍ଟ୍‌କୁ ଲଣ୍ଡା ପାହାଡ଼ କରିଦେବା ଅସମ୍ଭବ ନୁହେଁ।

### ପୁରୀ ଲାଗି ...

୫ମହଲା ଉପରେ ୩ଶହ କିଲୋ ୱାଟର ସୋଲାର ସିଷ୍ଟମ ସ୍ଥାପନ କରାଯିବ। ସ୍ୱର୍ଗଦ୍ୱାରର ଉନ୍ନତିକରଣ ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ଫଣ୍ଡରୁ ଅର୍ଥ ଖର୍ଚ୍ଚ କରାଯାଇ ୧୮ଟି ଶବ ସଂସ୍କାର ପାଇଁ ବ୍ୟବସ୍ଥା କରାଯିବ। ଶବ ସଂସ୍କାର କରିବା ପାଇଁ ଆସୁଥିବା ଶବ ବାହକ ଓ ଦାହକମାନଙ୍କ ପାଇଁ ସମସ୍ତ ଆନୁସଙ୍ଗିକ ସୁବିଧା ଯୋଗାଇ ଦିଆଯିବ। ସମୁଦ୍ରକୂଳରେ ୮୦୦ ଉଠାଦୋକାନୀଙ୍କୁ ଥଇଥାନ କରିବା ପାଇଁ ୮୦୦ଟି କିଓସ୍କ ଦୋକାନ ଗୃହ ନିର୍ମାଣ କରାଯିବ । ସିଆରଜେଡ ଆଇନକୁ ଆଖି ଆଗରେ ରଖି ଏଠାରେ ଉଠାଦୋକାନୀମାନଙ୍କୁ ଥଇଥାନ କରାଯିବ। ଏଥିପାଇଁ ୧୨କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଛି। ୫୦ ହଜାର ବର୍ଗଫୁଟ ସ୍ଥାନରେ ୫୦ହଜାର ଜଣଙ୍କ ପାଇଁ ରୋଷେଇଗୃହ ନିର୍ମାଣ କରାଯିବ । ମଧ୍ୟାହ୍ନ ଭୋଜନ ଓ ଆହର କେନ୍ଦ୍ର ପାଇଁ ଏଠାରେ ଖାଦ୍ୟ ପ୍ରସ୍ତୁତ କରାଯିବ। ଗତବର୍ଷ ଅକ୍ଟୋବର ମାସରେ ଓଡିଶା ସରକାର ଅବଢା ଯୋଜନାରେ ପୁରୀପାଇଁ ୩୨୦୮ କୋଟି ଟଙ୍କା ପ୍ରକଳ୍ପ ଘୋଷଣା କରାଯାଇଥିଲା । ୩ବର୍ଷ ଭିତରେ ଏହି କାମ ସଂପୂର୍ଣ୍ଣ ହେବ। ପୁରୀକୁ ବିଶ୍ୱଐତିହ୍ୟ ନଗରୀ କରିବା ପାଇଁ ଏହି ବ୍ୟବସ୍ଥା କରାଯାଇଥିଲା । ୨୦୧୯-୨୦ ଆର୍ଥିକ ବର୍ଷରେ ୭୧୯କୋଟି ଟଙ୍କା ଖର୍ଚ୍ଚ କରାଗଲାଣି। ୨୦୨୦-୨୧ ଆର୍ଥିକ ବର୍ଷରେ ଅବଢା ଯୋଜନାରେ୧୪୦୨କୋଟି ଟଙ୍କା ଓ ୨୦୨୧-୨୨ରେ ୧୦୮୭ କୋଟି ଟଙ୍କା ଖର୍ଚ୍ଚ କରାଯିବ। ମୁଖ୍ୟମନ୍ତ୍ରୀଙ୍କ ଏହି ଗସ୍ତ ସମୟରେ ତାଙ୍କ ସହିତ ୫ଟି ସଚିବ କେ.ଭି ପାଣ୍ଡିଆନ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କିଶନ କୁମାର, ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାସ, ପୁରୀ ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ, ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ, ଡିଆଇଜି ଆଶିଷ ସିଂ, ପୁରୀ ଜିଲ୍ଲାପାଳ ବଲବନ୍ତ ସିଂ, ଏସପି ଡା. ଉମାଶଙ୍କର ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

### ପ୍ରତିବର୍ଷ ...

(ପରିବହନ) ବିଭାଗର ଶୁଣାଣୀ ଥିବାବେଳେ ୩୧ ତାରିଖରେ ମତ୍ସ୍ୟ ଓ ପଶୁପାଳନ ଏବଂ ସମବାୟ ବିଭାଗର ଶୁଣାଣି ହେବ। କଳିଙ୍ଗ ଷ୍ଟାଡିୟମରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଆର୍. କେ ଶର୍ମାଙ୍କ ଅଧିନରେ ବିଭିନ୍ନ ବିଭାଗର ଶୁଣାଣି ଅନୁଷ୍ଠିତ ହେବ। ୨୮ରେ ସେ ମହିଳା ଓ ଶିଶୁ ବିକାଶ ଏବଂ ଅର୍ଥ ବିଭାଗର କର୍ମଚାରୀଙ୍କ ପଦୋନ୍ନତି ମାମଲାର ଶୁଣାଣି କରିବେ। ୨୯ ତାରିଖରେ ଶକ୍ତି ବିଭାଗ, ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତକଳା ବିଭାଗର ଶୁଣାଣି ହେବାକୁ ଥିବାବେଳେ ୩୧ରେ ପର୍ଯ୍ୟଟନ ଏବଂ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ଶୁଣାଣି ଅନୁଷ୍ଠିତ ହେବ। ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ଜେନା ଏସଆଇଆରଡି କନ୍‌ଫରେନ୍ସ ହଲରେ ଶୁଣାଣି କରିବେ। ୨୮ରେ କୃଷି, କୃଷକ ସଶକ୍ତୀକରଣ ବିଭାଗ ଏବଂ ସଂସଦୀୟ ବ୍ୟାପାର ବିଭାଗର ଶୁଣାଣି ହେବ। ସେହିପରି ୨୯ରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଏସ୍‌ସି ଓ ଏସଟି ବିଭାଗର କର୍ମଚାରୀଙ୍କ ଶୁଣାଣି କରାଯିବ। ୩୧ରେ ଗୃହ ଏବଂ ସାଧାରଣ ପ୍ରଶାସନ ଓ ଅଭିଯୋଗ ବିଭାଗର ଶୁଣାଣି ଶ୍ରୀ ଜେନା କରିବେ। ସେହିପରି ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ମୋନା ଶର୍ମା ଇଡକୋ ୫ମ ମହଲାର କନ୍‌ଫରେନ୍ସ ହଲରେ ଶୁଣାଣି କରିବେ। ୨୮ ରେ ପଞ୍ଚାୟତିରାଜ ଓ ପାନୀୟ ଜଳ ଏବଂ ଆଇନ ବିଭାଗର ଶୁଣାଣି ଥିବାବେଳେ ୨୯ରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ, ଇଲୋକ୍ଟ୍ରୋନିକ୍ସ ଓ ଆଇଟି ବିଭାଗର ଶୁଣାଣି ରହିଛି। ସେହିପରି ୩୧ରେ ଡ. ଶର୍ମା ଏମଏସଏମଇ ଓ ଶିଳ୍ପ ବିଭାଗର କର୍ମଚାରୀଙ୍କ ପଦୋନ୍ନତି ସମ୍ପର୍କିତ ମାମଲାଗୁଡ଼ିକର ଶୁଣାଣି କରିବେ ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ସୂଚନାଯୋଗ୍ୟ ଯେ ଗତ ୨୦୧୯ ମସିହା ଡିସେମ୍ବର ୩୧ ସୁଦ୍ଧା ୩୧୬୬ ଜଣ କର୍ମଚାରୀ ପଦୋନ୍ନତି ପାଇଥିଲେ। ତେବେ ଏହି ସମୟ ମଧରେ ଯେଉଁ କର୍ମଚାରୀମାନେ ଉପଯୁକ୍ତ ମାନଦଣ୍ଡ ପୂରଣ କରୁଥିଲେ ହେଁ ବିଭିନ୍ନ କାରଣ ଯୋଗୁଁ ପଦୋନ୍ନତି ପାଇନାହାନ୍ତି ସେମାନଙ୍କ ପାଇଁ ଅଦାଲତ ଗଠନ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଥିଲେ। ଏହି ନିଷ୍ପତ୍ତି ଫଳରେ ସରକାରୀ କର୍ମଚାରୀ ଓ ଅଧିକାରୀଙ୍କୁ ପଦୋନ୍ନତି ପାଇଁ ଆଉ କୌଣସି ସମସ୍ୟା ଭୋଗିବାକୁ ପଡ଼ିବ ନାହିଁ ବୋଲି କୁହାଯାଉଛି।

## ଓଡିଶାରେ ଅଣଓଡିଆ ଅଫିସରଙ୍କ ଶାସନ ଚାଲିଛି : ଦିଗ୍‌ବିଜୟ ସିଂହ

**ଭୁବନେଶ୍ୱର :** ଓଡିଶାରେ ବିଜେଡି - ବିଜେପି ମଧ୍ୟରେ ସୁସମ୍ପର୍କ ରହିଥିବାରୁ କେନ୍ଦ୍ରର ସବୁ କଥାରେ ବିଜେଡି ସମର୍ଥନ କରିଚାଲିଛି ବୋଲି ବରିଷ୍ଠ କଂଗ୍ରେସ ନେତା ଦିଗ୍‌ବିଜୟ ସିଂହ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ଶୁକ୍ରବାର ରାଜ୍ୟ କଂଗ୍ରେସ ଭବନ ଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି ଯେ ଦେଶରେ ଥିବା ବିଭିନ୍ନ ସମସ୍ୟା ଉପରୁ ଦୃଷ୍ଟି ହଟାଇବାପାଇଁ ସିଏଏ ଓ ଏନଆରସିକୁ ଲାଗୁ କରିବାକୁ ଉଦ୍ୟମ କରାଯାଉଛି ।ଦେଶରେ ସିଏଏର ଆବଶ୍ୟକତା ନାହିଁ। କେରଳ ପରେ ପଂଜାବ ବିଧାନସଭାରେ ସିଏଏ ବିରୁଦ୍ଧରେ ପ୍ରସ୍ତାବ ଗୃହୀତ ହୋଇଛି। ଓଡିଶା ରାଜ୍ୟରେ ଗଣତନ୍ତ୍ର ଶାସନ ଚାଲି ନାହିଁ ବରଂ ଅମଲାତାନ୍ତ୍ରିକ ଶାସନ ଚାଲିଛି। ତାଙ୍କ ମଧ୍ୟରେ ଅଣଓଡିଆ ଆଇଏଏସ୍ ଅଫିସର ଓଡିଶାରେ ଶାସନ ଚଳାଉଛନ୍ତି। ସେ ହିଁ କେବଳ ମୁଖ୍ୟମନ୍ତ୍ରୀଙ୍କୁ ଯେତେବେଳେ ଚାହୁଁଛନ୍ତି ଦେଖା କରିପାରୁଛନ୍ତି। ମୁଖ୍ୟମନ୍ତ୍ରୀଙ୍କୁ ମନ୍ତ୍ରୀ , ସାଂସଦ କିମ୍ବା ବିଧାୟକ ଦେଖା କରିପାରୁନାହାନ୍ତି ବୋଲିସେ ଅଭିଯୋଗ କରିଛନ୍ତି।

## ପିଲାଙ୍କ ସହ ମଧ୍ୟାହ୍ନ ଭୋଜନ ଖାଇଲେ ସଂସ୍କୃତି ମନ୍ତ୍ରୀ

**ଭୁବନେଶ୍ୱର :** ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଶ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଶନିବାର ଖୋର୍ଦ୍ଧା ଜିଲ୍ଲା ଜାଆଁଳାସ୍ଥିତ କୃଷ୍ଣଚନ୍ଦ୍ର ସରକାରୀ ଉଚ୍ଚବିଦ୍ୟାଳୟ ଓ ନିକଟସ୍ଥ ବ୍ଲକ୍ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପରିଦର୍ଶନ କରିଛନ୍ତି । ମନ୍ତ୍ରୀ ଶ୍ରୀ ପାଣିଗ୍ରାହୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପରିଦର୍ଶନ କରିଥିଲେ । ସେ ସ୍କୁଲକୁ ଯାଇ ସେଠାରେ ଶିକ୍ଷାଦାନ ବ୍ୟବସ୍ଥା ବୁଲି ଦେଖିଥିଲେ । ପରିମଳ ବ୍ୟବସ୍ଥା ତନଖି କରିବା ସହ ସେ ପାଇଖାନା ଯାଂଚ କରିଥିଲେ । ସ୍କୁଲର ବିଭିନ୍ନ ରେକର୍ଡପତ୍ର ଯାଂଚ କରିବା ସହିତ ପିଲାମାନଙ୍କ ପାଖରେ ବସି ମଧ୍ୟାହ୍ନ ଭୋଜନରେ ସାମିଲ ହୋଇଥିଲେ। ପାଇଖାନା ସ୍ୱଚ୍ଛ ରଖିବା ସହିତ ବିଦ୍ୟାଳୟର ସମସ୍ତ କାଗଜପତ୍ର ଶୃଙ୍ଖଳିତ ଭାବରେ ରଖିବା ଉପରେ ମନ୍ତ୍ରୀ ଶ୍ରୀ ପାଣିଗ୍ରାହୀ ଗୁରୁତ୍ୱ ଦେଇଥିଲେ । ତେବେ ମଧ୍ୟାହ୍ନ ଭୋଜନରେ ପରିଦୃଷ୍ଟ ତ୍ରୁଟି ଏବଂ ପରିମଳ ବ୍ୟବସ୍ଥାରେ ଅବ୍ୟବସ୍ଥା ନେଇ ସେ ଅସନ୍ତୋଷ ପ୍ରକଟ କରିଥିଲେ । ପିଲାମାନଙ୍କ ସାଙ୍ଗ ମତବିନିୟମ କରିବା ସହିତ ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀମାନଙ୍କୁ ଯଥାର୍ଥ ଶିକ୍ଷାଦାନରେ ଧ୍ୟାନଦେବା ଏବଂ ଛାତ୍ରଛାତ୍ରୀଙ୍କ ମଧରେ ଶୃଙ୍ଖଳା ସମେତ ସୃଜନଶୀଳ ପ୍ରତିଭାର ବିକାଶ ପାଇଁ ଉତ୍ସାହ ଦେବାକୁ ମନ୍ତ୍ରୀ ଶ୍ରୀ ପାଣିଗ୍ରାହୀ ପରାମର୍ଶ ଦେଇଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ ମନ୍ତ୍ରୀ ଶ୍ରୀ ପାଣିଗ୍ରାହୀ ସରକାରୀ କାର୍ଯ୍ୟରେ ଗଞ୍ଜାମ ଯାଉଥିବାବେଳେ ବାଟରେ ଉପରୋକ୍ତ କାର୍ଯ୍ୟାଳୟ ଓ ଶିକ୍ଷାନୁଷ୍ଠାନକୁ ଅଚାନକ ପରିଦର୍ଶନ କରିଥିଲେ।

## ପିତାମାତା ଓ ଶିକ୍ଷକ ସମ୍ମିଳନୀ





**ଖୋରଧା :** ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ସରକାରୀ ଉଚ୍ଚ ବିଦ୍ୟାଳୟ ଗୁରୁଜଙ୍ଗ ଠାରେ ପିତାମାତା ଓ ଶିକ୍ଷକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସମ୍ମିଳନୀରେ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସମେତ ଶତାଧିକ ପିତାମାତା ଓ ଅଭିଭାବକମାନେ ଯୋଗ ଦେଇଥିଲେ। ପ୍ରଥମାର୍ଦ୍ଧରେ ସମାପ୍ତି ସୂଚକ ମୂଲ୍ୟାୟନ-୧ର ସମୀକ୍ଷା କରାଯାଇଥିଲା। ଛାତ୍ର ଛାତ୍ରୀମାନଙ୍କର ଶୈକ୍ଷିକ ଉନ୍ନତି ନିମନ୍ତେ ଉପସ୍ଥିତ ସଭ୍ୟ ସଭ୍ୟାମାନେ ସେମାନଙ୍କର ମୂଲ୍ୟବାନ ମତାମତ ପ୍ରଦାନ କରିଥିଲେ। ଦ୍ୱିତୀୟାର୍ଦ୍ଧର ବୈଠକରେ ବିଦ୍ୟାଳୟର ସୁରକ୍ଷା ଛାତ୍ର ଛାତ୍ରୀମାନଙ୍କର ନିୟମିତ ଉପସ୍ଥାନ ଶ୍ରେଣୀ କକ୍ଷରେ ଉପଯୁକ୍ତ ଶିକ୍ଷାଦାନ ଭଳି ଗୁରୁତ୍ୱ ପୂର୍ଣ୍ଣ ଆଲୋଚନା କରାଯାଇଥିଲା। ବାର୍ଷିକ ସର୍ବନିମ୍ନ ୩ଥର ଏହି ସମ୍ମିଳନୀ ଆହୁତ ହେବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ରାଜ୍ୟ ରାଜପଥ କଡ଼ରେ ବିଦ୍ୟାଳୟର ଅବସ୍ଥିତି ଥିବାରୁ ମୁଖ୍ୟ ପାଠକର ସମ୍ମୁଖ ଭାଗରେ ହମ୍ପସ ନିର୍ମାଣ କରିବା ପାଇଁ ଅଭିଭାବକମାନେ ମତବ୍ୟକ୍ତ କରିଥିଲେ। ମୋ ସ୍କୁଲ ଯୋଜନାରେ ସମସ୍ତେ ସାମିଲ ହେବା ପାଇଁ ପ୍ରତିଶୃତି ପ୍ରଦାନ କରିଥିଲେ। ଉକ୍ତ ସମ୍ମିଳନୀକୁ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ବସନ୍ତ କୁମାର ରଥ ସଂଯୋଜନା କରିଥିବା ବେଳେ ରମେଶ କୁମାର ସାହୁ ଏବଂ ସାମ୍ବାଦିକ କେଦାରନାଥ ସାହୁ ଶିକ୍ଷାକର ଉନ୍ନତି ପାଇଁ ସରକାରଙ୍କ ନିର୍ଦ୍ଦେଶ ନାମା ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଇଥିଲେ।

# କଥା ସାହିତ୍ୟର ସମ୍ରାଟ ଫକୀର ମୋହନ



ଅକ୍ଷୟ କୁମାର ରାଉତ



**ବି**ଚିତ୍ର ଏ ପୃଥିବୀ। କିଏ ଧନୀ ତ କିଏ ଦରିଦ୍ର, କିଏ ରାଜା କିଏ ପ୍ରଜା, କିଏ ସବଳ କିଏ ଦୁର୍ବଳ। ଦୁର୍ବଳ ଉପରେ ସବଳର ଅତ୍ୟାଚାର ଜୀବଜଗତର ଏକ ପ୍ରଧାନ ପ୍ରକୃତି। ଛାଗ-ଶାର୍ଦ୍ଦୁଳ, ମୂଷିକ-ମାର୍ଜାର, ସର୍ପ-ଦର୍ଦ୍ଦୁର ଓ ଶ୍ୱେନ-କପୋତର ସମ୍ପର୍କରୁ ଏହି ପ୍ରକୃତିର ଯଥେଷ୍ଟ ପରିଚୟ ପାଉ। ଏହି ପ୍ରକୃତି, ଜଗତର ପ୍ରତ୍ୟେକ ପ୍ରାନ୍ତ, ପ୍ରତ୍ୟେକ କ୍ଷେତ୍ର ଓ ପ୍ରତ୍ୟେକ ଅନ୍ଧିସନ୍ଧିରେ ଦେଖିବାକୁ ମିଳେ। ମାନବ ସମାଜରେ ଯେଉଁମାନେ ଶକ୍ତିଶାଳୀ, ସେମାନେ ଶାର୍ଦ୍ଦୁଳ ପରି ଭୟଙ୍କର ଏବଂ ସର୍ପ ପରି ମାରାତ୍ମକ। ଏହି ସବଳ ବ୍ୟକ୍ତିମାନେ ଦୁର୍ବଳ ମାନଙ୍କ ଉପରେ ଅତ୍ୟାଚାର କରି ସେମାନଙ୍କୁ ନାନା ଭାବରେ ଶୋଷଣ କରି ନିଜର ସ୍ୱାର୍ଥବାସନ ଚରିତାର୍ଥ କରନ୍ତି। ଚାଲିଥିଲା ଓଡିଆ ଜାତି, ଭାଷା ଓ ଶିକ୍ଷା ଉପରେ ଅକଥନୀୟ ଅତ୍ୟାଚାର। ଇଷ୍ଟଇଣ୍ଡିଆ କମ୍ପାନୀ ସାଙ୍ଗକୁ ବଙ୍ଗାଳୀମାନେ ନାନା କୃତିମ ଉପାୟରେ ଓଡିଶାର ଜମିବାଡିକୁ ନିଲାମ କରୁଥିଲେ। ଷଡଯନ୍ତ୍ର କରି ଓଡିଆ ଭାଷାକୁ ଲୋପ କରି ବଙ୍ଗଳା ଭାଷା ପ୍ରଚଳନ କରିବାକୁ ଆପ୍ରାଣ ଉଦ୍ୟମ ଚଳାଇଥିଲେ। ଏହିପରି ଏକ ଘଡିସନ୍ଧି ମୁହୂର୍ତ୍ତରେ, ଜନ୍ମନେଲେ ଓଡିଆ କଥା ସାହିତ୍ୟର ସମ୍ରାଟ, ଅଦ୍ୱିତୀୟ ଔପନ୍ୟାସିକ ଫକୀର ମୋହନ ସେନାପତି।

୧୮୪୩ ମସିହା ଜାନୁୟାରୀ ମାସ ୧୩ ତାରିଖ ମକର ସଂକ୍ରାନ୍ତି ମାଘ, କୃଷ୍ଣ ତ୍ରୟୋଦଶୀ, ଶୁକ୍ରବାର ପୂର୍ବାହ୍ନରେ ଓଡିଶାର ବାଲେଶ୍ୱର ଜିଲ୍ଲା ମଲ୍ଲିକାଶପୁର ନାମକ ଗ୍ରାମରେ ଖଣ୍ଡାୟତ କୁଳରେ ଜନ୍ମ ଗ୍ରହଣ କରିଥିଲେ। ପିତାଙ୍କ ନାମ ଲକ୍ଷ୍ମଣ ଚରଣ ସେନାପତି ମାଆ ତୁଳସୀ ଦେଇ। ଅତି ଶୈଶବରୁ ପିତାମାତାଙ୍କୁ ହରାଇ ଫକୀର ମୋହନ ନିଜ ପିତାମହୀ କୁଚିଳା ଦେଈଙ୍କ ଦ୍ୱାରା ଲାଳିତପାଳିତ ହୋଇଥିଲେ। ଫକୀର ମୋହନଙ୍କର ପିତୃମାତୃ ଦତ ନାମ ଥିଲା ବ୍ରଜ ମୋହନ। ଦୁଃସାଧ ରୋଗରେ ପୀଡିତହୋଇ ଜୀବନ ସଙ୍କଟରେ ପଡିବାରୁ କୁଚିଳାଦେଈ ପୀର ଠାକୁରଙ୍କୁ ସମର୍ପଣ କରିଦେଇଥିଲେ। ବ୍ରଜ ମୋହନ ହେଲେ ଫକୀର ମୋହନ।

ବଡ ବାପାଙ୍କ ଅତ୍ୟାଚାର ପେଟର ଭୋକକୁ ପଛରେ ପକାଇ ଫକୀର ମୋହନ ମନଦେଇ ପାଠପଢ଼ିଲେ। ଚାହାଳୀ ପାଠ ଶେଷକରି ପାର୍ଶି ଅବୈତନିକ ସ୍କୁଲ ପାଠ ପଢ଼ିଲେ। ପଢ଼ା ଛାଡି ଜାହାଜାତି କାରବାରରେ ଯୋଗଦେଲେ। ଜାହାଜାତି କାର୍ଯ୍ୟ ବନ୍ଦ ହେବାରୁ କଚେରୀରେ ନିମକ୍ ମାହାଲ ସିରସ୍ତାରେ କାର୍ଯ୍ୟକଲେ। ବଙ୍ଗଳା ଶିକ୍ଷା ପରେ ଓଡିଆ ଓ ବଙ୍ଗଳାର କଚେରୀ ସିରସ୍ତାରେ କାର୍ଯ୍ୟକଲେ। ବାରବାଟୀ ବଙ୍ଗୋତ୍କଳ ବିଦ୍ୟାଳୟରେ ପାଠପଢ଼ା ସମୟରେ ବିଦ୍ୟାଳୟର ଦରମା ଦେଇନପାରି ପଢ଼ାଛାଡି ଦେଲେ। ବାରବାଟୀ ସ୍କୁଲ ସମ୍ପାଦକ ଶିବନ୍ଦ୍ର ସୋମ, ଫକୀର ମୋହନଙ୍କୁ ଡକାଇ ସେଇ ସ୍କୁଲର ତୃତୀୟ ଶିକ୍ଷକ ପଦରେ ନିଯୁକ୍ତ କରିଦେଲେ। ଦରମା ମାସିକ ଅଢ଼େଇ ଟଙ୍କାରୁ ବୃଦ୍ଧିହୋଇ ପାଞ୍ଚଟଙ୍କା ହେଲା। ସେ ଶିକ୍ଷାଦାନ ସହିତ ଜ୍ଞାନାର୍ଜନ ପାଇଁ ବିଭିନ୍ନ ବହି ପଢ଼ାପଢ଼ି କରୁଥିଲେ। ଏହି ସମୟରେ ବାଲେଶ୍ୱର ମିସନେରି ବିଦ୍ୟାଳୟରେ ଦଶଟଙ୍କା ବେତନରେ ପ୍ରଧାନ ଶିକ୍ଷକ ପଦବୀରେ ନିଯୁକ୍ତି ହେଲେ (ଖ୍ରୀ.ଅ. ୧୮୬୪)। ମିସନ୍ ବିଦ୍ୟାଳୟ ଓ ମିସନ୍ ବାଳିକା ବିଦ୍ୟାଳୟ ଗୋଟିଏ ବଡ ବଙ୍ଗଳାରେ ହେଉଥିଲା। ବାଳିକା ବିଦ୍ୟାଳୟରେ ବିଶ୍ୱନାଥ ଶତପଥୀ ନାମରେ ଜଣେ ପଣ୍ଡିତ ଥିଲେ। ବିଦ୍ୟାଳୟ ଚାଲିଥିଲା ସମୟରେ ଶାରଦା ନାମ୍ନୀ ଗୋଟିଏ ଛାତ୍ରୀର ଆବଶ୍ୟକ ପଡିବାରୁ ଫକୀରମୋହନ ପଣ୍ଡିତ ବିଶ୍ୱନାଥଙ୍କ ନିକଟକୁ ଏକ ଲେଖା ପଠାଇଥିଲେ।

ପଣ୍ଡିତ ବିଶ୍ୱନାଥ ଲେଖିଥିଲେ - "ଲଜ୍ଜାବତୀ ନେଛତି ତତ୍ର ଗନ୍ତୁମ୍"

ଫକୀର ମୋହନ ସେହି ଲେଖାକୁ ପୂରଣ କରିବାକୁ ପଣ୍ଡିତଙ୍କୁ କହିଲେ। ତତ୍‌କ୍ଷଣାତ୍ ମୁହେଁ ମୁହେଁ ପଣ୍ଡିତ କହିଲେ :-

"ଉତୁଙ୍ଗ ବକ୍ଷାହି ନିତମ୍ବ ଗୁର୍ବୀ
ନବୀନ ଧାରାଧର ଚାରୁକେଶା
ସଦୈବ ହାସ୍ୟାମୃତ ପୂର୍ଣ୍ଣବକ୍ତ୍ରା
ଲଜ୍ଜାବତୀ ନେଛତି ତତ୍ର ଗନ୍ତୁମ୍

ଏହି ପଣ୍ଡିତଙ୍କଠାରୁ ଫକୀର ମୋହନ ପ୍ରେରଣା ପାଇ ଲେଖାଲେଖି କରିବାକୁ ଆଗ୍ରହ ପ୍ରକାଶ କରିଥିଲେ। ପଶି ସାହେବ ଓ ମେୟର୍ଶ ସାହେବଙ୍କୁ ଫକୀରମୋହନ ବଙ୍ଗଳା ପଢ଼ାଉଥିଲେ। ପଶି ସାହେବ, ସିରସ୍ତାରେ ଫକୀର ମୋହନଙ୍କୁ ମୁନ୍‌ସି କାର୍ଯ୍ୟରେ ନିଯୁକ୍ତ ଦେଲେ। କିନ୍ତୁ ଏହି କାର୍ଯ୍ୟରେ ଲେଖା ପଢ଼ା ଆଦି କର୍ମ ଓ ବିଦ୍ୟାନୁଶୀଳନରେ ବାଧା ଉପୁଜିବାରୁ ପୁନର୍ବାର ମିସନ୍ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପଦକୁ ଫେରି ଆସିଲେ। ବିଦ୍ୟାଳୟର ସମ୍ପାଦକ ଇ.ସି.ବି ହାଲମ୍ ଏକ ଓଡିଆ ବ୍ୟାକରଣ ରଚନା କରିଥିଲେ। ଏହି ସମୟରେ ମିସନ୍ ବିଦ୍ୟାଳୟର ତିନିଜଣ ପିଲା ସମଗ୍ର ଉତ୍କଳରେ ସର୍ବଶ୍ରେଷ୍ଠ ସ୍ଥାନ ଅଧିକାର କରି ବୃତି ପାଇବାକୁ ଯୋଗ୍ୟ ହେବାରୁ ହାଲମ ସାହେବ ଫକୀର ମୋହନଙ୍କ ବେତନ ପଚିଶ ଟଙ୍କାକୁ ବୃଦ୍ଧି କରିଦେଇଥିଲେ। ହାଲମ ସାହେବ ଫକୀରମୋହନଙ୍କୁ ବାଲେଶ୍ୱର ଜିଲ୍ଲାପାଳ ଜନ୍ ବୀମ୍‌ସଙ୍କ ସହିତ ପରିଚୟ କରାଇଦେଲେ। ବଙ୍ଗାଳୀ ଓ ଓଡିଆ ମଧ୍ୟରେ ଗୋଷ୍ଠୀ ବିବାଦ ଲାଗି ରହିଥିଲା। ବିମ୍‌ସ ସାହେବଙ୍କ ସହାୟତା ହେତୁ ବଙ୍ଗାଳୀମାନେ ଫକୀର ମୋହନଙ୍କର କ୍ଷତିକରିପାରୁ ନଥିଲେ। ବାଲେଶ୍ୱରରେ ସ୍ତ୍ରୀଶିକ୍ଷାର ପ୍ରଚାର, ଓଡିଆ ଭାଷାର ପ୍ରତିରକ୍ଷା ଏବଂ ଓଡିଆ ଭାଷାର ପୁଷ୍ଟିସାଧନ କାର୍ଯ୍ୟରେ ବୀମ୍‌ସ ସାହେବ ଫକୀରମୋହନଙ୍କୁ ବହୁ ସାହାଯ୍ୟ କରିଥିଲେ। ହାଲମ ସାହେବ ଫକୀର ମୋହନଙ୍କ ଦରମା ତିରିଶ ଟଙ୍କାକୁ ବଢ଼ାଇ ଦେଇଥିଲେ।

୧୮୬୬ ଖ୍ରୀଷ୍ଟାବ୍ଦରେ ଓଡିଶାରେ ନଅଙ୍କ ଦୁର୍ଭିକ୍ଷ ପଡିଥିଲା। ଏହି ସମୟରେ ରେଭେନ୍‌ସା ସାହେବ ଓଡିଶାର ନୂତନ କମିଶନର ଭାବରେ କାର୍ଯ୍ୟଭାର ଗ୍ରହଣ କରିଥିଲେ। ଅମଲାମାନଙ୍କ ଭୁଲ ପରାମର୍ଶ ଉପରେ ବିଶ୍ୱାସ କରି ରେଭେନ୍‌ସା ସାହେବ କୌଣସି ପ୍ରତିଷେଧକ ବ୍ୟବସ୍ଥା କରିପାରିନଥିଲେ। ସେ ସମୟରେ ଗମନାଗମନ ବା ରେଳପଥର ସୁବିଧା ନଥିଲା। ଦୁର୍ଭିକ୍ଷ ସମୟରେ ବାହାରୁ ଖାଦ୍ୟ ଯୋଗାଣ ସମ୍ଭବ ନହେବାରୁ ଓଡିଶାର ଏକ ତୃତୀୟାଂଶ ଲୋକ ମୃତ୍ୟୁମୁଖରେ ପଡିଥିଲେ। ଦେଶବାସୀଙ୍କ ସାଂଘାତିକ ଦୂରବସ୍ଥା ଲକ୍ଷ୍ୟକରି ଫକୀର ମୋହନ ଦୁଃଖରେ ଅଭିଭୂତ ହୋଇ ପଡିଥିଲେ। ତେଣୁ ସେ ଆକାଶ ତଳେ ବିଲ ମଧ୍ୟରେ ଆସନ ପାରି ଲୋକମାନଙ୍କ ପ୍ରାଣରକ୍ଷା ପାଇଁ ପରମେଶ୍ୱରଙ୍କୁ ପ୍ରାର୍ଥନା କରୁଥିଲେ। ଦୁର୍ଭିକ୍ଷ ପରେ ତାଙ୍କର



ପାଳନକର୍ତ୍ରୀ ଜେଜେମା କୁଚିଳା ଦେଈଙ୍କର ଜ୍ୟେଷ୍ଠ ମାସରେ ଚଉସ୍ତରୀ ବର୍ଷରେ ଦେହାବସାନ ଘଟିଲା।

ଏହି ସମୟରେ ଓଡିଶା ବୋଲି କୌଣସି ସ୍ୱତନ୍ତ୍ର ପ୍ରଦେଶ ନଥିଲା। ସମ୍ବଲପୁର ପ୍ରଭୃତି ବହୁ ଓଡିଆ ଅଞ୍ଚଳ ମଧ୍ୟପ୍ରଦେଶରେ ଥିଲା, ଗଞ୍ଜାମ ଓ କୋରାପୁଟ ପ୍ରଭୃତି ଅଂଚଳ ମାନ୍ଦ୍ରାଜ ପ୍ରଦେଶରେ ଥିଲା।ବଙ୍ଗ, ବିହାର, ଆସାମ ଓ ଓଡିଶାକୁ ଘେନି ଗୋଟିଏ ପ୍ରଦେଶରେ ଥିଲା। କଟକ, ପୁରୀ, ବାଲେଶ୍ୱର ଓ ଅନୁଗୁଳ ଘେନି ଓଡିଶା ଡିଭିଜନ୍ ବୋଲି କୁହାଯାଉଥିଲା। ବଙ୍ଗାଳୀମାନେ ନାନା କୃତିମ ଉପାୟରେ ଓଡିଶାର ଜମିଦାରୀକୁ ନିଲାମ କରୁଥିଲେ। ଷଡଯନ୍ତ୍ର କରି ଓଡିଆ ଭାଷାକୁ ଲୋପକରି ବଙ୍ଗାଳି ଭାଷା ବିଦ୍ୟାଳୟରେ ପ୍ରଚଳନ କରିବା ଆପ୍ରାଣ ଉଦ୍ୟମ ଚଳାଇଥିଲେ। ଓଡିଆ ଭାଷା ସାହିତ୍ୟ ପ୍ରତି ବଙ୍ଗାଳୀମାନଙ୍କ ତାଚ୍ଛଲ୍ୟ ଫକୀର ମୋହନଙ୍କ ହୃଦୟକୁ ବଡ ଆଘାତ ଦେଉଥିଲା। ଏହି ସବୁ ପରିସ୍ଥିତି ମଧ୍ୟରେ ଫକୀର ମୋହନ ଅନୁଭବ କଲେ, ଓଡିଆ ସାହିତ୍ୟ ଓ ମାତୃଭାଷାର ଉନ୍ନତି ନ ଘଟିଲେ ଓଡିଆମାନେ ଚିରକାଳ ପଡୋଶୀମାନଙ୍କ ଦ୍ୱାରା ଲାଞ୍ଛିତ ଓ ଅବହେଳିତ ରହିବେ। ଫକୀରମୋହନ ମାତୃଭାଷାର ଉନ୍ନତି ସକାଶେ କିଛି କିଛି ଚୌପଦୀ ରଚନା କରି ତାଙ୍କ ଗ୍ରାମର କୃଷ୍ଣଲୀଳା ଯାତ୍ରା ଦଳ ମାଧ୍ୟମରେ ଗାଇବାକୁ ଦେଲେ। ଈଶ୍ୱରଚନ୍ଦ୍ର ବିଦ୍ୟାସାଗରଙ୍କ ବଙ୍ଗଳା "ଜୀବନ ଚରିତ" ଓଡିଆରେ ଅନୁବାଦ କରି ଛପାଇଥିଲେ। ଫକୀର ମୋହନ ୧୮୬୮ ଖ୍ରୀଷ୍ଟାବ୍ଦରେ ବାଲେଶ୍ୱରଠାରେ ଏକ ଛାପାକଳ ପ୍ରତିଷ୍ଠା କଲେ ଏବଂ ଏକ ଓଡିଆ ସାପ୍ତାହିକ ପତ୍ରିକା ପ୍ରକାଶ କରିଥିଲେ। ଏହି ପତ୍ରିକାର ସାହିତ୍ୟ ବିଷୟକ ଅଂଶର ନାମ ଥିଲା 'ବୋଧଦାୟିନୀ' ଏବଂ ସମ୍ବାଦ ବିଷୟକ ଅଂଶର ନାମ ଥିଲା 'ବାଲେଶ୍ୱର ସମ୍ବାଦବାହିକା'। ଏହି ପତ୍ରିକାରେ ଫକୀରମୋହନ କ୍ଷୁଦ୍ର ଗଳ୍ପ 'ଲଛମନିଆ' ପ୍ରକାଶ କରିଥିଲେ।

ବଙ୍ଗଦେଶର କାନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟ ନାମକ ଜଣେ ବଙ୍ଗାଳୀ ଓଡିଆକୁ ଅତି ବିକୃତ ଉଚ୍ଚାରଣ କରି, ଓଡିଆ ଏକ ଭାଷା ନୁହେଁ,ଏହି ମର୍ମରେ 'ଉଡିଆ ସ୍ୱତନ୍ତ୍ରଭାଷା ନୟ' ଏକ ପୁସ୍ତକ ଲେଖିଥିଲେ। ବଙ୍ଗାଳୀମାନେ ଏହାକୁ ହିଁ ସମ୍ବଳକରି ଓଡିଶା ଭାଷାକୁ ସରକାରଙ୍କ ହୁକୁମ ମାଧ୍ୟମରେ ଉଠାଇଦେଇଥିଲେ। ବାଲେଶ୍ୱରରୁ ଫକୀରମୋହନ ଓ କଟକରୁ ଗୌରୀଶଙ୍କର ରାୟ ଓଡିଆମାନଙ୍କୁ ସଂଗଠିତ କରି ସରକାରଙ୍କଠାରେ ଦରଖାସ୍ତ କରିବାରୁ ସରକାରଙ୍କଠାରୁ ଆସିଲା ହୁକୁମ - "ଓଡିଶାର ସମସ୍ତ ବିଦ୍ୟାଳୟରୁ ବଙ୍ଗଭାଷୀ ସମ୍ପୂର୍ଣ୍ଣ ରୂପେ ଉଠାଇ ଦିଆଯାଉ ଏବଂ ଓଡିଆ ଭାଷାର ବହୁଳ ପ୍ରଚାର ନିମନ୍ତେ ସ୍ଥାନେ ସ୍ଥାନେ ସ୍କୁଲ ସ୍ଥାପିତ ହେଉ"। ଫକୀର ମୋହନଙ୍କ ପ୍ରଚେଷ୍ଟା ଫଳରେ ରେମୁଣାଠାରେ ଏକ ମଧ୍ୟ ଇଂରାଜୀ ବିଦ୍ୟାଳୟ ପ୍ରତିଷ୍ଠା ହୋଇ ପାରିଥିଲା। ଏହି ସମୟରେ ଫକୀର ମୋହନ "ଭାରତବର୍ଷର ଇତିହାସ" ନାମକ ପୁସ୍ତକ ଲେଖି ଦୁଇ ଭାଗରେ ପ୍ରକାଶ କରିଥିଲେ। ଉତ୍କଳ ପ୍ରେସ୍‌ରେ ପ୍ରଥମଭାଗ ୧୮୬୯ ଏବଂ ଦ୍ୱିତୀୟଭାଗ ୧୮୭୦ରେ ପ୍ରକାଶ ପାଇଲା। ଏଥିପାଇଁ ସେ ସ୍କୁଲ ଇନ୍‌ସପେକ୍ଟରଙ୍କଠାରୁ ସାତଶ'ଟଙ୍କା ଓ ରେଭେନ୍‌ସା ସାହେବଙ୍କଠାରୁ ତିନି ଶ' ଟଙ୍କା ପୁରସ୍କାର ପାଇଥିଲେ।

ଫକୀର ମୋହନଙ୍କ ୧୮୭୨ ମସିହାରେ ପତ୍ନୀ ବିୟୋଗ ଘଟିଲା। ତାଙ୍କୁ ମାତ୍ର ୨୯ ବର୍ଷ। ତେଣୁ ସେ ଦ୍ୱିତୀୟ ପତ୍ନୀ ଭାବେ ୧୨ ବର୍ଷ ବୟସର କୃଷ୍ଣକୁମାରୀଙ୍କୁ ବିବାହ କଲେ। ଏହି ସମୟରେ ବାଲେଶ୍ୱର କଲେକ୍ଟର ଜନ୍ ବୀମସ୍ ସାହେବଙ୍କ ପ୍ରସ୍ତାବ ଅନୁସାରେ ଗଡ଼ଜାତର ସୁପରିଟେଣ୍ଡେଟ୍, ଫକୀର ମୋହନଙ୍କୁ ନୀଳଗିରିର ଦେୱାନ ରୂପେ ନିଯୁକ୍ତି କଲେ। ତେଣୁ ଫକୀରମୋହନ ନୀଳଗିରିର ରାଣୀଙ୍କ ନାମରେ 'ନିର୍ମଳା ହାଟ' ଏବଂ ଏକ ସଂସ୍କୃତ ଟୋଲ ବସାଇଥିଲେ। ନଡିଆ, କୋବି, ତୁତ ଓ ଚା ଚାଷର ଉନ୍ନତି ସାଧନ କରିଥିଲେ।

ଫକୀରମୋହନ ବଙ୍ଗଳା ଦକ୍ଷିଣ ପଶ୍ଚିମ ବିଭାଗର ସ୍କୁଲ ଇନ୍‌ସପେକ୍ଟର ଆର୍.ଏଲ୍.ମାର୍ଟିନ ସାହେବଙ୍କୁ ୧୮୭୫ରେ ଦେଖାକରିବାକୁ ଯାଇଥିଲେ। ହିନ୍ଦୁସ୍ଥାନୀ ଦରୱାନ୍ ସହିତ ଇଂରାଜୀ କଥାବାର୍ତ୍ତା କରିନପାରିବାରୁ ନିଜକୁ ଅପମାନିତ ବୋଧକଲେ। ତେଣୁ ସେ ବାଲେଶ୍ୱରର ମୋତିଗଞ୍ଜ ବଜାରର ଦକ୍ଷିଣ ପ୍ରାନ୍ତର ଏକ ପୋଖରୀ ପାଖରେ ଥିବା ପକ୍‌କା ଉପରେ ବସି ନିଜ ଚେଷ୍ଟାରେ ଇଂରାଜୀ ଶିକ୍ଷାକଲେ। ଡିକ୍‌ସିନାରୀ ମାହାର୍ଯ୍ୟରେ ଆରବିଆନ୍ ନାଇଟ୍, ରବିନସନ୍ କ୍ରୁଶୋ, ହିଷ୍ଟରି ଅଫ୍ ବେଙ୍ଗଲ, ବାଇବଲ, ସେକ୍‌ସେପିଅର ଟେଲ ପ୍ରଭୃତି ବହି ପଢ଼ି ଇଂରାଜୀ ଶିକ୍ଷା କରିଥିଲେ। ଢ଼େଙ୍କାନାଳର ଆସିଷ୍ଟାଣ୍ଡ ମ୍ୟାନେଜର ଥିବା ସମୟରେ ତାଙ୍କର ପ୍ରଥମ ପୁଅ ଜନ୍ମହେବାର ଛମାସରେ ମୃତ୍ୟୁବରଣ କଲା। ଏହି ଦୁଃଖରେ ପତ୍ନୀଙ୍କୁ ମାନସିକ ଯନ୍ତ୍ରାଣାରୁ ଉଦ୍ଧାର କରିବା ନିମନ୍ତେ ରାମାୟଣ ବୋଲିବାର ଆୟୋଜନ କଲେ। ପତ୍ନୀ କୃଷ୍ଣକୁମାରୀ କିଛି ବୁଝିପାରନ୍ତିନି। ତେଣୁ ସଂସ୍କୃତ ବାଲ୍ମୀକି ରାମାୟଣକୁ ଓଡିଆରେ ରଚନା କଲେ। ଫକୀର ମୋହନଙ୍କ ବାଳକାଣ୍ଡ ୧୮୮୦ ଖ୍ରୀ.ଅ, ଅଯୋଧ୍ୟାକାଣ୍ଡ ୧୮୮୪ ଖ୍ରୀ.ଅ, ଆରଣ୍ୟକାଣ୍ଡ ୧୮୮୫ ଖ୍ରୀ.ଅ, କିଷ୍କିନ୍ଧ୍ୟାକାଣ୍ଡ ୧୮୮୫ ଖ୍ରୀ.ଅ, ସୁନ୍ଦରକାଣ୍ଡ ୧୮୮୭ ଖ୍ରୀ.ଅ, ଲଙ୍କାକାଣ୍ଡ ୧୮୯୦ ଖ୍ରୀ.ଅ ଏବଂ ଉତରାକାଣ୍ଡ ୧୮୯୫ ଖ୍ରୀ.ଅ ରେ ଉତ୍କଳ ପ୍ରେସ୍‌ରେ ମୁଦ୍ରିତ ହୋଇଥିଲା। ଫକୀର ମୋହନ ସଂସ୍କୃତ ମହାଭାରତକୁ ଓଡିଆରେ ଅନୁବାଦ କରି ବ୍ୟାସକବି ଉପାଧି ପାଇଥିଲେ। ଫକୀର ମୋହନ ଓଡ଼ିଶାର ଛବିଶ ଗଡ଼ଜାତ ମଧ୍ୟରୁ ପ୍ରାୟ ଅଧିକାଂଶ ଗଡ଼ଜାତର ଦେୱାନ ଥିଲେ। କେନ୍ଦୁଝର ମହାରାଜାଙ୍କର ଦେୱାନ (୧୮୮୭) ପଦରେ ଫକୀର ମୋହନ ନିଯୁକ୍ତି ହେଲେ। ୧୮୯୧ ଖ୍ରୀ.ଅ.ରେ ଭୂୟାଁ ଧରଣୀଧର ନାୟକଙ୍କ ନେତୃତ୍ୱରେ ପ୍ରଜାମେଳି ଆନ୍ଦୋଳନ ହେଲା। ଫକୀର ମୋହନ ଭୂୟାଁମାନଙ୍କ ଦ୍ୱାରା ବନ୍ଦୀ ହେଲେ। କୌଶଳ ସହକାରେ ଫକୀର ମୋହନ କେନ୍ଦୁଝର ରାଜାଙ୍କ ନିକଟକୁ ଉପାୟ ଲେଖି ପଠାଇବାରୁ ରାଜାଙ୍କର ସୈନ୍ୟମାନେ ଧରଣୀଧର ପ୍ରଭୃତିଙ୍କୁ ବନ୍ଦୀ କରି ଫକୀର ମୋହନଙ୍କୁ ଉଦ୍ଧାର କଲେ। ହାତୀ ଉପରେ ବସି ଭଦ୍ରକରୁ ଆନନ୍ଦପୁର ଆସିବା ବାଟରେ ଉତ୍କଳର ଯେତେ ସାହିତ୍ୟିକ ଓ ପ୍ରଧାନଲୋକଙ୍କର ଗୁଣାବଳିକୁ କବିତା ଆକାରରେ ଲେଖିଥିଲେ। ଏହି ବହିଟି ସେ 'ଉତ୍କଳ ଭ୍ରମଣ' ନାମ ଦେଇଥିଲେ । (୧୯୦୨ ଖ୍ରୀ.ଅ.)

୧୮୯୪ ଖ୍ରୀ.ଅ ରେ ଫକୀର ମୋହନଙ୍କ ପତ୍ନୀ କୃଷ୍ଣକୁମାରୀ ମୃତ୍ୟୁ ଲାଭ କରନ୍ତେ, ଫକୀରମୋହନ ନିଜର ଦୁଃଖ ଓ ମନର ବେଦନାକୁ 'ପୁଷ୍ପମାଳ' ଓ 'ଉପହାର' ନାମକ ଦୁଇଟି କବିତା ପୁସ୍ତକରେ ପ୍ରକାଶ କରିଥିଲେ। କଟକ, ବାଖରାବାଦରେ ଥିବା ସମୟରେ 'ଅବସରବାସରେ' ଏକ କବିତା ପୁସ୍ତକ ପ୍ରକାଶ କରିଥିଲେ। ପୂର୍ଣ୍ଣଚନ୍ଦ୍ରଙ୍କ ମାଧ୍ୟମରେ ସେ ଉପନିଷଦକୁ ଓଡିଆରେ ଅନୁବାଦ କରିଥିଲେ। 'ରେବତୀ' ନାମକ ଗଳ୍ପ ବିଶ୍ୱନାଥ କରଙ୍କ ଉତ୍କଳ ସାହିତ୍ୟ ପତ୍ରିକାରେ ପ୍ରକାଶ କରିଥିଲେ। 'ଛ ମାଣ ଆଠଗୁଣ୍ଠ' ଉପନ୍ୟାସଟି ୧୯୦୨ ଖ୍ରୀ.ଅ.ରେ ଫକୀରମୋହନ ପ୍ରକାଶ କରିଥିଲେ। 'ଅପୂର୍ବ ମିଳନ' ବା 'ଲଛମା' ନାମରେ ଏକ ଉପନ୍ୟାସ ଛଦ୍ମନାମ ଧୂର୍ଜଟି ନାମରେ, ଉତ୍କଳ ସାହିତ୍ୟର ଧାରାବାହିକ ଭାବରେ ପ୍ରକାଶ ପାଇଥିଲା ଓ ପରେ ପୁସ୍ତକ ଭାବରେ ପ୍ରକାଶ ପାଇଥିଲା। ସେ ସମୟରେ ବାଲେଶ୍ୱରରେ 'ମାମୁଁ', 'ପ୍ରାୟଶ୍ଚିତ', ନାମକ ଦୁଇଟି ଉପନ୍ୟାସ, ବୌଦ୍ଧାବତାର' ନାମକ କାବ୍ୟ, 'ଗଳ୍ପସ୍ୱଳ୍ପ' ଓ ଆତ୍ମଜୀବନ ଚରିତ ପ୍ରକାଶ କରିଥିଲେ।

୧୯୧୬ରେ ଫକୀର ମୋହନ ବାମଣ୍ଡାର 'ସୁରତରଙ୍ଗିଣୀ ସାରସ୍ୱତ ସମିତି' ଦ୍ୱାରା 'ସରସ୍ୱତୀ' ଉପାଧିରେ ଭୂଷିତ ହୋଇଥିଲେ। ୧୯୧୭ ମସିହାରେ ଫକୀର ମୋହନ ଉତ୍କଳ ସମ୍ମିଳନୀର ସଭାପତି ଆସନ ଅଳଂକୃତ କରିଥିଲେ। ୧୯୧୮ ଖ୍ରୀ.ଅ. ଜୁନ୍ ମାସ ୧୪ ତାରିଖରେ ସାଢ଼େ ପଂଚସ୍ତରୀ ବର୍ଷ ବୟସରେ ଇହଲୀଳା ସମ୍ବରଣ କଲେ।

*ପାରଦୀପଗଡ଼, କୁଜଙ୍ଗ, ଜଗତ୍‌ସିଂହପୁର*
*ଦୂରଭାଷ : ୯୯୩୭୬୯୧୪୭୫*





# ଅବହେଳିତ ବୁଢ଼ାରାଜା ପର୍ଯ୍ୟଟନ ସ୍ଥଳୀ

**ସମ୍ବଲପୁର, (ଦାମୋଦର ପଣ୍ଡା) :** ସମ୍ବଲପୁର ସହରର ମଧ୍ୟଭାଗରେ ରହିଛି ବୁଢ଼ାରାଜା ପାହାଡ, ଶୀର୍ଷରେ ମହାଦେବ ଶିବଙ୍କ ମନ୍ଦିର ଏବଂ ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏଙ୍କ ଏକ ଗୁମ୍ଫା ମଧ୍ୟ ରହିଛି। ପର୍ଯ୍ୟଟନ ଓ ଐତିହାସିକ ତଥା ଆଧ୍ୟାତ୍ମିକ ଦଷ୍ଟିକୋଣରୁ ମଧ୍ୟ ଏହାର ଗୁରୁତ୍ୱ ରହିଛି। ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ଚାରିବର୍ଷ ତଳୁ ୧ କୋଟି ଟଙ୍କାର ତିନୋଟି ପ୍ରକଳ୍ପ ନିର୍ମାଣ କରାଯାଉଥିବା ବେଳେ ଗୋଟିଏ ଶେଷ ହୋଇଥିବା ବେଳେ ଅନ୍ୟ ଦୁଇଟିର କାମ ଅଧାପନ୍ତରିଆ ଭାବେ ପଡିରହିଛି। ଫଳରେ ବୁଢ଼ାରାଜାକୁ ନେଇ ଯେଉଁ ପରିକଳ୍ପନା କରାଯାଇଥିଲା ତାହା ସାକାର ହୋଇପାରିନାହିଁ।

ପାହାଡର ଶୀର୍ଷରେ ପ୍ରତିଦିନ ତ୍ରିରଙ୍ଗା ଉଡାଯିବାର ବ୍ୟବସ୍ଥା କରାଯାଇଥିଲା, ଏବେ ବନ୍ଦ ରହିଛି। ପାହାଡ ଉପରେ ଏକ ୱାଚ ଟାୱାର ନିର୍ମାଣ କରାଯାଉଛି







ଯେଉଁଠୁ ପର୍ଯ୍ୟଟକମାନେ ସମ୍ବଲପୁର ସହରର ଦୃଶ୍ୟ ଉପଭୋଗ କରିପାରନ୍ତେ। ସେଇ କାର୍ଯ୍ୟ ଧୀର ମନ୍ଥର ଗତିରେ ଚାଲିଛି। ଏହି ପାହାଡରେ ୨୦୧୬ ଏପ୍ରିଲ ୧୮ ତାରିଖରେ ପର୍ଯ୍ୟଟକଙ୍କ ପାଇଁ ଏକ କମ୍ୟୁନିଟି ସେଣ୍ଟର ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଯାହା ସମ୍ପୂର୍ଣ୍ଣ ହୋଇପାରିନି। ପର୍ଯ୍ୟଟନ ଓ ବନ ବିଭାଗର ମିଳିତରେ ନିର୍ମାଣ ହେଉଥିବା ଏହି ପ୍ରକଳ୍ପରେ ଉଭୟ ବିଭାଗର ସମନ୍ୱୟ ନଥିବା ପରିଲକ୍ଷିତ ହେଉଛି। ଠିକାଦାର ନିର୍ମାଣରେ ବିଳମ୍ବ କରୁଥିବା ବେଳେ ବିଭାଗୀୟ କର୍ତ୍ତୃପକ୍ଷ ମଧ୍ୟ ଠୋସ୍ ପଦକ୍ଷେପ ନେଉନାହାନ୍ତି। ଅପରପକ୍ଷରେ ପାହାଡର ପାଦଦେଶ ଜବରଦଖଲରେ ରହିଛି। ଜବରଦଖଲକାରୀଙ୍କ ସଂଖ୍ୟା ଧୀରେ ଧୀରେ ବଢୁଥିବା ବେଳେ ପ୍ରଶାସନ ଓ ବନ ବିଭାଗ ନିରବ ରହିଛନ୍ତି। ଜବରଦଖଲକାରୀ କ୍ରମଶଃ ପାହାଡ ଉପରକୁ ମାଡିଯାଇଥିବାର ଦେଖାଯାଇଛି। ପାହାଡର ଗଛ କାଟି ଗାଈର ଗୁହାଳ ନିର୍ମିତ ହେବା ସହ ଜବରଦଖଲକାରୀ ଖୋଲା ଶୌଚ ପାଇଁ ବ୍ୟବହାର କରୁଛନ୍ତି। ଏ ସମ୍ପର୍କରେ ଅତିରିକ୍ତ ଜିଲ୍ଲାପାଳ ତଥା ମହାନଗର ନିଗମର କମିଶନର ଲିଙ୍ଗରାଜ ପଣ୍ଡା ଚିରାଚରିତ ଢଙ୍ଗରେ ବିକାଶ ଦିଗରେ ନିର୍ମାଣ ହେଉଥିବା ପ୍ରକଳ୍ପ ଶୀଘ୍ର ଶେଷ କରିବା ପାଇଁ ନିର୍ଦ୍ଦେଶ ଦେବେ ବୋଲି କହିଛନ୍ତି।







### ଫକୀରମୋହନ ସେନାପତିଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ

# 'ଓଡ଼ିଆ ଭାଷାର ସୁରକ୍ଷା ଓ ବହୁଳ ବ୍ୟବହାର ଆମ ପାଇଁ ଏକ ଆହ୍ୱାନ'



**ଭୁବନେଶ୍ୱର :** ଭାଷାଭିତ୍ତିକ ଓଡ଼ିଶା ପ୍ରଦେଶ ଗଠନରେ ବ୍ୟାସକବି ଫକୀରମୋହନ ସେନାପତିଙ୍କର ଅବଦାନ ଅତୁଳନୀୟ। ଓଡ଼ିଆରେ ଉପନ୍ୟାସ, ଗଳ୍ପ ଓ କାବ୍ୟ ଆଦି ରଚନା କରି ସମାଜକୁ ସଂସ୍କାରଧର୍ମୀ ବାର୍ତ୍ତା ଦେଇଥିଲେ ଫକୀରମୋହନ। ସମ୍ପ୍ରତି ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ଶିକ୍ଷାଲାଭ କରିବାର ଧାରା ବୃଦ୍ଧି ପାଉଥିବାବେଳେ ଛାତ୍ରଛାତ୍ରୀମାନେ ଓଡ଼ିଆ ଭାଷାକୁ କୌଣସି ମାତ୍ରାରେ ଅବହେଳା ପ୍ରଦର୍ଶନ କରିବା ଉଚିତ୍ ନୁହେଁ। ଆମ ଭାଷାର ସୁରକ୍ଷା, ବହୁଳ ବ୍ୟବହାର ଓ ପ୍ରଚାର ପ୍ରସାର ଦିଗରେ ଆଜି ସବୁବର୍ଗର ଜନସାଧାରଣଙ୍କ ପାଇଁ ଆହ୍ୱାନ ହୋଇଛି ବୋଲି ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ଅନନ୍ତ ଦାସ ସୂଚନା ଦେଇଛନ୍ତି। ବୁଧବାର ସ୍ଥାନୀୟ ଜୟଦେବଭବନରେ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଆୟୋଜିତ ଓଡ଼ିଶାର ବରପୁତ୍ର ବ୍ୟାସକବି ଫକୀରମୋହନ ସେନାପତିଙ୍କ ରାଜ୍ୟସ୍ତରୀୟ ଜୟନ୍ତୀରେ ମୁଖ୍ୟଅତିଥିଭାବେ ଯୋଗଦେଇ ଶ୍ରୀ ଦାସ ମତବ୍ୟକ୍ତ କରିଛନ୍ତି। ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ କୃପାସିନ୍ଧୁ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତାଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରଫେସର ସନ୍ତୋଷ ତ୍ରିପାଠୀ କହିଲେ ଯେ, ଓଡ଼ିଆ ଭାଷାକୁ ଫକୀରମୋହନ ପ୍ରଥମେ ଜ୍ଞାନ ଓ ଯୁକ୍ତିର ଭାଷାଭାବେ ଉପସ୍ଥାପନ କରିଥିଲେ। ତାଙ୍କ ଲେଖାରେ ନାରୀଶିକ୍ଷା, ନାରୀ ସ୍ୱାଧୀନତା, ନାରୀମାନଙ୍କ ଆର୍ଥିକ ସ୍ୱାବଲମ୍ବନଶୀଳତା ଏବଂ ଏକାନ୍ନବର୍ତ୍ତୀ ପରିବାରର ସକାରାତ୍ମକ ଭାବଧାରା ପ୍ରସ୍ଫୁଟିତ ହେଉଥିଲା। ସମ୍ମାନିତ ଅତିଥିଭାବେ ଉତ୍କଳ ପ୍ରସଙ୍ଗ ଏବଂ ଓଡ଼ିଶା ରିଭ୍ୟୁର ସମ୍ପାଦକ ଡ. ଲେନିନ୍ ମହାନ୍ତି ଯୋଗଦେଇ କହିଥିଲେ ଯେ, ଓଡ଼ିଆ ସାହିତ୍ୟର କାଳଜୟୀ ସ୍ରଷ୍ଟା ଫକୀରମୋହନ ଓଡ଼ିଆ ଜାତିର ମଉଡ଼ମଣୀ। ଓଡ଼ିଆ ଭାଷାର ସୁରକ୍ଷା ପାଇଁ ଫକୀରମୋହନଙ୍କ ଉଦ୍ୟମ ଜାରି ରହିଥିଲା। ଆମେ ଓଡ଼ିଆ ଭାଷାକୁ ଗଭୀରଭାବେ ଭଲପାଇବା ସହିତ ଅଧିକରୁ ଅଧିକ ଓଡ଼ିଆ ପୁସ୍ତକ ଅଧ୍ୟୟନ କଲେ ଆମ ଭାଷା ଓ ଜାତିର ଉନ୍ନତି ଘଟିବ ବୋଲି ସେ କହିଥିଲେ। ଏହି ଅବସରରେ ବିଭାଗ ପକ୍ଷରୁ ଆୟୋଜିତ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରାରମ୍ଭରେ ରାଜଧାନୀ କଳାନିକେତନର ଶିଳ୍ପୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା ଏବଂ ପଞ୍ଚମବେଦ ପକ୍ଷରୁ ଫକୀରମୋହନଙ୍କ ଲୋକପ୍ରିୟ ନାଟକ 'ପେଟେଣ୍ଟ ମେଡିସିନ୍' ମଞ୍ଚସ୍ଥ ହୋଇଥିଲା। କାର୍ଯ୍ୟକ୍ରମକୁ ସୂଚନା ଅଧିକାରୀ ସଚ୍ଚିଦାନନ୍ଦ ବେହେରା ସଂଯୋଜନା କରିଥିବାବେଳେ ଶେଷରେ ବିଭାଗୀୟ ନିର୍ଦ୍ଦେଶକ ନିରଞ୍ଜନ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସକାଳେ ବାଣୀବିହାରସ୍ଥିତ ବ୍ୟାସକବି ଫକୀରମୋହନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ବିଧାୟକ ଅନନ୍ତ ଦାସ, ବାଣୀବିହାର କୁଳପତି ପ୍ରଫେସର ସୌମେନ୍ଦ୍ର ମୋହନ ପଟ୍ଟନାୟକ, ବିଭାଗୀୟ ନିର୍ଦ୍ଦେଶକ ଶ୍ରୀ ମିଶ୍ର, ପୂର୍ବତନ ବରିଷ୍ଠ ପ୍ରଶାସକ ଗୋପୀନାଥ ମହାନ୍ତି, ଯୁଗ୍ମ ନିର୍ଦ୍ଦେଶକ ବିପିନ ବିହାରୀ ବାରିକ୍, ସହାକାରୀ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସଙ୍କ ସମେତ ଉତ୍କଳ ସମ୍ମିଳନୀର କର୍ମକର୍ତ୍ତା ଯୋଗଦେଇ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

## ସରିଆସୁଛି ଧୋନୀଙ୍କ ଯୁଗ !



**ନୂଆଦିଲ୍ଲୀ :** ଭାରତୀୟ ଦଳର ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂହ ଧୋନୀଙ୍କ ଅବସରକୁ ନେଇ ସବୁବେଳେ ଚର୍ଚ୍ଚା ଲାଗି ରହିଥାଏ। ଧୋନୀ ଅବସର ନେବେ ନା ଆଉ କିଛିଦିନ ଖେଳିବେ, ଏହା ଜାଣିବା ଲାଗି କ୍ରିକେଟପ୍ରେମୀ ତଥା ଧୋନୀଙ୍କ ପ୍ରଶଂସକଙ୍କ ମଧ୍ୟରେ ସବୁବେଳେ ଉତ୍କଣ୍ଠା ଦେଖିବାକୁ ମିଳିଥାଏ। ତେବେ ବିସିସିଆଇ (ବୋର୍ଡ ଅଫ୍ କ୍ରିକେଟ୍ ଫର କଣ୍ଟ୍ରୋଲ ଇନ୍ ଇଣ୍ଡିଆ) ପକ୍ଷରୁ ପ୍ରକାଶିତ ବାର୍ଷିକ ଚୁକ୍ତି ତାଲିକାରୁ ଧୋନୀଙ୍କୁ ବାଦ୍ ଦିଆଯିବା ପରେ ତାଙ୍କ ଯୁଗ ଶେଷ ହୋଇଯାଇଥିବା ଚର୍ଚ୍ଚା ହେଉଛି। ଗୁରୁବାର ବିସିଆଇ ଭାରତୀୟ ଖେଳାଳିମାନଙ୍କ ବାର୍ଷିକ ଚୁକ୍ତି ତାଲିକା ଜାରି କରିଛି। ୨୦୧୯ ଅକ୍ଟୋବରରୁ ୨୦୨୦ ସେପ୍ଟେମ୍ବର ପର୍ଯ୍ୟନ୍ତ ଥିବା ଏହି ଚୁକ୍ତି ତାଲିକାରେ ଧୋନୀଙ୍କ ନାମ ନାହିଁ। ଧୋନୀ ଅବସର ନେବା ବିଷୟରେ ଘୋଷଣା କରି ନଥିଲେ ହେଁ ଗତବର୍ଷ ତାଙ୍କୁ 'ଏ' ଗ୍ରେଡ୍ କଣ୍ଟ୍ରାକ୍ଟ ମିଳିଥିବା ବେଳେ ଏଥର ବାଦ୍ ଦିଆଯାଇଥିବାରୁ ସେ କ୍ରିକେଟରୁ ସନ୍ନ୍ୟାସ ନେବା ଲାଗି ଯୋଜନା କରୁଥିବା କଥାକୁ ନେଇ ପୁଣି ଚର୍ଚ୍ଚା ଜୋର ଧରିଛି। ସୂଚନାଥାଉ କି, ନୂଆ କଣ୍ଟ୍ରାକ୍ଟ ତାଲିକା ଅନୁଯାୟୀ ବର୍ତ୍ତମାନର ଅଧିନାୟକ ବିରାଟ କୋହଲି, ଓପନର ରୋହିତ ଶର୍ମା ଏବଂ ଦ୍ରୁତ ବୋଲର ଯଶପ୍ରୀତ ବୁମ୍ରା ଗ୍ରେଡ୍ 'ଏ' ପ୍ଲସ ତାଲିକାରେ ରହିଛନ୍ତି। ସେହିପରି ଗ୍ରେଡ୍ 'ଏ'ରେ ଆର ଅଶ୍ୱିନୀ, ରବୀନ୍ଦ୍ର ଜାଡେଜା, ଭୁବନେଶ୍ୱର କୁମାର, ଚେତେଶ୍ୱର ପୂଜାରା, ଆଜିଙ୍କ୍ୟ ରାହାଣେ, କେ.ଏଲ୍ ରାହୁଲ, ଶିଖର ଧାୱନ, ମହମ୍ମଦ ସାମି, ଈଶାନ୍ତ ଶର୍ମା, କୁଲଦୀପ ଯାଦବ ଏବଂ ଋଷଭ ପନ୍ଥ ରହିଛନ୍ତି। ଏହାବ୍ୟତୀତ ଗ୍ରେଡ୍ 'ବି'ରେ ଋଦ୍ଧିମାନ ଶାହା, ଉମେଶ ଯାଦବ, ଯୁଜବେନ୍ଦ୍ର ଚହଲ, ହାର୍ଦ୍ଦିକ ପାଣ୍ଡ୍ୟା ଏବଂ ମୟଙ୍କ ଅଗ୍ରୱାଲ ରହିଛନ୍ତି। ୨୦୦୪ ଡିସେମ୍ବର ୨୩ରେ ବାଂଲାଦେଶ ବିପକ୍ଷରେ ଧୋନୀ ପ୍ରଥମେ ଅନ୍ତର୍ଜାତୀୟ କ୍ରିକେଟ୍‌ରେ ପଦାର୍ପଣ କରିଥିଲେ। ୨୦୧୯ ବିଶ୍ୱକପ୍ ସେମିଫାଇନାଲରେ ନ୍ୟୁଜିଲାଣ୍ଡ ବିପକ୍ଷ ମ୍ୟାଚ୍ ତାଙ୍କର ଶେଷ ମ୍ୟାଚ୍ ଥିଲା। ନିଜର ଦୃଢ଼ ଏବଂ ଅଭିଜ୍ଞ ନେତୃତ୍ୱ ବଳରେ ସେ ୨୦୧୧ରେ ଭାରତକୁ ବିଶ୍ୱକପ ଦେଇଥିଲେ। ଧୋନୀ ଅନ୍ତର୍ଜାତୀୟ କ୍ୟାରିୟରରେ ୯୦ଟି ଟେଷ୍ଟ ମ୍ୟାଚ୍, ୩୫୦ ଦିନିକିଆ ଏବଂ ୯୮ଟି ଟି-୨୦ ମ୍ୟାଚ୍ ଖେଳିଥିଲେ।

## ବିଜେଇଏମ୍ ସ୍କୁଲର ୪୭ତମ ପ୍ରତିଷ୍ଠା ଦିବସ



**ଭୁବନେଶ୍ୱର :** ବିଜେଇଏମ୍ ସ୍କୁଲର ୪୭ତମ ପ୍ରତିଷ୍ଠା ଦିବସ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ବକ୍ସି ଜଗବନ୍ଧୁଙ୍କ ପ୍ରତିମୂର୍ତ୍ତି ସଫେଇ କରାଯାଇ ପୁଷ୍ପମାଲ୍ୟ ଅର୍ପଣ କରାଯିବା ସହିତ ବିଦ୍ୟାଳୟରେ ରୁଦ୍ରାକ୍ଷ ବୃକ୍ଷ ରୋପଣ କରାଯାଇଥିଲା। ପ୍ରତିଷ୍ଠା ଦିବସର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ରାଜ୍ୟ ସଂଗ୍ରହାଳୟର କ୍ୟୁରେଟର ସୁଚରିତା ମନ୍ତ୍ରୀ ଯୋଗ ଦେଇଥିଲେ। ବିଜେଇଏମ୍ ପରିଚାଳନା କମିଟିର ଅଧ୍ୟକ୍ଷ ରଘୁନାଥ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପରିଚାଳନା କମିଟିର ମ୍ୟାନେଜର ପ୍ରତାପ କୁମାର ଜେନା, ଅତିରିକ୍ତ ମ୍ୟାନେଜର ଚିତ୍ତରଞ୍ଜନ ବରିଶାଳ ପ୍ରମୁଖ ଯୋଗଦେଇ ସାମ୍ପ୍ରତିକ ସମୟରେ ଶିକ୍ଷା ବ୍ୟବସ୍ଥାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷା ସଂଧ୍ୟା ଜେନା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଉପାଧ୍ୟକ୍ଷା ପଲ୍ଲବୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

## ଓଡିଶାବାସୀ ମୋ ପରିବାର : ନବୀନ

**ଭୁବନେଶ୍ୱର :** ପ୍ରଶାସନିକ ଅଧିକାରୀମାନେ ହେଉଛନ୍ତି ପରିବର୍ତ୍ତନ ଧାରାର ମୁଖ୍ୟ ବାହାକ। ରାଜ୍ୟବାସୀଙ୍କ ଜୀବନ ଧାରଣ ମାନରେ ପରିବର୍ତ୍ତନ ଆଣିବା କ୍ଷେତ୍ରରେ ନିଷ୍ଠା ଓ ଆନ୍ତରିକତାର ସହ କାର୍ଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ବରିଷ୍ଠ ଆଇଏଏସ୍ ଅଧିକାରୀ ଓ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଶୁକ୍ରବାର ଦିନ ଲୋକସେବା ଭବନ ସ୍ଥିତ କନଭେନସନ୍ ହଲ୍ ଠାରେ ଅନୁଷ୍ଠିତ ମିଳିତ ସମ୍ମିଳନୀରେ ଉଦବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ରାଜ୍ୟରେ ବସବାସ କରୁଥିବା ସାଢେ ୪ କୋଟି ଜନସାଧାରଣ ତାଙ୍କର ପରିବାର। ସେମାନଙ୍କ ସୁଖ ଦୁଃଖ ବୁଝିବା , ସାମଗ୍ରିକ ବିକାଶ କରିବା ହେଉଛି ତାଙ୍କର ଉତର ଦାୟିତ୍ୱ। ଏଥିପାଇଁ ଯେତେସବୁ ଯୋଜନା ପ୍ରସ୍ତୁତ କରାଯାଉଛି ସେଗୁଡିକର ସଫଳ ରୁପାୟନ କିଭଳି ହେବ ତା ଉପରେ ଗୁରୁତ୍ୱ ଦେବାକୁ ମୁଖ୍ୟମନ୍ତ୍ରୀ କହିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ମୁଁ ଚାହେଁ ଆମର ପିଲାମାପେ ଗୁଣାତ୍ମକ ଶିକ୍ଷା ପାଆନ୍ତୁ। ଆମର ଭାଇଭଉଣୀମାନେ ଭଲ ଚାକିରୀ କରନ୍ତୁ। ଆମ ପରିବାରର ବରିଷ୍ଠ ମାନେ ଉତମ ସ୍ୱାସ୍ଥ୍ୟ ସେବା ପାଆନ୍ତୁ। ମୋ ସରକାରର ମୁଖବନ୍ଧରେ ଆମର ପ୍ରଶାସନର ବିଶେଷତ୍ୱ ପ୍ରତିଫଳିତ ହୋଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଉପସ୍ଥିତ ସବୁ ମନ୍ତ୍ରୀ ଓ ଅଧିକାରୀମାନଙ୍କୁ ଶପଠ ପାଠ କରାଇଥିଲେ। ଜନସାଧାରଣ ହେଉଛନ୍ତି ଗଣତନ୍ତ୍ରର ଆତ୍ମା। ଗଣତନ୍ତ୍ରରେ ପ୍ରତିଟି ଅନୁଷ୍ଠାନ ଲୋକଙ୍କ କଲ୍ୟାଣ ପାଇଁ, ଲୋକଙ୍କ ପଇସାରେ , ଲୋକଙ୍କ ସେବା ଓ ସଶକ୍ତିକରଣ ପାଇଁ ସୃଷ୍ଟି କରାଯାଇଛି। ଏହି ପୋଲିସ୍ ଥାନା, ଡାକ୍ତରଖାନା, କାର୍ଯ୍ୟାଳୟ ଲୋକଙ୍କ ସେବା ପାଇଁ ଅଛି ଲୋକମାନେ ହିଁ ଏହାର ପ୍ରକୃତ ମାଲିକ। ଏହି କାର୍ଯ୍ୟାଳୟକୁ ଆସୁଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ ଉତମ ବ୍ୟବହାର ପ୍ରଦର୍ଶନ କରାଯିବା ସହ ବୃତିଗତ ଏବଂ ସେବା ମନୋଭାବ ନେଇ ସେମାନଙ୍କ ସମସ୍ୟା ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରାଯିବ। ଲୋକମାନେ ହେଉଛନ୍ତି ପ୍ରକୃତ ସରକାରଏବଂ ଏଠାରେ କାମ କରୁଥିବା ସମସ୍ତ କର୍ମଚାରୀ ଲୋକଙ୍କ ପଇସାରେ ହିଁ ବେତନ ପାଉଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହି ଶପଥପାଠ କରାଇଥିଲେ।


ଏକମାତ୍ରର ୪ର୍ଥ ସ୍ୱନକ୍ଷତ୍ର ଦିବସରେ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ।



ସଦାନନ୍ଦ ସାହୁ
ଜିଲ୍ଲା ପ୍ରତିନିଧି,ମୟୂରଭଞ୍ଜ



ଏକମାତ୍ରର ୪ର୍ଥ ସ୍ୱନକ୍ଷତ୍ର ଦିବସରେ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ।



ବିଶ୍ୱଜିତ୍ ମହାନ୍ତି
ସ୍ୱତନ୍ତ୍ର ପ୍ରତିନିଧି, ଭବାନୀପାଟଣା






ଯାଜପୁର : ରାଜ୍ୟର ପ୍ରସିଦ୍ଧ ଶୈବପୀଠ ତଥା ପଞ୍ଚଦେବ ପୀଠ ମହାବିନାୟକ ମନ୍ଦିର ପରିସରରେ ଧର୍ମଶାଳା ମହାବିଦ୍ୟାଳୟ-୧୯୯୫ ବ୍ୟାଚ୍ ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି।


ପବିତ୍ର ମକର ସଂକ୍ରାନ୍ତି ଓ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ସମସ୍ତଙ୍କୁ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ରାୟଗଡ଼ା ତରଫରୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହିତ ସମସ୍ତଙ୍କ ସୁଖ ସମୃଦ୍ଧି କାମନା କରୁଛୁ।

ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା
ରାୟଗଡ଼ା




ଭୁବନେଶ୍ୱର : ଚିତ୍ରଶିଳ୍ପୀ ଓ କଥାଶିଳ୍ପୀ ସଞ୍ଜୟ ଭଞ୍ଜଙ୍କୁ ଦମୟନ୍ତୀ ଚାରିଟେବୁଲ ଟ୍ରଷ୍ଟ, ଭୁବନେଶ୍ୱର ପକ୍ଷରୁ ସୃଜନଶୀଳତା ପାଇଁ 'ପ୍ରଥମ ଓଡ଼ିଶା ବ୍ୟକ୍ତିତ୍ୱ' ସମ୍ମାନ ପ୍ରଦାନ କରାଯିବା ଅବସରରେ ପ୍ରଖ୍ୟାତ କବି ହରପ୍ରସାଦ ଦାଶ ଓ ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀ।

## ଶ୍ରୀଶ୍ରୀ ମହାବୀର ମନ୍ଦିରର ୧୭ତମ ପ୍ରତିଷ୍ଠା ଉତ୍ସବ





**ଭୁବନେଶ୍ୱର :** ଚନ୍ଦ୍ରଶେଖରପୁର ନୀଳାଦ୍ରି ବିହାର ସେକ୍ଟର-୨ରେ ଥିବା ଶ୍ରୀଶ୍ରୀ ମହାବୀର ମନ୍ଦିରର ୧୭ତମ ପ୍ରତିଷ୍ଠା ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ କଳସ ଯାତ୍ରା, ହୋମଯଜ୍ଞ ଓ ପୂର୍ଣ୍ଣାହୂତୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ହଜାର ହଜାର ଶ୍ରଦ୍ଧାଳୁ ଭକ୍ତ ଯୋଗଦାନ କରି ମହାବୀରଙ୍କ କୃପାଭିକ୍ଷା କରିଥିଲେ। ଦୁଇଦିନ ଧରି ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କର୍ତ୍ତା ମନୋଜ କୁମାର ବେହେରା, ଧୀରେନ୍ଦ୍ର କୁମାର ରାୟ ନିଷ୍ଠାର ସହ ମହାବୀରଙ୍କ କାର୍ଯ୍ୟ ସମ୍ପାଦନ କରିଥିବା ବେଳେ ପୂଜକ ବିଚିତ୍ରାନନ୍ଦ ଶତପଥୀ ଏବଂ ତାଙ୍କ ସହଯୋଗୀମାନେ ଯଜ୍ଞ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ପ୍ରକାଶ କୁମାର ସାହୁ, ବିଭୂ ମହାନ୍ତି, ଦେବାଶିଷ ପଣ୍ଡା, ପୂର୍ବତନ କର୍ପୋରେଟର ଦେବେନ୍ଦ୍ର କୁମାର ମଲ୍ଲିକ, ମିହୀର କୁମାର ମହାନ୍ତି, ତପନ କୁମାର ପାତ୍ର, ବିଶ୍ୱରଞ୍ଜନ ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ।


PLOT FOR SALE
MOUZA:BHOLA



N.H. Bye Pass (Old Trunk Road), Near ASBM College, Chandaka, Bhubaneswar, Odisha
Contact : 8658607286



PLOT FOR SALE



MOUZA : JUJHAGADA
(Back side of Nandankanan Zoo)
BHUBANESWAR
Contact : 865807286 / 8917571455



MOUZA : BEGUNIA BOREHI
(NEAR CV RAMAN COLLEGE)
TAMANDO - YELLOW ZONE
BHUBANESWAR
30ft Approch Road
Contact : 8658607286 / 8917571455



PLOT FOR SALE@BHUBANESWAR



30ft Internal Road
Mouza : Pandiapada
Contact Immediately :
8658607286 / 8917571455

Yellow Zone, 30ft wide Road
Mouza : Dakhina Mundamuhan
(Near CV Raman College)
100ft Proposed BDA Road
Contact Immediately :
8658607286 / 8917571455



ଡକ୍ଟର ବିଜୟଲକ୍ଷ୍ମୀ ଭୂୟାଁ



Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com

Chief Editor : **Bibhuti Bhusan Patra** | Managing Editor : **Laxmipriya Dash** | Editor : **Tarak Mohanty**

ମୁଖ୍ୟ ସମ୍ପାଦକ : ବିଭୁତି ଭୂଷଣ ପାତ୍ର | ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ | ସମ୍ପାଦକ : ତାରକ ମହାନ୍ତି